# ମଦ ଖାଇ ମାଆ ପ୍ରତି ମନ୍ତବ୍ୟ ଦେବା ଦେଓଗାଁ ରେଳ ଧାରଣାରେ ପଡ଼ିଥିବା ଯୁବକର ହତ୍ୟାର କାରଣ : ଦୁଇ ଅଭିଯୁକ୍ତ ଗିରଫ

ବଲାଙ୍ଗିର, ୧୨/୧୨ (ନି.ପ୍ର): ନିଜର ମା ସମ୍ପର୍କ ରେ ମନ୍ତବ୍ୟ ଯୋଗୁଁ ହଠାତ ଉତ୍ତେଜିତ ହୋଇ ହତ୍ୟା କରିଥିବା ଦେଓଗାଁ ରେଳ ଧାରଣା ରେ ମିଳିଥିବା ଖଣ୍ଡ ବିଖଣ୍ଡିତ ଅଜଣା ଯୁବକ ମୃତ ଦେହ ରହସ୍ୟ ପୋଲିସ ରହସ୍ୟ ଭେଦ କରିଛି ।ଏକାଠି ମଦ ଖାଉଥିବା ବେଳେ ହତ୍ୟାକାରୀ ମା ପ୍ରତି ଅଶାଳୀନ ମନ୍ତବ୍ୟ ଦେବା ଯୋଗୁଁ ଦେଓଗାଁ ରେଳ ଷ୍ଟେସନ ପାଖ ଏକ ପୋଲ ରେ ବସି ପରସ୍ପର କୁ ଜାଣିଥିବା ତିନି ଜଣଙ୍କ ଭିତରେ ଗଣ୍ଡଗୋଳ ହୋଇ ହଠାତ୍ ଉତ୍ତେଜିତ ହୋଇ ପାଖରେ ଥିବା ପଥର ଖଣ୍ଡ ରେ ସୁଶିଲ ଓରଫ ବୁଲୁ ବାଗ (୨୬)ମୁଣ୍ଡ ଓ ଅନ୍ୟ ସ୍ଥାନରେ ଛେଚି ସଚ୍ଚିଦାନନ୍ଦ ନନ୍ଦ ଓରଫ ଅମନ ସାଗର ନନ୍ଦ (୨୫) ଓ କାଳିଆ ଓରଫ ଖେତ୍ରମଣୀ ସେନାପତି (୨୮) ଦେଓଗାଁ ଭାନିଆ ପଡ଼ା ର ମାରି ଦେଇଥିଲେ ବୋଲି ବଲାଙ୍ଗିର ପୋଲିସ ପ୍ରକାଶ କରିଛି । ଆଜି ବଲାଙ୍ଗିର ଆରକ୍ଷୀ ଅଧିକ୍ଷକ ରିସିକେଶ ଦ୍ୟାନଦେଓ ଖିଲାରୀ ତାଙ୍କ କାର୍ଯ୍ୟାଳୟ ରେ ସାମ୍ବାଦିକ ମାନଙ୍କୁ ସୂଚନା ଦେଇଛନ୍ତି । ଗତ ୧୦ ତାରିଖ ରାତି ୯.୩୦ ରେ ତାଙ୍କ ପୁଅ ସୁଶିଲ କୁ ହତ୍ୟା କରାଯାଇ ଥିବା ଦେଓଗାଁ ଥାନା ଅନ୍ତର୍ଗତ ସହଜ ବାହାଲ ଗ୍ରାମର ଈଶ୍ୱର ବାଗ ଆସି ଥାନାରେ ଅଭିଯୋଗ ଦାଖଲ କରିଥିଲେ , ତାଙ୍କ ପୁଅ ତୁଷୁରା ଥାନା ଅନ୍ତର୍ଗତ ସିନ୍ଦ୍ରା ବାହାଲି ଗ୍ରାମରେ ରହୁଥିଲା ତାକୁ କିଛି ଅଜଣା ଲୋକ ହତ୍ୟାକରୀ ଦେଓଗାଁ ରେଳ ଲାଇନ ରେ ପକାଇ ଦେଇଛନ୍ତି ବୋଲି ଉଲ୍ଲେଖ କରିଥିଲେ। ଦେଓଗାଁ ପୋଲିସ ଏସଂପର୍କରେ କେଶ ରୁଜୁ କରି ସାଇଂଟିଫିକ ଦଳ ସହିତ ଯାଇ ତଦନ୍ତ ଆରମ୍ଭ କରି ଦେଇଥିଲେ। ଗତକାଲି ପୋଲିସ ଏସ ପି ଙ୍କ ନିର୍ଦ୍ଦେଶ କ୍ରମେ ବଲାଙ୍ଗିର ଏସଡିପିଓ ପ୍ରଦୀପ କୁମାର ସାହୁ ଙ୍କ ନେତୃତ୍ୱ ରେ ତିନିଗୋଟି ଦଳ ଗଠନ କରି ବିଭିନ୍ନ ସ୍ଥାନକୁ ଯାଇ ତଦନ୍ତ ଆରମ୍ଭ କରି ଘଟଣା ର ୨୪ ଘଂଟା ନ ପୁରୁଣୁ ସ୍ଥାନୀୟ ଲୋକ ଓ ସାମାଜିକ ଗଣମାଧ୍ୟମ ସହଯୋଗ ରେ ଦୁଇ ଅଭିଯୁକ୍ତ କୁ ଧରିବା ରେ ସଫଳ ହୋଇଥିଲେ । ମୃତକ ର ରକ୍ତ ଭିଜା ଲୁଗା ଓ ହତ୍ୟାକାରୀ କାଳିଆ ଓରଫ ଖେତ୍ରମଣି ଙ୍କ ରକ୍ତ ଲଗା ସାର୍ଟ ଜବତ କରିବା ସହିତ ହତ୍ୟା ରେ ବ୍ୟବହୃତ ପଥର ଖଣ୍ଡ, ମୃତକ ର ଚପଲ ଗୋଟିଏ ମଦ ବୋତଲ ସହିତ ଅନ୍ୟ ଉପକରଣ ଜବତ ହୋଇଛି ।

# ଜିଏସଟି ସର୍ବକ୍ଷମା ଯୋଜନା ସଂପର୍କିତ କର୍ମଶାଳା

ଜୟପୁର, ୧୨/୧୨ (ନି.ପ୍ର): ଜୟପୁର ର ଏକ ହୋଟେଲ ପରିସରରେ ଜିଏସଟି ସର୍ବକ୍ଷମା ଯୋଜନା ସମ୍ପର୍କିତ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି କର୍ମଶାଳାରେ ଡିସିସିଟି ଦେବାଶିଷ ମଲ୍ଲିକ ଏସିସିଟି ସ୍ୱାଗତିକା ପଣ୍ଡା,ଅସିମା ପାଢ଼ି ଓ ବିଜୟ ବେବର୍ତା ପ୍ରମୁଖ ଉପସ୍ଥିତ ରହି ଏହି ଯୋଜନାରେ ଟିକସଦାତା ମାନଙ୍କୁ ଟିକସ ନିୟମ ଅନୁସରଣ କରିବାକୁ ଉତ୍ସାହିତ କରିବା ସହ ସାମଗ୍ରିକ ଟିକସ ଅନୁପାଳନ ବୃଦ୍ଧି କରିବାରେ ସାହାଯ୍ୟ କରିବ। ଏହା ସରକାରଙ୍କ ପାଇଁ ଏକ ସ୍ଥିର ଏବଂ ପୂର୍ବ ଅନୁମାନଯୋଗ୍ୟ ରାଜସ୍ୱ ପ୍ରବାହରେ ସହାୟକ ହୋଇଥାଏ। ବିଳମ୍ବ ଶୁଳ୍କ ସହିତ ସଂଘର୍ଷ କରୁଥିବା ଟିକସ ଦାତା ମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରେ। ବ୍ୟବସାୟରେ ସଂଚୟ ହୋଇଥିବା ଅର୍ଥକୁ ସେମାନେ ପୁନଃ ନିବେଶ କରିପାରିବେ। ଯାହା ବିସ୍ତାର ଓ କାର୍ଯ୍ୟକ୍ଷମ ବୃଦ୍ଧିରେ ସାହାଯ୍ୟ କରିବ। ଯେଉଁ ବ୍ୟବସାୟୀଙ୍କ ପଞ୍ଜୀକରଣ ବାତିଲ ହୋଇଛି ସେମାନେ ଏହି ଯୋଜନା ଅଧିନରେ ପୁନଃ ପଞ୍ଜୀକରଣ କରିପାରିବେ। ଯେଉଁ ଟିକସ ଦାତାଙ୍କୁ ଧାରା ୭୩ ଅଧିନରେ ନୋଟିସ ଜାରି କରାଯାଇଛି, କେବଳ ତୃଟିପୂର୍ଣ୍ଣ ଅର୍ଥ ଫେରସ୍ତ ମାମଲାଗୁଡିକୁ ଛାଡିଦେଲେ, ଧାରା ୭୩ ଅନ୍ତର୍ଗତ ଜାରି ହୋଇଥିବା ସମସ୍ତ ନୋଟିସ ଓ ଆଦେଶନାମା ଗୁଡିକୁ ଛାଡ କରାଯାଇ ପାରିବ ବୋଲି ମତ ଦେଇଥିଲେ। ଏହି କର୍ମଶାଳାରେ ଜୟପୁର ସହରର ଟ୍ୟାକ୍ସ ପ୍ରାକ୍ଟିସନର, ଓକିଲ ଓ ବ୍ୟବସାୟୀ ମାନେ ଉପସ୍ଥିତ ଥିଲେ।

# ନୂତନ ମଣ୍ଡି ଦାବିରେ ରାଜ ରାସ୍ତାକୁ ଓହ୍ଲାଇଲେ ଚାଷୀ

ମୁଖୀଗୁଡ଼ା, ୧୨/୧୨ (ନି.ପ୍ର): କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ମଙ୍ଗଳପୁର ପଂଚାୟତର କପୁରମାଲ ଅଂଚଳର ଚାଷୀ ମଣ୍ଡିରେ ହେଉଥିବା ବିଭିନ୍ନ ସମସ୍ୟା ସହ କପୁରମାଲ୍ ଠାରେ ନୂତନ ମଣ୍ଡି ଖୋଲିବା ଦାବିରେ ଶତାଧିକ ଚାଷୀ ମୁଖୀଗୁଡା ଜୟପାଟଣା ରାସ୍ତା କଲେଜ ଛକ ଠାରେ ଅବରୋଧ କରିଥିଲେ। ଅଂଚଳରେ ୭୦୦ ଶହରୁ ଅଧିକ ଚାଷୀ ରହିଥିବାବେଳେ ଗୋଟିଏ ମଣ୍ଡି ମଙ୍ଗଳପୁର ଠାରେ ରହିଛି ସେଠାରେ ସଂଖ୍ୟାଧିକ ଦଲାଲଙ୍କ ମଣ୍ଡି ଦଖଲ ଯୋଗୁଁ ମାସ ମାସ ଧରି ଚାଷୀଙ୍କ ଧାନ ମଣ୍ଡିରେ ପଡ଼ି ରହୁଛି। ଗୋଟିଏ ଦିନରେ ଅନେକ ଚାଷୀଙ୍କ ଟୋକନ ତଥା ମଣ୍ଡିରେ ଆବଶ୍ୟକ ଅନୁଯାୟୀ ସ୍ଥାନ ଅଭାବରୁ ଚାଷୀ ଅନେକ ସମସ୍ୟାର ସାମ୍ନା କରୁଛନ୍ତି। ଏ ନେଇ ସ୍ଥାନୀୟ ଅଂଚଳର ଚାଷୀକପୁରମାଲ ଠାରେ ଏକ ନୂତନ ମଣ୍ଡି ଖୋଲିବା ନେଇ ବାରମ୍ବାର ପ୍ରଶାସନକୁ ଲିଖିତ ଅନୁରୋଧ କରିଥିଲେ ମଧ୍ୟ ଅଦ୍ୟାବଧି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବାରୁ ଚାଷୀ ବାଧହୋଇ ବୁଧବାର ଚାଷୀ ରାଜରାସ୍ତାକୁ ଅବରୋଧ କରିଥିଲେ। ଯାହାଫଳରେ ମୁଖୀଗୁଡା ଜୟପାଟଣା ତଥା ଧୂଳୁଘାଟି ନବରଙ୍ଗପୁରକୁ ଯାତାୟାତ ୫ ଘଂଟା ବନ୍ଦ ରହିଥିଲା।ଘଟଣା ସ୍ଥଳରେ ଜୟପାଟଣା ତହସିଲଦାର, ପୋଲିସ, ସ୍ଥାନୀୟ ପ୍ରଶାସନ ପହଂଚି ଚାଷୀଙ୍କୁ ବୁଝାସୁଝା ପରେ ରାସ୍ତା ଅବରୋଧ ହଟିଥିଥିଲା। ଚଳିତ ବର୍ଷ ମଣ୍ଡି ଖୋଲିବା ବିଳମ୍ବ ଯୋଗୁଁ ଚାଷୀ ନାହିଁନଥିବା ସମସ୍ୟା ସମ୍ମୁଖୀନ ହେଉଛନ୍ତି। ମଣ୍ଡିରେ ଧାନ ବିକ୍ରି କରିବା ସହ ଏଫ୍ଏକ୍ୟୁକୁ ନେଇ ଚାଷୀ ହନ୍ତସନ୍ତ ହେଉଛନ୍ତି। ଏଭଳି ସ୍ଥିତି ରେ ସ୍ଥାୟୀ ସମାଧାନ ନହେଲେ ଆଗାମୀ ଦିନରେ ଏଭଳି ଅନେକ ଚାଷୀମାନଙ୍କ ମଧ୍ୟରେ ଆନ୍ଦୋଳନ ଦେଖା ଦେଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

# ଫୁଲବାଣୀ ବିଇଡି କଲେଜରେ ଜାତୀୟ ଯୁବ ଉତ୍ସବ ପାଳିତ

କନ୍ଧମାଳ, ୧୨/୧୨ (ନି.ପ୍ର): କନ୍ଧମାଳ ଜିଲ୍ଲାରେ ଜାତୀୟ ଯୁବ ଉତ୍ସବ ପାଳନ ଅବସରରେ ଫୁଲବାଣୀ ସ୍ଥିତ ବି.ଇଡି. ମହାବିଦ୍ୟାଳୟ ଅଡିଟୋରିୟମରେ ଚଳିତ ମାସ ୧୩ ତାରିଖଦିନ ସକାଳ ୯ ଘଟିକା ସମୟରେ ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯିବ ବୋଲି ଅତିରିକ୍ତ ଜିଲ୍ଲାପାଳ କନ୍ଧମାଳ ଶ୍ରୀ ଅଶୋକ କୁମାର ଭୋଇ ଜଣାଇଛନ୍ତି। ଜିଲ୍ଲାର ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, କାର୍ଯ୍ୟନିର୍ବାହୀ ଅଧିକାରୀ, ଫୁଲବାଣୀ ପୌର ପରିଷଦ, ବିଜ୍ଞାପିତ ଅଂଚଳ ପରିଷଦ, ବାଲିଗୁଡ଼ା ଓ ଘୁ. ଉଦୟଗିରି, ଜିଲ୍ଲା ଶିକ୍ଷା ଅଧିକାରୀ, ଯୁବ ଅଧିକାରୀ, ନେହେରୁ ଯୁବ କେନ୍ଦ୍ର, ଏବଂ ଜିଲ୍ଲା କ୍ରୀଡ଼ା ଅଧିକାରୀଙ୍କୁ ପ୍ରତିଯୋଗୀ ଚୟନ କରି ଆସନ୍ତା ୧୩ ତାରିଖ ଦିନ ବି.ଇଡି. ମହାବିଦ୍ୟାଳୟ ଅଡିଟୋରିୟମରେ ହେବାକୁ ଯାଉଥିବା ପ୍ରତିଯୋଗିତାରେ ଭାଗ ନେବାପାଇଁ ନାମ ତାଲିକା ପଠାଇବାକୁ ଅନୁରୋଧ କରାଯାଇଛି। ୧୦ ଜଣଙ୍କୁ ନେଇ ଦଳଗତ ଲୋକନୃତ୍ୟ, ଲୋକ ସଙ୍ଗୀତ, ୨ଜଣଙ୍କୁ ନେଇ ଚିତ୍ରକଳା ପ୍ରତିଯୋଗିତା,ଏବଂ ଜଣେ ଲେଖାଁଏ ଏକକ ଲୋକନୃତ୍ୟ, ଏକକ ଲୋକ ସଙ୍ଗୀତ, ହନ୍ଦି କିମ୍ୱା ଇଂରାଜୀ ପଦ୍ୟ, ହନ୍ଦି କିମ୍ୱା ଇଂରାଜୀ ଗଳ୍ପ ଲିଖନ, ହନ୍ଦି କିମ୍ୱା ଇଂରାଜୀ ଔପଚାରିକ ବକ୍ତୃତା ଆୟୋଜନ କରାଯିବ ବୋଲି ଜଣାପଡ଼ିଛି। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଯେଉଁ ପ୍ରତିଯୋଗୀ ଦଳ ବା ପ୍ରତିଯୋଗୀ ପ୍ରଥମ ସ୍ଥାନ ଅଧିକାର କରିବେ ସେମାନଙ୍କୁ ଚଳିତ ମାସ୧୮ ତାରିଖରୁ ୨୦ ତାରିଖ ପର୍ଯ୍ୟନ୍ତ ଭୁବନେଶ୍ୱର ସ୍ଥିତ ଉତ୍କଳ ମଣ୍ଡପରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବା ପାଇଁ ପ୍ରେରଣ କରାଯିବ। ତେବେ, ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ପ୍ରତିଯୋଗୀଙ୍କ ବୟସ ସୀମା ୧୫ରୁ ୨୯ ମଧ୍ୟରେ ହୋଇଥିବା ଆବଶ୍ୟକ। ପ୍ରତିଯୋଗୀମାନେ ସାଙ୍ଗରେ ଆଧାର କାର୍ଡ଼ ଓ ମୋବାଇଲ୍ ନମ୍ବର ଆଣିଥିବେ। ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କାରୀଙ୍କୁ ଯିବା ଆସିବା ଖର୍ଚ୍ଚ ଦିଆଯିବ ନାହିଁ ବୋଲି ଜଣାପଡ଼ିଛି।

# ମାଲ୍ୟବନ୍ତ ମହୋତ୍ସବ ନେଇ ପଥ ଉତ୍ସବ

ମାଲକାନଗିରି, ୧୨/୧୨ (ନି.ପ୍ର): ମାଲ୍ୟବନ୍ତ ମହୋତ୍ସବ ନେଇ ମାଲକାନଗିରି ସହରର ବାଲିମେଳା ଛକ ଠାରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ମଧ୍ୟରେ ଥିବା ମୁଖ୍ୟ ରାସ୍ତାରେ ପଥ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଆଶିଷ ଈଶ୍ୱର ପାଟିଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ବୁଲି ଦେଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ସାଧାରଣ ସୋମନାଥ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜସ୍ୱ ବେଦବର ପ୍ରଧାନ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ନରେଶ ଚନ୍ଦ୍ର ଶବର, ଉପ ଜିଲ୍ଲାପାଳ ଦୁର୍ଯ୍ୟୋଧନ ଭୋଇ, ବିଏସଏଫ ଡେପୁଟି କମାଣ୍ଡାଂଟ ଶୁଭଞ୍ଜନ ମହାପାତ୍ର, ପୌର ପରିଷଦ ନିର୍ବାହୀ ଅଧିକାରୀ ପ୍ରଳୟାନନ୍ଦ ଶତପଥି, ନବରଙ୍ଗପୁର ସାଂସଦ ପ୍ରତିନିଧି ସଞ୍ଜୟ ସରକାର ଓ ମାଲକାନଗିରି ବିଧାୟକ ପ୍ରତିନିଧି ନିହାର ରାୟ ଉପସ୍ଥିତ ଥିଲେ। ସହରକୁ ଉତ୍ସବ ମୁଖର କରିବା ସହ ନିଜ ମଧ୍ୟରେ ଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ଉଦ୍ଦେଶ୍ୟରେ ପଥ ଉତ୍ସବ ଆୟୋଜନ କରାଯାଉଛି। ଏହି ଅବସରରେ ମାଲ୍ୟବନ୍ତ ରଥର ଶୁଭାରମ୍ଭ କରାଯାଇଛି। ଆଜିର ପଥ ଉତ୍ସବରେ ବିଭିନ୍ନ ଅନୁଷ୍ଠାନ, ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ମାନେ ନୃତ୍ୟ ପରିବେଷଣ କରିଥିଲେ। ତା ସହିତ ମ୍ୟୁଜିକ ବ୍ୟାଣ୍ଡ, ଝୋଟି, ଧନୁତୀର ଚାଳନା, ମାର୍ଶାଲ ଆର୍ଟ, ସ୍କେଟିଂ, ଚିତ୍ରାଙ୍କନ, ଫାନ୍ସି ଡ୍ରେସ୍ ଇତ୍ୟାଦି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ସେହିପରି ମାଲକାନଗିରି ମୁଖ୍ୟାଳୟ ସୀମା ସୁରକ୍ଷା ବଳ ପକ୍ଷରୁ ଡ୍ଗ୍ ସୋ ଆୟୋଜନ କରାଯାଇଥିଲା। ଏଥିରେ ବିଭିନ୍ନ ପ୍ରକାର କୌଶଳ ପ୍ରଦର୍ଶନ କରାଯାଇଥିଲା।

# ତାମିଲ ମହାକବି ସୁବ୍ରମଣ୍ୟ ଭାରତୀଙ୍କ ଜୟନ୍ତୀ ଅବସରରେ ରାଜ୍ୟସ୍ତରୀୟ 'ଭାରତୀୟ ଭାଷା ଉତ୍ସବ' ସମାରୋହ

ଭୁବନେଶ୍ୱର, ୧୨/୧୨ (ନି.ପ୍ର): ଇଂରାଜୀ ଭାଷା ଲିଙ୍କ୍ ଲାଙ୍ଗୁଏଜ୍ ହୋଇପାରେ, କିନ୍ତୁ ମାତୃଭାଷାର ବିକଳ୍ପ ହୋଇପାରିବ ନାହିଁ। ଆଜି ଲୋକସେବା ଭବନ କନଭେନ୍ସନ୍ ସେଂଟର ଠାରେ ଆୟୋଜିତ ରାଜ୍ୟସ୍ତରୀୟ ଭାରତୀୟ ଭାଷା ଉତ୍ସବରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜିକାଲି ପିଲାମାନେ ଇଂରାଜୀ ଭାଷାକୁ ଯୋଗାଯୋଗର ଏକ ମାଧ୍ୟମ ଭାବେ ବ୍ୟବହାର ନକରି, ଇଂରାଜୀ କହିବାକୁ ଏକ ଫେସନ୍ ଭାବେ ଗ୍ରହଣ କରୁଛନ୍ତି। ଇଂରାଜୀ ମିଡିଅମ୍ ?ରେ ପଢୁଥିବା ଅନେକ ଛାତ୍ରଛାତ୍ରୀ ଓଡିଆ ଭାଷା ପଢିବାରେ ଅକ୍ଷମ। ଏହା ଦୁଃଖର ବିଷୟ। ଇଂରାଜୀ ଓ ହିନ୍ଦୀ ଆମ ପାଇଁ ଏକ ଲିଙ୍କ ଲାଙ୍ଗୁଏଜ୍ ହୋଇପାରେ । କିନ୍ତୁ, ଏହା କେବେ ଆମ ମାତୃଭାଷାର ବିକଳ୍ପ ହୋଇ ପାରିବ ନାହିଁ। ତେଣୁ, ରାଜ୍ୟ ସରକାର ଓଡିଆ ଭାଷାର ବ୍ୟବହାର ଉପରେ ଗୁରୁତ୍ୱଦେଇ କାମ ଆରମ୍ଭ କରିଛନ୍ତି। ସରକାରୀ ଫାଇଲ୍‌କୁ ଓଡିଆ ଭାଷାରେ କରିବା ପାଇଁ ଦୃଢ ନିର୍ଦ୍ଦେଶ ଦିଆଯାଇଛି। ଅନେକ ବିଭାଗରେ ଓଡିଆ ଭାଷାରେ ଫାଇଲ୍ କାମ ଆରମ୍ଭ ମଧ୍ୟ ହେଲାଣି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ତାମିଲ୍ ମହାକବି ସୁବ୍ରମଣ୍ୟ ଭାରତୀଙ୍କ ଜୟନ୍ତୀ ଅବସରରେ ଆଜି ଭାରତୀୟ ଭାଷା ଉତ୍ସବ ପାଳନ କରାଯାଉଛି। ଚଳିତ ବର୍ଷର ଭାରତୀୟ ଭାଷା ମହୋତ୍ସବର ବିଷୟବସ୍ତୁ ହେଉଛି "ଭାଷା ମାଧ୍ୟମରେ ଏକତା" । ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଆଜି ତାଙ୍କ ଜୟନ୍ତୀରେ ଆମେ ରାଜ୍ୟସ୍ତରରେ ଭାରତୀୟ ଭାଷା ଉତ୍ସବ ଭାବେ ପାଳନ କରୁଛୁ । ଏହା କେବଳ ଏକ ଉତ୍ସବ ନୁହେଁ, ଆମ ସଂସ୍କୃତି ଏବଂ ଗୌରବର ପ୍ରତୀକ । ଭାଷାଭିତ୍ତିକ ବିବିଧତା ହେଉଛି ଆମର ସର୍ବଶ୍ରେଷ୍ଠ ଶକ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସେ କହିଥିଲେ ଯେ, ଏହାକୁ କାୟ ମନୋବାକ୍ୟରେ ଅନୁସରଣ କରି ଆମେ ଆଗକୁ ଯିବାର ସ୍ୱପ୍ନ ଦେଖିବା ହିଁ ଆଜିର ଆବଶ୍ୟକତା। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସ୍ୱର୍ଗତ ଭାରତୀ ଯଦିଓ ତାମିଲ ସାହିତ୍ୟକୁ ନିଜ ପ୍ରତିଭା ବଳରେ ନିଜ ସାରସ୍ୱତ ସାଧନାରେ ଉଦ୍ ?ବୁଦ୍ଧ କରିଛନ୍ତି, ସେ ଅନ୍ୟାନ୍ୟ ଭାରତୀୟ ଭାଷାକୁ ମଧ୍ୟ ଋଦ୍ଧିମନ୍ତ କରିଛନ୍ତି। ସେ ନିଜର ସାହିତ୍ୟ ମାଧ୍ୟମରେ ସମାଜ ସଂସ୍କାର ଉପରେ ଗୁରୁତ୍ୱ ଆରୋପ କରୁଥିଲେ। ସମାନତା, ମହିଳା ସଶକ୍ତିକରଣ ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା କରିଆରେ ଏକ ପ୍ରଗତିଶୀଳ ଭାରତ ଗଠନ ପାଇଁ ଉଦ୍ୟମ କରୁଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସୁବ୍ରମଣ୍ୟ ଭାରତୀ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଲୋକମାନ୍ୟ ବାଲ୍ ଗଙ୍ଗାଧର ତିଲକ୍ ଓ ଶ୍ରୀ ଅରୋବିନ୍ଦଙ୍କ ଦ୍ୱାରା ଗଭୀର ଭାବରେ ପ୍ରଭାବିତ ହୋଇ ବୈପ୍ଲବିକ ଚିନ୍ତାଧାରାରେ କବିତା ଲେଖୁଥିଲେ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ନିଜର ବଳିଷ୍ଠ ଲେଖା ମାଧ୍ୟମରେ ସେ ଯୁବ ସମାଜ ମଧ୍ୟରେ ଜାତୀୟତାର ଭାବ ଉଦ୍ରେକ କରି ସ୍ୱାଧୀନତା ସଂଗ୍ରାମ ପାଇଁ ପ୍ରେରଣା ଦେଉଥିଲେ। ତାଙ୍କର ସଙ୍ଗୀତ 'ଆଚାମିଲାଇ ଆଚାମିଲାଇ' ଯୁବ ସମାଜକୁ ଭୟମୁକ୍ତ ହୋଇ, ଋଢ଼ିବାଦୀ ପରମ୍ପରାକୁ ପଛରେ ପକାଇ ଆଗକୁ ବଢ଼ିବା ପାଇଁ ପ୍ରେରିତ କରୁଥିଲେ। ସମାଜରେ ମହିଳାମାନଙ୍କ ଶିକ୍ଷା ଉପରେ ସେ ଗୁରୁତ୍ୱ ଆରୋପ କରୁଥିଲେ। ତାଙ୍କର ଚିନ୍ତାଧାରା ତତ୍ ?କାଳୀନ ସମୟ ଠାରୁ ଯଥେଷ୍ଟ ଆଗରେ ଥିଲା ବୋଲି ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ। ଆମର ଯୁବ ସମାଜ ପାଖରେ ସୁବ୍ରମଣ୍ୟ ଭାରତୀଙ୍କ ଜୀବନୀରୁ ଯଥେଷ୍ଟ କିଛି ଶିଖିବାର ସୁଯୋଗ ରହିଛି ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଜୀଙ୍କ ନେତୃତ୍ୱରେ ଏ ମହାନ ଦେଶର ନାୟକ ଓ ନାୟିକାମାନଙ୍କୁ ଯଥୋଚିତ ସମ୍ମାନ ପ୍ରଦାନ ପାଇଁ ନିରବଚ୍ଛିନ୍ନ ପ୍ରଚେଷ୍ଟା ଜାରି ରହିଛି। କବିବର ଭାରତୀଙ୍କ ଦେଶର ଭାଷା, ସାହିତ୍ୟ ସହିତ ସମାଜ ଗଠନ ପାଇଁ ତାଙ୍କ ଅବଦାନ ବିଷୟରେ ଦେଶବାସୀଙ୍କୁ ଜଣାଇବା ନିମନ୍ତେ ଗତବର୍ଷ ୨୮ ସେପ୍ଟେମ୍ବର ୨୦୨୩ ରୁ ଆରମ୍ଭ କରି ୧୧ ଡିସେମ୍ବର ୨୦୨୩ ପର୍ଯ୍ୟନ୍ତ ୭୫ ଦିନ ବ୍ୟାପୀ କାର୍ଯ୍ୟକ୍ରମ ସାରା ଦେଶରେ ପାଳନ କରଯାଇଥିଲା ।

# ପୋଷ୍ୟ ସନ୍ତାନ ଗ୍ରହଣ, ପ୍ରତିପାଳନ ଶିଶୁ ଯତ୍ନ ଆଧାରିତ ସଚେତନତା

ବଲାଙ୍ଗିର, ୧୨/୧୨ (ନି.ପ୍ର): ତୁରେକେଲା ବ୍ଲକ୍ କାର୍ଯ୍ୟାଳୟ ସମ୍ମୁଖ ଠାରେ ପୋଷ୍ୟ ସନ୍ତାନ ଗ୍ରହଣ ,ପ୍ରତିପାଳନ ଶିଶୁ ଯତ୍ନ ଆଧାରିତ ସଚେତନତା ତୁରେକେଲା ଗୋଷ୍ଠି ଉନ୍ନୟନ ଅଧିକାରୀ ପୂର୍ଣାନନ୍ଦ ପଟେଲ ଙ୍କ ଅଧ୍ୟକ୍ଷତାରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ସାମାଜିକ କର୍ମୀ ଅରୁଣ କୁମାର ଖୁଆସ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ।ଏହି କାର୍ଯ୍ୟକ୍ରମରେ ରତ୍ନମଣି ବାରାଲ,ସି ଡି ପି ଓ କହିଲେ ମା ଗର୍ଭରୁ ଆରମ୍ଭ କରି ୧୮ ବର୍ଷ ବୟସ ପର୍ଯ୍ୟନ୍ତ ଓଡ଼ିଶା ସରକାରଙ୍କ ଶିଶୁ ଓ ମହିଳା ବିଭାଗ ତରଫରୁ ଶିଶୁର ବିକାଶ,ସୁରକ୍ଷା ଓ ସର୍ବାଙ୍ଗୀନ ଉନ୍ନତି ସକାଶେ ବିଭିନ୍ନ ପ୍ରକାର ଯୋଜନା ରେ ଅନ୍ତର୍ଭୁକ୍ତ କରାଯାଇଅଛି ।ବ୍ଲକ୍ ର ଗ୍ରାମ ପଂଚାୟତ ବିକାଶ ଅଧିକାରୀ ଗଜାନନ ନାୟକ ପୋଷ୍ୟ ସନ୍ତାନ ଗ୍ରହଣରେ ଆଇନଗତ ବିଧି ବ୍ୟବସ୍ଥା ଉପରେ ଜଣାଇଥିଲେ। ଏହି ଅବସରରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ର ଅଣ ଆନୁଷ୍ଠାନିକ ଅଧିକାରୀ ସୁଧାଂଶୁ ଶେଖର କୁମ୍ଭାର ଯୋଗଦାନ କରି ଆଇନ୍ ସମ୍ମତ ପୋଷ୍ୟ ସନ୍ତାନ ଗ୍ରହଣ, ପ୍ରତ୍ୟାଶୀ ପୋଷ୍ୟ ସନ୍ତାନ ଗ୍ରହଣକାରିଙ୍କ ଯୋଗ୍ୟତା , ପୋର୍ଟାଲ ମାଧ୍ୟମରେ ପୋଷ୍ୟ ସନ୍ତାନ ପାଇଁ ଅଗହି ବ୍ୟକ୍ତିଙ୍କ ଆବେଦନ ତଥା ପ୍ରତିପାଳନ ଯତ୍ନ ବ୍ୟବସ୍ଥା ଓ ପ୍ରତିପାଳନ ଯତ୍ନ ବ୍ୟବସ୍ଥା ରୁ ଶିଶୁ କୁ ପୋସ୍ୟ ସନ୍ତାନ ରୂପେ ଗ୍ରହଣ ଉପରେ ବିଶଦ ଉପରେ ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ରେ ଅବସ୍ଥାପିତ ଥିବା ଅରୁଣା ର ଜିଲ୍ଲା ପରାମର୍ଶଦାତା ଫୋଷ୍ଟର କେଆର, ଯଶୋଦା, ପନସର୍ସପ୍ , ଗ୍ରିନ ପେସେଜ୍ ଯୋଜନା ଉପରେ ଜଣାଇଥିଲେ, କାର୍ଯ୍ୟକ୍ରମରେ ତୁରେକେଲା ବ୍ଲକ୍ ରୁ ଆଶା, ଅଙ୍ଗନୱାଡ଼ି , ଏ ଏନ ଏମ , ସୁପରଭାଇଜର ୨୦୦ ରୁ ଉର୍ଦ୍ଧ ଉପସ୍ଥିତ ଥିଲେ।

# ସୁନା ଗହଣା ଚୋରି ନେଇ ଅଭିଯୋଗ

ଜୟପୁର, ୧୨/୧୨ (ନି.ପ୍ର): ଜୟପୁର ସହର ଖ୍ରୀଷ୍ଟିଆନପେଟାରେ ସୁନା ଗହଣା ଚୋରି ହୋଇଥିବା ନେଇ ଟାଉନ ଥାନାରେ ଅଭିଯୋଗ ହୋଇଛି । ପୋଲିସ ସୁଚନା ଅନୁଯାଇ ଜୟପୁର ସହର ଖ୍ରୀଷ୍ଟିଆନ ରେ ରହୁଥିବା ସ୍ୱର୍ଣ୍ଣଲତା ଭତ୍ରା ରହୁଥିବା ବେଳେ ଗତକାଲି ବିଳମ୍ବିତ ରାତ୍ର ରେ ଦୁବୃତ୍ତ ମାନେ ଘରେ ପଶି ଚୋରି କରି ଥିବା ଜଣାଯାଇଛି । ଉପର ଘରେ ସବୁ ରହୁଥିବା ବେଳେ ତଳେ ଘରେ ପଶି ବୁବୃତ୍ତ ମାନେ ସୁନା ,ରୁପା ଗହଣା ଚୋରି କରିଥିବା ନେଇ ଆଜି ସ୍ୱର୍ଣ୍ଣ ଲତା ଭତ୍ରା ଟାଉନ ଥାନାରେ ଅଭିଯୋଗ କରିଛନ୍ତି । ଅଭିଯୋଗ କୁ ଭିତ୍ତି କରି ପୋଲିସ ମାମଲା ରୁଜୁ କରିବା ସହ ଘଟଣା ସ୍ଥଳରେ ପହଂଚି ତଦନ୍ତ କରିଥବା ବିଷୟ ଆଜି ସଂନ୍ଧ୍ୟା ୫ଟା ୩୦ ମିନିଟ ସମୟରେ ଟାଉନ ଥାନା ଅଧିକାରି ରମଣି ରଞ୍ଜନ ଦଳେଇ ସୁଚନା ଦେଇଛନ୍ତି।

# ଧଉଳି, ଲିଙ୍ଗରାଜ ଓ ଅନନ୍ତ ବାସୁଦେବ ମନ୍ଦିର ବୁଲିଲେ ଗୋଆର ପ୍ରତିନିଧି ମଣ୍ଡଳୀ

ଭୁବନେଶ୍ୱର, ୧୨/୧୨ (ନି.ପ୍ର): ଗୋଆ ରାଜ୍ୟ ସରକାରଙ୍କ ପକ୍ଷରୁ ପାଂଚଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ପ୍ରତିନିଧି ମଣ୍ଡଳୀ ତଥା ଗୋଆର ଗଣମାଧ୍ୟମ ପ୍ରତିନିଧିମାନେ ଆଜି ଶାନ୍ତିସ୍ତୁପ ଧଉଳି, ପ୍ରସିଦ୍ଧ ଶୈବପୀଠ ଲିଙ୍ଗରାଜ ମନ୍ଦିର ସହ ନିକଟରେ ଥିବା ଓଡ଼ିଆ ସ୍ଥାପତ୍ୟର ଅନନ୍ୟ ନିଦର୍ଶନ ଅନନ୍ତ ବାସୁଦେବ ମନ୍ଦିର ଓ ବିନ୍ଦୁସାଗର ବୁଲି ଦେଖିଛନ୍ତି । ଦଶମ ଶତାବ୍ଦୀରେ ନିର୍ମିତ ଏହି ମନ୍ଦିରର ନିର୍ମାଣଶୈଳୀ ଓ ପ୍ରସ୍ତରରେ ଖୋଦିତ ସୂକ୍ଷ୍ମ କାରୁକାର୍ଯ୍ୟ ଦେଖି ପ୍ରତିନିଧି ମଣ୍ଡଳୀ ଅଭିଭୂତ ହୋଇଥିଲେ । ସେମାନେ ଅନନ୍ତ ବାସୁଦେବ ମନ୍ଦିରରେ ପ୍ରସାଦ ସେବନ କରିବା ସହ ଓଡ଼ିଆ ଖାଦ୍ୟ ପରମ୍ପରାର ଭୂୟସୀ ପ୍ରଶଂସା କରିଥିଲେ । ଏଠାରେ ସେମାନେ ଅନ୍ନ, ଡାଲି, ଖେଚୁଡ଼ି, ପଲଉ, ଶାଗ, ବେସର, ଡାଲମା, ଦହିପାଚେଡ଼ି, ଖଜୁରୀ ଖଟା, ପୋଟଳ ରସା, ବୁଟ ତରକାରି, ଖିରୀ ଆଦି ସେବନ କରିଥିଲେ । ସନ୍ଧ୍ୟାରେ ପ୍ରତିନିଧି ମଣ୍ଡଳୀ ୟୁନିଟ୍-୨ସ୍ଥିତ ମାର୍କେଟ ବିଲ୍‌ଡିଂସ୍ଥିତ ଉତ୍କଳିକା ଓ ବୟନିକା ବସ୍ତ୍ରାଳୟ ଯାଇ ସେଠାରୁ ବିଭିନ୍ନ ତାରକସୀ ଗହଣା, ହସ୍ତଶିଳ୍ପ, ପାଟଶାଢ଼ି ଏବଂ ଖଦିବସ୍ତ୍ର ଆଦି କିଣିଥିଲେ । ଉତ୍କଳୀୟ ପରମ୍ପରା ଓ ସଂସ୍କୃତି ବେଶ୍ ମନଲୋଭା ହୋଇଥିବାରୁ ସେମାନେ ପୁଣିଥରେ ଏଠାକୁ ବୁଲିବାକୁ ଆସିବେ ବୋଲି ଇଚ୍ଛାପ୍ରକାଶ କରିଥିଲେ

# ମହୋଦଧି ଦିବସରେ ବିଚ ଓସେନ ସ୍ପୋର୍ଟ୍ସ : ଦେଶ ବିଦେଶର ୩୮୦ କ୍ରୀଡ଼ାବିତଙ୍କ ଅଂଶଗ୍ରହଣ

ପୁରୀ, ୧୨/୧୨ (ନି.ପ୍ର): ବିଶ୍ୱସ୍ତରୀୟ ମହୋଦଧି ଦିବସ ଓ ବିଚ ଓସେନ ସ୍ପୋର୍ଟ୍ସ କର୍ଣ୍ଣିଭାଲ ପୁରୀ ର ସ୍ୱର୍ଣ୍ଣାଭ ବେଳାଭୂମି ଭିକ୍ଟୋରିଆ ହୋଟେଲ ସମ୍ମୁଖରେ ଗତକାଲି ଠାରୁ ଆରମ୍ଭ ହୋଇଛି ।ଖେଳକୁଦ ଓ ସମୁଦ୍ର ପହଁରା ରେ କମ୍ପୁଛି ବେଳାଭୂମି ।ଦେଶ ବିଦେଶ ର ପାର୍ଯ୍ୟଟକ ଓ ସ୍ଥାନୀୟ ବାସିନ୍ଦାମାନେ ଏହା ଦେଖି ବିଭୋର ହେଉଛନ୍ତି ।ସମୁଦ୍ର ଜଳରାଶି ରେ ଅନୁଷ୍ଠିତ ଖେଳ ମଧ୍ୟରେ ସମୁଦ୍ର ପହଁରା, କାୟକିଙ୍ଗ କନୱାଗିଙ୍ଗ,ରନ ସୁଇମ ରନ, ରେସକ୍ୟୁ ଟିୟୁ ରେସକ୍ୟୁ କ୍ରୀଡାରେ ୧୯ ଓ ୧୬ ବର୍ଷ ରୁ କମ ଖେଳାଳୀ, ପୁରୁଷ ଓ ମହିଳା ଓପନ ଖେଳାଳୀ ଓ ମାଷ୍ଟର ଖେଳାଳୀ ଯୋଗଦେଇଥିଲେ । ଶ୍ରୀଲଙ୍କା ର ୨୯ ଖେଳାଳୀ ସମେତ ୩୮୦ ଖେଳାଳୀ ଅଂଶ ଗ୍ରହଣ କରିଥିଲେ । ଟିମ ମ୍ୟାନେଜର ସି ଇ ଓ ଲାଇଫ ସେଭିଂ ଅଫ ଶ୍ରୀଲଙ୍କା ର ଆସଣ୍ଡା ନନାୟକ୍କର ଯୋଗଦେଇଥିଲେ । ଜାତୀୟ ଓ ଅନ୍ତର୍ଜାତୀୟ ଖେଳାଳୀ ଅଂଶଗ୍ରହଣ କରିଥିଲେ ।ପ୍ରଥମ ଦିନ ଖେଳ ପ୍ରତିଯୋଗିତା ରେ କ୍ରୀଡ଼ାବିତ ଜାତୀୟ ଓ ଅନ୍ତର୍ଜାତୀୟ ସ୍ତର ରେ ପ୍ରଥମ, ଦିତ୍ୱୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିଲେ । ସର୍ଭିସ ସ୍ପୋର୍ଟ୍ସ କଂଟ୍ରୋଲ ବୋର୍ଡ ପକ୍ଷରୁ ମଧ ଖେଳାଳୀ ଯୋଗ ଦେଇଛନ୍ତି ।ଭାରତୀୟ କୋଚ ଭାବେ ଆର ଏଲ ଏସ ଏସ ର କୌସ୍ତୁଭ ବକ୍ସି, ରୋହିତ ପି., ପ୍ରଦୀପ ନାଇଡୁ, ଜୟନ୍ତ କୁମାର ସିଂ, ଆର. ମୌୟାପାନ, ଧର୍ମେନ୍ଦ୍ର ଚୌଧୁରୀ ପ୍ରମୁଖ ଯୋଗ ଦେଇଥିଲେ । ସକାଳ ୭ ଟା ରେ ଖେଳାଳୀ ମାନେ ଯୋଗ ଦେଇଥିଲେ । ସ୍ପୋର୍ଟ୍ସ ଏରିନା ରେ ଖେଳାଳିମାନେ ଓ ସ୍ୱେଚ୍ଛାସେବୀମାନେ ଡାନ୍ସ ଫିଟନେସ ରେ ଯୋଗଦେଇଥିଲେ । ସମୁଦ୍ର ଜଳ ରେ ଖେଳାଳିମାନେ ବିଭିନ୍ନ ଖେଳ ପ୍ରତିଯୋଗିତା ରେ ଯୋଗ ଦେଇଥିଲେ ।ସ୍ଥାନୀୟ କ୍ରୀଡା କ୍ଲବ ପକ୍ଷ ରୁ ଥ୍ରୋ ବଲ, ଭଲିବଲ, ମାଲଖମ୍ବ ଅନୁଷ୍ଠିତ ହୋଇଥିଲା ।

# ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ଉପକୂଳ ପରିବେଶ ସୁରକ୍ଷା ଉପରେ କର୍ମଶାଳା

ଭୁବନେଶ୍ୱର, ୧୨/୧୨ (ନି.ପ୍ର): ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟରେ ପରିବେଶ ଓ ଓଡ଼ିଶାର ତଟ ସମ୍ପର୍କିତ ଏକ କର୍ମଶାଳା ଜୈବ ପ୍ରଯୁକ୍ତି ବିଦ୍ୟା, ରାଜନୀତି ବିଜ୍ଞାନ ବିଭାଗ ଓ ଓଡ଼ିଆ ପରିବେଶ କଂଗ୍ରେସର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଅପରାଜିତା ଚୌଧୁରୀଙ୍କ ମାଗଦର୍ଶନରେ ଅନୁଷ୍ଠିତ ଏହି କର୍ମଶାଳାରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉତ୍କଳ ବିଶ୍ୱବିଦ୍ୟାଳୟର ପ୍ରାକ୍ତନ କୁଳପତି ପ୍ରଫେସର ବିନାୟକ ରଥ । ଓଡ଼ିଶା ପରିବେଶ କଂଗ୍ରେସ ର ୧୫ ତମ ଅଧିବେଶନ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ରେ ଅନୁଷ୍ଠିତ ହେବ ଡିସେମ୍ବର ୨୦, ୨୧ ଓ ୨୨ ତାରିଖରେ । ଚଳିତ ବର୍ଷର ବିଷୟବସ୍ତୁ ରହିଛି ପରିବେଶ ଓ ଉପକୂଳ । ଏହାର ଅବ୍ୟବହିତ ପୂର୍ବରୁ ଏହି କର୍ମଶାଳା ରମାଦେବୀ ବିଶ୍ୱବିଦ୍ୟାଳୟରେ ଆଜି ଅନୁଷ୍ଠିତ ହୋଇଥିଲା । ମୁଖ୍ୟ ଅତିଥି ଡ ବିନାୟକ ରଥ ଓଡ଼ିଶାର ତଟ ବର୍ତ୍ତୀ ଅଂଚଳ ପ୍ରତି ଆହ୍ୱାନ ଉପରେ ବିସ୍ତୃତ ଆଲୋଚନା କରିବା ସହ ତଟ ବର୍ତ୍ତୀ ରାଜପଥ ଚିଲିକା ପ୍ରତି ବିପଦ ସୃଷ୍ଟି କରିବ ବୋଲି ମତ ପ୍ରକାଶ କରିଥିଲେ। ମୁଖ୍ୟ ବକ୍ତା ଭାବେ ବିଶିଷ୍ଟ ପରିବେଶବିତ ପ୍ରଫେସର୍ ଜୟକୃଷ୍ଣ ପାଣିଗ୍ରାହୀ ଓଡ଼ିଶାର ପରିବେଶ ତଥା ତଟ ବର୍ତ୍ତୀ ଲୋକଙ୍କର ଜଳବାୟୁ ପରିବର୍ତ୍ତନ ଦ୍ୱାରା କିପରି ପ୍ରଭାବିତ ହେଉଛନ୍ତି ତାହାର ବିସ୍ତୃତ ବର୍ଣ୍ଣନା କରିଥିଲେ। ସ୍ନାତୋକତ୍ତର ପରିଷଦର ଅଧ୍ୟକ୍ଷା ପ୍ରଫେସର୍ ସସ୍ମିତା ମହାନ୍ତି ନିଜସ୍ୱ ବକ୍ତବ୍ୟ ପରିବେଶ ସୁରକ୍ଷା ଉପରେ ପ୍ରଦାନ କରିଥିଲେ। ଓଡ଼ିଶା ପରିବେଶ କଂଗ୍ରେସର ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ପରିବେଶ ସୁରକ୍ଷାରେ ଆଗାମୀ ଯୁବ ପିଢ଼ିର ଭୂମିକା ଉପରେ ଆଲୋଚନା କରିଥିଲେ। ଓଡ଼ିଶା ପରିବେଶ କଂଗ୍ରେସର ସାଙ୍ଗଠନିକ ସମ୍ପାଦକ ସୁଦର୍ଶନ ଦାସ ଓଡ଼ିଶା ପରିବେଶ କଂଗ୍ରେସ ର ଦୀର୍ଘ ୧୪ ବର୍ଷର ଯାତ୍ରା ବିଷୟରେ ଆଲୋକପାତ କରିବା ସହିତ ଜଳବାୟୁ ପରିବର୍ତ୍ତନ ର ମୁକାବିଲା ପାଇଁ ଛାତ୍ରୀ ମାନଙ୍କୁ ଆହ୍ୱାନ ଦେଇଥିଲେ। ପ୍ରଫେସର୍ ମାନସ ବେହେରା ସ୍ୱାଗତ ଭାଷଣ ଦେବା ସହ ବିଷୟ ଉପରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ସ୍ନାତୋକତ୍ତର ପରିଷଦର ଅଧ୍ୟକ୍ଷା ପ୍ରଫେସର୍ ସସ୍ମିତା ମହାନ୍ତି ନିଜସ୍ୱ ବକ୍ତବ୍ୟ ପରିବେଶ ସୁରକ୍ଷା ଉପରେ ପ୍ରଦାନ କରିଥିଲେ। ଓଡ଼ିଶା ପରିବେଶ କଂଗ୍ରେସର ସାଧାରଣ ସମ୍ପାଦକ ଭୃଗୁ ବକ୍ସିପାତ୍ର ପରିବେଶ ସୁରକ୍ଷାରେ ଆଗାମୀ ଯୁବ ପିଢ଼ିର ଭୂମିକା ଉପରେ ଆଲୋଚନା କରିଥିଲେ। ପ୍ରଫେସର୍ ରାଜ କୁମାର ଯୋଶୀ ତଟ ସୁରକ୍ଷା ଓ ପରିବେଶ ସନ୍ତୁଳନ ଓଡ଼ିଶାର ବିକାଶ ପାଇଁ ଗୁରୁତ୍ୱ ପୂର୍ଣ୍ଣ ବୋଲି ପ୍ରକାଶ କରିଥିଲେ ।ରାଜନୀତି ବିଜ୍ଞାନ ବିଭାଗର ଅଧ୍ୟାପକ ବସନ୍ତ ବେହେରା ଧନ୍ୟବାଦ୍ ଅର୍ପଣ କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟ ର ଅଧ୍ୟାପକ ଅଧ୍ୟାପିକା ଛାତ୍ରୀମାନେ ବିପୁଳ ସଂଖ୍ୟାରେ ଅଂଶ ଗ୍ରହଣ କରିଥିଲେ ।ପ୍ରଫେସର ମନ୍ମଥ କୁଣ୍ଡୁ, ନିରଦ୍ ବରଣ ଖୁଂଟିଆ, ବିଭୀଷଣ ନାୟକ, ମନୋରଞ୍ଜନ ମିଶ୍ର, ମନୋଜ ବାରିକ ପ୍ରମୁଖ ଯୋଗ ଦେଇଥିବା ବେଳେ ଅଧ୍ୟାପିକା ସୁଜାତା ମହାନ୍ତି, ଏଲିନା ଜ୍ୟୋତି, ଦେବୀ ପ୍ରସାଦ ଦାଶ , ସର୍ବାଣି ଦାସ , ଜୀନା ମହାପାତ୍ର ପ୍ରମୁଖ କର୍ମଶାଳା ପରିଚାଳନାରେ ଅଂଶ ଗ୍ରହଣ କରିଥିଲେ।

# ପ୍ରସନ୍ନ ରଥଙ୍କ ପରଲୋକ

ବଲାଙ୍ଗିର, ୧୨/୧୨ (ନି.ପ୍ର): ବଲାଙ୍ଗିର ଆଦର୍ଶପଡା ସ୍ଥିତ ସ୍ଥାୟୀ ବାସିନ୍ଦା ପ୍ରସନ୍ନ କୁମାର ରଥ ଙ୍କ ନିଜ ବାସଭବନରେ ୬୮ ବର୍ଷ ବୟସରେ ପରଲୋକ ହୋଇଯାଇଛି । ସ୍ଥାନୀୟ ହାଟପଡା ସ୍ଥିତ ଶ୍ମଶାନ ରେ ଗତ ୧୦.୧୨.୨୦୨୪ ରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି । ସେ ଦିର୍ଘ ଦିନ ହେଲା ପାର୍କିନ୍‌ସନ ରୋଗରେ ପିଡିତଥାଇ ଚିକିତ୍ସିତ ଥିଲୋ । ସେ ବଲାଙ୍ଗିର ଶିଳ୍ପ ବିଭାଗରେ ଏସିଷ୍ଟେଣ୍ଟ ଜେନେରାଲ ମ୍ୟାନେଜର ଭାବରେ ଅବସର ଗ୍ରହଣ କରିଥିଲେ । ତାଙ୍କର ପୁତ୍ର ରାଣା ସଂଗ୍ରାମ କେଶରୀ ରଥ ମୁଖାଗ୍ନି ଦେଇଥିଲେ ଏବଂ ଜ୍ୱାଇଁ ପ୍ରଜ୍ଞାନନ୍ଦ ଆଚାର୍ଯ୍ୟ ଓ ଅନ୍ୟାନ୍ୟ ବନ୍ଧୁ ପରିଜନ ଏହି ସମୟରେ ଉପସ୍ଥିତ ରହି ଅଶୃଳ ବିଦାୟ ଜଣାଇଥିଲେ।

# ଟ୍ୟୁବର କ୍ୟୁଲୋସିସ୍ ; ବିଳମ୍ବରେ ରୋଗ ନିରୂପଣ ବଢ଼ାଇପାରେ ସମସ୍ୟା... ଜାଣନ୍ତୁ କିପରି କରିବେ ରୋଗକୁ ନିୟନ୍ତ୍ରଣ

ତଥ୍ୟ ଅନୁସାରେ ଭାରତରେ ଯକ୍ଷ୍ମା ରୋଗୀଙ୍କ ସଂଖ୍ୟା ଢେର ଅଧିକ । ସେପଟେ ରାଜ୍ୟରେ ମଧ ରୋଗୀଙ୍କ ସଂଖ୍ୟା ଚିନ୍ତାଜନକ ।ଚଳିତ ବର୍ଷ ଜୁଲାଇ ସୁଦ୍ଧା ଓଡ଼ିଶାରେ ପ୍ରାୟ ୩୫ ହଜାର ଯକ୍ଷ୍ମା ରୋଗୀ ଚିହ୍ନଟ ହେଲେଣି । ଓଡିଶାକୁ ଯକ୍ଷ୍ମା ମୁକ୍ତ ପାଇଁ ପ୍ରୟାସ ଚାଲିଛି । ୨୦୨୩ ରେ ପ୍ରାୟ ୧୫ ଲକ୍ଷ ଟେଷ୍ଟିଙ୍ଗ ହୋଇଥିବା ବେଳେ ୬୨ ହଜାର ରୋଗୀ ଚିହ୍ନଟ ହୋଇଥିଲେ । ବାଲେଶ୍ୱର, ଯାଜପୁର, କେନ୍ଦୁଝର, ଖୋର୍ଦ୍ଧା, ଗଞ୍ଜାମ, ମୟୁରଭଞ୍ଜ ଓ କନ୍ଧମାଳ ଜିଲ୍ଲାରେ ଯକ୍ଷ୍ମା ରୋଗୀ ଙ୍କ ସଂଖ୍ୟା ଅଧିକ ରହିଛି । ତେବେ ଯକ୍ଷ୍ମା ରୋଗ ନିରୂପଣରେ ପୁଲମୋନାରି ଅପେକ୍ଷା ଏକ୍ସଟ୍ରାପୁଲମୋନାରି ଯକ୍ଷ୍ମା ଚିହ୍ନଟ ଅଧିକ କଷ୍ଟକର ହୋଇଥାଏ ।

ଶୁଭଶ୍ରୀ ଗିରି ୨୦୨୨ ମସିହାରେ ଯକ୍ଷ୍ମାରେ ଆକ୍ରାନ୍ତ ହୋଇଥିଲେ। ଦେହ ଯନ୍ତ୍ରଣା , ଓଜନ କମିବା ପରି ଲକ୍ଷଣ ଦେଖାଯିବା ଆରମ୍ଭ ହୋଇଥିଲା। ପ୍ରଥମେ ଏହାକୁ ଅନ୍ୟ କିଛି ରୋଗ ଭାବି ଚିନ୍ତାରେ ପଡ଼ିଥିଲେ ଶୁଭଶ୍ରୀ। ହେଲେ ୩ ମାସ ପରେ ଜଣାପଡ଼ିଥିଲା ଶୁଭଶ୍ରୀ ଏକ୍ସଟ୍ରାପୁଲମୋନାରି ଯକ୍ଷ୍ମାରେ ଆକ୍ରାନ୍ତ ହୋଇଛନ୍ତି। ଏହା ପରେ ଲଗାତାର ଏକ ବର୍ଷ ୬ ମାସ ପର୍ଯ୍ୟନ୍ତ ଔଷଧ ସେବନ କରିଥିଲେ । ଏହି ସମୟରେ ଯକ୍ଷ୍ମାକୁ ନେଇ ଓ ଲୋକଙ୍କ ଚିନ୍ତାଧାରକୁ ନେଇ ମାନସିକ ସ୍ତରରେ ଦୁର୍ବଳ ହୋଇଯାଇଥିଲେ। ଉପଯୁକ୍ତ ଖାଦ୍ୟ ଓ ଚିକିତ୍ସା ପରେ ୨୦୨୩ ମସିହାରେ ଏକ୍ସଟ୍ରାପୁଲମୋନାରି ଯକ୍ଷ୍ମାରୁ ମୁକ୍ତ ହୋଇଥିଲେ ଶୁଭଶ୍ରୀ । ଆଉ ଏବେ ଟିବି ଚାମ୍ପିୟାନ ଭାବରେ ଲୋକଙ୍କୁ ବୁଲି ଏହି ସମସ୍ୟା ଓ ଏହାକୁ ନେଇ ଥିବା ଭୟ ଲୋକଙ୍କ ମନରୁ ଦୂର କରୁଛନ୍ତି ।

ଶୁଭଶ୍ରୀ ସିନା ଏକ୍ସଟ୍ରାପୁଲମୋନାରି ଯକ୍ଷ୍ମା ରୋଗରୁ ରକ୍ଷା ପାଇଗଲେ । ଏବେବି ଅନେକ ଲୋକ ଏହି ରୋଗ କଣ, ଏହାର ଲକ୍ଷଣ ଓ ପ୍ରତିକାର ବିଷୟରେ ଜାଣିନାହାନ୍ତି ।ଏକ୍ସଟ୍ରାପୁଲମୋନାରି ଯକ୍ଷ୍ମା । ହେଉଛି ଏକ ପ୍ରକାର ଯକ୍ଷ୍ମା ଯାହା ଫୁସଫୁସ ବ୍ୟତୀତ ଅନ୍ୟ ଅଙ୍ଗରେ ଦେଖାଯାଏ ।

ପେଟ ଯକ୍ଷ୍ମା: ପେଟ ଫୁଲିବା, ଯନ୍ତ୍ରଣା, ଜ୍ୱର ଏବଂ ଓଜନ ହ୍ରାସ ହୋଇପାରେ ।

ପେରିକାର୍ଡିଆଲ୍ ଯକ୍ଷ୍ମା: ଛାତିରେ ଯନ୍ତ୍ରଣା, ଜ୍ୱର ଏବଂ କେତେକ କ୍ଷେତ୍ରରେ, ଏହା ହୃଦଘାତର ଏକ ସାଧାରଣ କାରଣ ।

ତେବେ ଫୁସଫୁସ ଯକ୍ଷ୍ମା ଅପେକ୍ଷା ରୋଗ ନିର୍ଣ୍ଣୟ କରିବା ଅଧିକ କଷ୍ଟକର ।

ଏକ୍ସଟ୍ରାପୁଲମୋନାରୀ ଯକ୍ଷ୍ମା ରୋଗର ଲକ୍ଷଣ :


ପରିସ୍ରାରେ ରକ୍ତ (କିଡନୀରେ ଯକ୍ଷ୍ମା ରୋଗ ସୂଚାଇପାରେ)

ମୁଣ୍ଡବିନ୍ଧା କିମ୍ବା ଦ୍ୱନ୍ଦ୍ୱ (ଯକ୍ଷ୍ମା ମେନିଞ୍ଜାଇଟିସ୍ ସୂଚାଇପାରେ)

ମିଠି ଯନ୍ତ୍ରଣା (ମେରୁଦଣ୍ଡର ଯକ୍ଷ୍ମା ରୋଗ ସୂଚାଇପାରେ)

ଫୁଲିଥିବା ଗ୍ରନ୍ଥିଗୁଡିକ (ଲିମ୍ଫ ନୋଡର ଯକ୍ଷ୍ମା ରୋଗକୁ ସୂଚାଇପାରେ)

ଉପଯୁକ୍ତ ସମୟରେ ପରୀକ୍ଷା ସହ ଡାକ୍ତରଙ୍କ ପରାମର୍ଶ ନେଇ ଚିକିତ୍ସା କଲେ ଯକ୍ଷ୍ମା ରୋଗରୁ ମୁକ୍ତି ମିଳିପାରିବ । ତେବେ ଲୁକାୟିତ ଜୀବାଣୁ ବିଭିନ୍ନ ସମୟରେ ସମସ୍ୟା ବଢ଼ାଉଛି ।ରୋଗ ପ୍ରତିଷେଧକ ଶକ୍ତି କମିଲେ ଜୀବାଣୁ ସଂକ୍ରମଣ ବଢୁଛି । ଏହାର ଉପଯୁକ୍ତ ଚିକିତ୍ସା ଓ ଏହାକୁ ନେଇ ସଚେତନତା ଏଥିରୁ ମୁକ୍ତି ପାଇବାର ବାଟ ଫିଟାଇବ।



# ମନକୁ ସବୁବେଳେ ଖରାପ ଚିନ୍ତା ଆସୁଛି କି ? ଏମିତି କରନ୍ତୁ, ଆଉ ଆସିବନି...

ମନକୁ ସବୁବେଳେ ନକାରାତ୍ମକ ଚିନ୍ତା ଆସୁଛି କି ? ରାତି ହେଉ କିମ୍ବା ଦିନ ଖରାପ କଥା ମନକୁ ଆସୁଛି କି? ଏହାକୁ ଦୂର କରିବାକୁ ଚାହୁଁଛନ୍ତି କି ? ବଡ଼ କଥା ହେଲା ନକାରାତ୍ମକ ଚିନ୍ତାକୁ ଯଥାଶୀଘ୍ର ମନରୁ ହଟାଇବା ଉଚିତ୍ । କାରଣ ଯଦି ନକାରାତ୍ମକ ଚିନ୍ତା ଦୀର୍ଘ ସମୟ ଧରି ମନରେ ରହେ ଆପଣଙ୍କର ଭଲ କାମ ମଧ ଖରାପ ହୋଇପାରେ । ଏମିତି ଦେଖିବାକୁ ମିଳିଛି ଯେ ନକାରାତ୍ମକ ଚିନ୍ତା ସକାରାତ୍ମକ ଚିନ୍ତା ଅପେକ୍ଷା ଅଧିକ ଅସୁବିଧା କରିଥାଏ । ଯେଉଁ କାରଣରୁ ଦୁନିଆକୁ ଦେଖିବାର ନଜର ମଧ ବଦଳିଯାଏ, ମାନସିକ ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡ଼ିଥାଏ ।

## ନକାରାତ୍ମକ ଚିନ୍ତାକୁ ଦୂର କରିବାର ଉପାୟ....

**ବିରତି ନିଅନ୍ତୁ ଏବଂ ଭାବନ୍ତୁ:**
ନକାରାତ୍ମକ ଚିନ୍ତା ପ୍ରତ୍ୟେକ ବ୍ୟକ୍ତିର କାର୍ଯ୍ୟରେ ବାଧା ସୃଷ୍ଟି କରେ । ସକାରାତ୍ମକତା ତୁଳନାରେ, ନକାରାତ୍ମକତା ଜଣେ ବ୍ୟକ୍ତିର ହୃଦୟ ଓ ମନ ଉପରେ ପ୍ରାଧାନ୍ୟ ଦେବା ଆରମ୍ଭ କରେ, ଯେଉଁ କାରଣରୁ ବ୍ୟକ୍ତିର ପୂରା ଜୀବନ ନଷ୍ଟ ହୋଇଯାଏ । ତେଣୁ, ଯଦି ଆପଣ ନକାରାତ୍ମକତା ଶକ୍ତିରୁ ବାହାରକୁ ଆସିବାକୁ ଚାହାଁନ୍ତି ତେବେ କାର୍ଯ୍ୟରୁ ବିରତି ନିଅନ୍ତୁ ଏବଂ ଆପଣଙ୍କ ଚିନ୍ତାଧାରା ବିଷୟରେ ଚିନ୍ତା କରନ୍ତୁ ଯାହା ଦ୍ୱାରା ନକାରାତ୍ମକ ଚିନ୍ତା ନିୟନ୍ତ୍ରିତ ହୋଇପାରିବ । ନକାରାତ୍ମକ ଚିନ୍ତାରୁ ଦୂରେଇ ରହିପାରିବେ ।

**ସକାରାତ୍ମକ ଭାବିବାକୁ ଚେଷ୍ଟା କରନ୍ତୁ:** ନକାରାତ୍ମକ ଚିନ୍ତାକୁ ପରିବର୍ତ୍ତନ କରିବାର ସର୍ବୋତ୍ତମ ଉପାୟ ହେଉଛି ଯେକୌଣସି ପରିସ୍ଥିତିରେ ବି ସକାରାତ୍ମକ ଚିନ୍ତା କରିବା ଏବଂ କୌଣସି ସମସ୍ୟାର ମୁକାବିଲା ପାଇଁ ଶାନ୍ତ ମନ ରଖିବା ଜରୁରୀ । ଉଦାହରଣ ସ୍ୱରୂପ, ଯଦି କେହି ଆପଣଙ୍କ ଫୋନ୍ ଉଠାଉ ନାହାଁନ୍ତି, ତେବେ ଏହା ବିଷୟରେ ନକାରାତ୍ମକ ଚିନ୍ତା କରନ୍ତୁ ନାହିଁ, କିଏ ଜାଣେ, ବ୍ୟକ୍ତି ବ୍ୟସ୍ତ ଥାଇପାରେ ।

**ଯୋଗ ଓ ଧ୍ୟାନ କରନ୍ତୁ:** ଆପଣଙ୍କ ମନକୁ ଯଦି ସର୍ବଦା ନକାରାତ୍ମକ ଚିନ୍ତା ଆସୁଛି, ତେବେ ସକାଳୁ ଉଠି ଯୋଗ କରନ୍ତୁ, ଏହା ସହିତ ଆପଣ ଜିମ୍ ମଧ ଯାଇ ପାରିବେ କିମ୍ବା ଘରେ ବି କରିପାରିବେ । ସକାଳୁ ସକାଳୁ ଖୋଲା ପଡ଼ିଆରେ ସୂର୍ଯ୍ୟ କିରଣ ଆସୁଥିବା ସମୟରେ ଧ୍ୟାନ କରନ୍ତୁ ।

**ଆପଣଙ୍କର ଚିନ୍ତାଧାରା ଲେଖନ୍ତୁ:** ଆପଣଙ୍କ ମନରେ ଯଦି ନକାରାତ୍ମକ ଚିନ୍ତା ଆସୁଛି, ଆପଣ ଭାବିବା ପରିବର୍ତ୍ତେ ଆପଣଙ୍କ ଚିନ୍ତାଧାରା ଲେଖିବାରେ ଅଭ୍ୟାସ କରିବା ଉଚିତ୍ । ଯାହାଫଳରେ ଆପଣ ସହଜରେ ନକାରାତ୍ମକ ଚିନ୍ତାରୁ ଦୂରେଇ ଯାଇ ପାରିବେ ।

**ବ୍ୟସ୍ତ ରୁହନ୍ତୁ:** ନିଜକୁ ବ୍ୟସ୍ତ ରଖନ୍ତୁ । ଦିନସାରା ଗୋଟିଏ ଭଲ କାମ କରିବାକୁ ସ୍ଥିର କରନ୍ତୁ, ଏହା ଆପଣଙ୍କ ମନକୁ କେବେବି ନକାରାତ୍ମକ ଚିନ୍ତା ଆସିବ ନାହିଁ । ବରଂ, ଆପଣଙ୍କର ଆତ୍ମବିଶ୍ୱାସ ବୃଦ୍ଧି ପାଇବ ଯାହା ଆପଣଙ୍କର ଦକ୍ଷତା ବୃଦ୍ଧି ପାଇଁ କାର୍ଯ୍ୟ କରିବ ।

# ଏହି ୩ ପ୍ରକାର କେଶ ମଧ୍ୟରୁ ଆପଣଙ୍କର କେଉଁ ପ୍ରକାର ?

ବର୍ତ୍ତମାନର ଯୁବକ ଯୁବତୀଙ୍କ ପାଇଁ ସବୁଠାରୁ ବଡ଼ ଚିନ୍ତା ହେଉଛି ଚୁଟି ଝଡ଼ିବା ଓ ଚୁଟି ପାଚିବା। ସେଥିପାଇଁ କିଏ କେତେ ପ୍ରକାର ତେଲ ଲଗାଉଛନ୍ତି, ପୁଣି କିଏ କିଏ ଔଷଧ ଖାଉଛନ୍ତି। ତେବେ କୌଣସି ଉପଚାର କରିବା ପୂର୍ବରୁ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା, ନିଜ ଚୁଟିର କିସମ ବା ପ୍ରକାର ଜାଣିବା ନିହାତି ଜରୁରୀ । ଜାଣିଲେ ତାହା ଆପଣଙ୍କୁ ଔଷଧ ପ୍ରୟୋଗରେ ସାହାଯ୍ୟ କରିବ।

କେଶ ପ୍ରତି ଯତ୍ନଶୀଳା ହେବାକୁ ଯାଇ ପ୍ରଥମେ ତା’ର ପ୍ରକାର ଭେଦ ସମ୍ପର୍କରେ ସମ୍ୟକ୍ ଧାରଣା ରଖୁବାକୁ ଚେଷ୍ଟା କରନ୍ତୁ। ଫଳରେ ଆପଣ ସହଜରେ ଆପଣଙ୍କ ପରିଶ୍ରମର ଫଳ ପାଇପାରିବେ। କାରଣ ସବୁ ଚୁଟି ପାଇଁ ଯତ୍ନର ପ୍ରଣାଳୀ ସମାନ ନୁହେଁ। ଭିନ୍ନ କେଶ ପାଇଁ ଭିନ୍ନ ଭିନ୍ନ ଯତ୍ନ ଆବଶ୍ୟକ। ନିମ୍ନରେ ସେ ସମ୍ପର୍କରେ ଆଲୋଚନା କରାଗଲା।

ବଂଶଗତ ଜିନ୍ ଓ ପରିବେଶକୁ ଦୃଷ୍ଟିରେ ରଖି ମଣିଷ ମୁଣ୍ଡରେ ରହିଥିବା କେଶ ବା ଚୁଳ ସାଧାରଣତଃ ୩ ପ୍ରକାର ଦେଖା ଯାଇଥାଏ। (୧) ସାଧାରଣ କେଶ (୨) ତୈଳୀୟ କେଶ (୩) ଶୁଷ୍କ କେଶ। କୌଣସି ଔଷଦ ବା ତେଲ ମୁଣ୍ଡବାଳରେ ପ୍ରୟୋଗ କରିବା ଆଗରୁ ଆମେ ନିଜର ବାଳର କିସମ ଜାଣିବା ନିହାତି ଜରୁରି। ଆସନ୍ତୁ ବିସ୍ତୃତ ଭାବରେ ଜାଣିବା ଏସବୁ କେଶ କଣ ?

**ସାଧାରଣ କେଶ:**
ଏହି ଧରଣର କେଶ ପାଇଥିବା ମହିଳାମାନେ ନିଶ୍ଚିତ ଭାବେ ଭାଗ୍ୟବତୀ। ନରମ, ଉଜ୍ଜ୍ୱଳ ଓ କୋମଳ କେଶକୁ ସାଧାରଣ କେଶ କୁହାଯାଏ। ଏହି କେଶର ସେଭଳି କିଛି ସମସ୍ୟା ନଥାଏ। ରୁପି ପ୍ରାୟ ହୁଏନାହିଁ। ଏହି କେଶ ପ୍ରତି ମାସରେ ୧ ଇଞ୍ଚରୁ ୧୦ ଇଞ୍ଚ ପର୍ଯ୍ୟନ୍ତ ବଢ଼େ। ଶୀତଦିନେ ସପ୍ତାହରେ ଥରେ ଓ ଗ୍ରୀଷ୍ମ ଋତୁରେ ସପ୍ତାହରେ ଦୁଇଥର ମୁଣ୍ଡ ସଫା କଲେ ହିଁ ଯଥେଷ୍ଟ। ଏହି କେଶରେ ପ୍ରତ୍ୟହ ୫ ମିନିଟ ତୈଳ ଘର୍ଷଣ କରିବା ଆବଶ୍ୟକ। ୧ କପ୍ ଷ୍ଟ୍ରଙ୍ଗ୍ ଚା’ ଲିକରରେ, ଅଧାଫାଳ ଲେମ୍ବୁ ଚିପୁଡ଼ି, ମୁଣ୍ଡକୁ ସାମ୍ପୋ କରିବା ପରେ ଲଗାଇ କିଛି ସମୟ ପରେ ଧୋଇଦିଅନ୍ତୁ। ଏହା ଏକ ସୁନ୍ଦର ଟନିକ୍ ପରି କାମ କରିବ। ତା’ଛଡ଼ା ମେହେନ୍ଦି ତେଲ ମାଲିସ କରନ୍ତୁ।








**ତୈଳୀୟ କେଶ :**
ଯେଉଁ ମହିଳାମାନଙ୍କର ତ୍ୱଚା ତୈଳୀୟ, ସେମାନଙ୍କର କେଶ ମଧ ତୈଳୀୟ ହେବାର ସମ୍ଭାବନା ଥାଏ। ତୈଳୀୟ କେଶ କ୍ଷୀଣକାୟ ଓ ଲମ୍ବା। କେଶଗ୍ରନ୍ଥି ଅତ୍ୟଧିକ ତୈଳ ଉତ୍ପାଦନ କରେ। ଏହି କେଶରେ ରୁପି ତଥା ଅନ୍ୟାନ୍ୟ ସମସ୍ୟା ଦେଖାଯାଏ। ଏମାନେ ସପ୍ତାହରେ ଦୁଇଥର ମୁଣ୍ଡ ଧୋଇବା ଆବଶ୍ୟକ। ମୁଣ୍ଡ ସଫା କରିବା ସମୟରେ ଭିନେଗାର ବା ଲେମ୍ବୁରସ ନେଇ ସଫା କଲେ ତୈଳକ୍ଷରଣ ହୁଏ। ମୁଲତାନୀ ମାଟି ଓ ଚଣା ଅଟାରେ ମୁଣ୍ଡ ସଫା କଲେ ମଧ ଭଲ। ଅଣ୍ଡାର ଧଳା ଅଂଶ ସହ ଅଧା ଫାଳ ଲେମ୍ବୁ ଚିପୁଡ଼ି ତୈଳାକ୍ତ କେଶରେ ଲଗାଇଲେ ଉପକାର ମିଳେ।

**ଶୁଷ୍କ କେଶ:**
ଏହି କେଶ ପାଇଥିବା ମହିଳାମାନେ ଅନେକ ସମସ୍ୟାର ସମ୍ମୁଖୀନ ହୁଅନ୍ତି। କେଶଗ୍ରନ୍ଥି ସବୁ ତୈଳ ଉତ୍ପାଦନ କରିବାକୁ ଅକ୍ଷମ ହେଲେ କେଶ ଶୁଷ୍କ ହୁଏ। ଏହି କେଶରେ ରୁପି ହେବାର ଦେଖାଯାଏ। ତାଛଡ଼ା କେଶ ପାଚି ଯାଏ, ଅସମୟରେ କେଶ ଦୋମୁହାଁ ହୋଇଯାଏ। ଭୋଜନରେ କମ୍ ଚିକ୍କଣ ପଦାର୍ଥ ନେଲେ କେଶ ମଧ ଶୁଷ୍କ ହୋଇଯାଏ। ଏହି ପ୍ରକାର ଚୁଟିର ସବୁଠୁ ଭଲ ଉପଚାର ହେଲା ମାଲିସ୍। ଜଡ଼ାତେଲ ବା ବାଦାମ ତେଲକୁ ହାଲକା ଉଷୁମ କରି ମାଲିସ କରନ୍ତୁ ବା ସମାନ ପରିମାଣର ଜଡ଼ାତେଲ, ନଡ଼ିଆତେଲ ଓ କେଶବର୍ଦ୍ଧିନୀ ତେଲ ମିଶାଇ ଅଳ୍ପ ଉଷୁମ କରି ମୁଣ୍ଡରେ ଘଷି ତା ପରଦିନ ଷ୍ଟିମିଂ କରନ୍ତୁ। ମାଲିସ୍ ପରେ ପ୍ଲାଷ୍ଟିକର ଗୋଟିଏ ଟୋପି ପିନ୍ଧି ଦିଅନ୍ତୁ।




ସବୁ ଲୋକ ସହଜ ନୁହଁନ୍ତି। ଆପଣଙ୍କୁ ଅଡୁଆରେ ପକାଇବାକୁ କିଛି ଲୋକ ସବୁବେଳେ ତୟାର ହୋଇ ଥାଆନ୍ତି। ସେମାନେ ଏଥିରୁ କିଛି ଲାଭ ପାଆନ୍ତି ନାହିଁ, କେବଳ ଆପଣଙ୍କୁ ଅଡୁଆରେ ପକାଇ ସେମାନେ ଆନନ୍ଦ ପାଆନ୍ତି। ଆପଣଙ୍କ ସମୟ ମଧ ନଷ୍ଟ କରନ୍ତି। କିନ୍ତୁ ଆପଣଙ୍କୁ ତ ଏଭଳି ଲୋକଙ୍କ ସହ କାମ କରିବାକୁ ପଡ଼ିବ। ତେଣୁ ଏଭଳି ଲୋକଙ୍କ ସହ ଡିଲ୍ କରିବାକୁ ଏହି ୪ଟି ଉପାୟ ଅବଲମ୍ବନ କରନ୍ତୁ। ଦୈନିକ ଆମେ ଭିନ୍ନ ଭିନ୍ନ ପ୍ରକାର ମଣିଷଙ୍କ ସଂସ୍ପର୍ଶରେ ଆସନ୍ତି। କିଛି ମଣିଷଙ୍କ ସହ ଭେଟ ହେଲେ ଆମକୁ ଭଲ ଲାଗେ। ସେମାନଙ୍କ ସହ ଜୀବନ ସହଜ ଅନୁଭବ ହୁଏ। କିନ୍ତୁ କିଛି ମଣିଷ ଥାଆନ୍ତି, ଯେଉଁମାନଙ୍କ କଥା ଭାବିଲେ ମନକୁ ଭୟ ଚାଲିଆସେ। ବେଳେବେଳେ ଆମେ ଆଲୋଚନା ପ୍ରସଙ୍ଗରେ ଯଦି କୌଣସି କୃପଣ ଲୋକର ନାଁ ନେଇଗଲେ, ତେବେ ଅନ୍ୟମାନେ କହି ଉଠନ୍ତି, ସକାଳୁ ସକାଳୁ ତା ନାଁ ନେଲେ ଖାଇବାକୁ ମିଳିବନି। ଆମ ଚାରିପାଖରେ ସବୁବେଳେ ଏମିତି କିଛି ଲୋକ ଥାଆନ୍ତି, ଯେଉଁମାନେ ଆମ କାମକୁ କଷ୍ଟକର କରିଦିଅନ୍ତି। ଆପଣ ଯାହା କହିବେ ସେମାନେ ତା ଓଲଟା କଥା କହିବେ। ଆପଣଙ୍କର କୌଣସି ମତାମତକୁ ମାନନ୍ତି ନାହିଁ। ଅତି ସହଜ କାମଟିକୁ ନିଜର ଅହଂକାର ପାଇଁ କଠିନ କରିଦିଅନ୍ତି। ଆସନ୍ତୁ ଜାଣିବା, ଏପରି ନେଗେଟିଭ୍ ଲୋକଙ୍କ ସହ ଡିଲ୍ କରିବାକୁ ଏହି ୪ଟି ଉପାୟ।

**ଯୁକ୍ତିତର୍କ କରନ୍ତୁ ନାହିଁ:** ଜାଣି ସିଆଣିଆ ନେଗେଟିଭ୍ ଲୋକମାନଙ୍କ ସହ କେବେ ଯୁକ୍ତିରେ ମାତନ୍ତୁ ନାହିଁ। ସେମାନେ ଚାହାଁନ୍ତି ଆପଣ ତାଙ୍କ ସହ ତର୍କ କରନ୍ତୁ ଓ ଆପଣଙ୍କ ସମୟ ନଷ୍ଟ ହେଉ। ଏଥିପାଇଁ ସେମାନେ ଆପଣଙ୍କୁ ଉସୁକେଇବେ। ଯଦି ଆପଣ ତାଙ୍କ ସହ ଯୁକ୍ତିତର୍କ କରିବାରେ ମାତିଗଲେ, ତେବେ ଆପଣଙ୍କୁ ସେ ନିଜ ସ୍ତରକୁ ନେବାରେ ସଫଳ ହୁଏ, ତା ସହିତ ଆପଣଙ୍କ ମୂଲ୍ୟବାନ ସମୟ ନଷ୍ଟ କରିବାରେ ସଫଳ ହୁଏ, ଯେଉଁ ସମୟରେ ଆପଣ କିଛି ନୂଆ କାମ କରିପାରିଥାନ୍ତେ। ଏହା ହିଁ ସେ ଚାହେଁ। ଏଭଳି କ୍ଷେତ୍ରରେ ଆପଣ ଗୋଟିଏ କାମ କରିପାରିବେ। ତା କଥାକୁ ଆମୂଳଚୁଳ ଶୁଣନ୍ତୁ, କିନ୍ତୁ ପ୍ରତିକ୍ରିୟା ପ୍ରକାଶ କରନ୍ତୁ ନାହିଁ। ଅତି ବେଶୀରେ ତାକୁ କୁହନ୍ତୁ- ଆପଣଙ୍କ ଅଭିଯୋଗ ମୁଁ ସବୁ ଶୁଣିଲି, ଏ ବିଷୟରେ ଅଧିକ ବିଚାର କରିବି। ଏବେ ଆମେ ଅନ୍ୟ କୌଣସି ପ୍ରସଙ୍ଗରେ କଥା ହେବା, ଏ ପ୍ରସଙ୍ଗରେ ସମୟ ନଷ୍ଟ କରିବାନି।

**ସେମାନଙ୍କୁ ନିଜ କାମ ବିଷୟରେ ବୁଝେଇବାକୁ ଚେଷ୍ଟା କରନ୍ତୁ ନାହିଁ:** ସାମଗ୍ରିକ ଭାବରେ, ଏଭଳି ଲୋକମାନେ ଆପଣଙ୍କୁ କୌଣସି ଏକ ଉପାୟରେ ବ୍ୟସ୍ତ ରଖିବାକୁ ଓ ବିବ୍ରତ କରିବାକୁ ଚାହାଁନ୍ତି। ଆପଣଙ୍କ ଯୁକ୍ତି ଆପଣ ଏକ୍ସପ୍ଲେନ୍ କରନ୍ତୁ ବୋଲି ସେ ଚାହିଁବ, ଯାହାକୁ ସେ ନିଜର ଯୁକ୍ତିରେ କାଟିବ। ଏହା ତା ପାଇଁ ଏକ ଆନନ୍ଦ। ତେଣୁ ଏଭଳି ସ୍ଥିତିରେ ଆପଣ ତାକୁ କେବଳ କୁହନ୍ତୁ- ‘ଏ ବିଷୟରେ ମୋର ନିଷ୍ପତ୍ତି ମୁଁ ପୂର୍ବରୁ ଶୁଣାଇ ସାରିଛି। ଆଉ ଅଧିକ ଆଲୋଚନା କରିବାକୁ ଚାହେଁନି। ମୁଁ କେବଳ ଚାହେଁ ଆପଣ ମୋ ନିଷ୍ପତ୍ତିକୁ ସମ୍ମାନ ଦିଅନ୍ତୁ।’

**ନିଜକୁ କିମ୍ବା ନିଜର ଯୁକ୍ତିକୁ ବୁଝାଇବାକୁ ଚେଷ୍ଟା କରନ୍ତୁ ନାହିଁ:** ଏହିଭଳି ଲୋକଙ୍କୁ ଆପଣ ନେଇଥିବା ନିଷ୍ପତ୍ତିର କାରଣ ସଂପର୍କରେ କିଛି ସ୍ପଷ୍ଟୀକରଣ ଦିଅନ୍ତୁ ନାହିଁ। ସେ ଏହା ଚାହେଁ ଯେ, ଆପଣ ନିଜର ଯୁକ୍ତି ଉପସ୍ଥାପନ କରନ୍ତୁ, ଆଉ ସେ ଏହାକୁ ଅନୁମତି ଦେଇ ଗର୍ବ ଅନୁଭବ କରିବ। ପ୍ରତିବଦଳରେ ଆପଣ କେବଳ ଏତିକି କହିପାରିବେ ଯେ, ଏହା ହିଁ ମୋ ପାଇଁ ସବୁଠାରୁ ଭଲ ନିଷ୍ପତ୍ତି ବୋଲି ମତେ ଲାଗିଲା।

**ଆତ୍ମରକ୍ଷା ପାଇଁ ବ୍ୟବସ୍ଥା କରନ୍ତୁ ନାହିଁ:** ଏଭଳି ଲୋକମାନେ ଆପଣଙ୍କୁ ହରାଇବାକୁ ଓ ଅଡୁଆରେ ପକାଇବାକୁ ଅନେକ ତର୍କ ନିୟମ ଆପଣଙ୍କ ଆଗରେ ଥୋଇବେ। ଚେଷ୍ଟା କରିବେ ଆପଣଙ୍କୁ ଅଡୁଆ ସୂତାରେ ବାନ୍ଧିବାକୁ। ଏଭଳି ପରିସ୍ଥିତିରୁ ଆପଣ ନିଜକୁ ମୁକୁଳାଇ ଆଣନ୍ତୁ। ତା ଏଜେଣ୍ଡା ଭିତରୁ ନିଜକୁ ରକ୍ଷା କରିବା ପରେ କୁହନ୍ତୁ- ଏଭଳି ସ୍ଥିତି ସଂପର୍କରେ ମୁଁ ବହୁତ କିଛି ଭାବିଛି। ତେଣୁ ଏ ନେଇ ଆଉ ଅଧିକ ଆଲୋଚନା କରିବାକୁ ଚାହେଁନି।

# ଖାଆନ୍ତୁ ଏହି ୭ଟି ଖାଦ୍ୟ: ଶୀତ ଦିନେ ବି ଚମକିମ ଚମ

ଶୀତଦିନର ସବୁଠାରୁ ବଡ ସମସ୍ୟା ହେଉଛି ଚର୍ମ ଶୁଖିଲା ହୋଇଯିବା। କିନ୍ତୁ ଏମିତି କିଛି ଉପାୟ ଅଛି ଯାହା ଦ୍ୱାରା କେବଳ ଆପଣଙ୍କ ଚର୍ମକୁ ହାଇଡ୍ରେଟ୍ କରିବ ନାହିଁ ବରଂ ଆପଣଙ୍କ ଚେହେରାରେ ଗ୍ଲୋ ଆଣିବ। ଶୀତ ବଢି ବଢି ଚାଲିଛି। ଶୀତଦିନର ସବୁଠାରୁ ବଡ ସମସ୍ୟା ହେଉଛି ଶୁଖିଲା ଚର୍ମ। କିନ୍ତୁ ଏମିତି କିଛି ଉପାୟ ଅଛି ଯାହା ଦ୍ୱାରା କେବଳ ଆପଣଙ୍କ ଚର୍ମକୁ ହାଇଡ୍ରେଟ୍ କରିବ ନାହିଁ ବରଂ ଆପଣଙ୍କ ଚେହେରାରେ ଗ୍ଲୋ ଆଣିବ। ଆୟୁର୍ବେଦରେ ଅନେକ ସୁପରଫୁଡ୍ ଏବଂ ପାରମ୍ପରିକ ଭାରତୀୟ ଖାଦ୍ୟ ଅଛି ଯାହା ଆପଣଙ୍କ ଚର୍ମକୁ ଭିତରୁ ପୋଷଣ କରିଥାଏ। ଏଠାଏ ଆମେ ଆପଣଙ୍କୁ ଏହିପରି ୫ ଟି ଦେଶୀ ଖାଦ୍ୟ ବିଷୟରେ କହିବୁ, ଯାହା ଆପଣଙ୍କୁ ଏହି ଶୀତଦିନରେ ଖାଇବା ଦ୍ୱାରା ଚର୍ମକୁ ଚିକ୍କଣ କରିବା ସହିତ ଶୀତରୁ ମଧ ରକ୍ଷା କରିବ।



**ଘିଅ:** ଶୀତଦିନେ ଘିଅ ବ୍ୟବହାର କରିବା ଜରୁରୀ। ଆପଣ ଯେକୌଣସି ତରକାରୀ କିମ୍ବା ରୁଟି ପ୍ରସ୍ତୁତ କରୁଛନ୍ତି ସେଥିରେ ଘିଅ ଦେଇ କରିପାରିବେ। ଏହା ସ୍ୱାଦକୁ ମଧ ଦ୍ୱିଗୁଣିତ କରିଦିଏ। ଘିଅ ଚର୍ମକୁ ଗ୍ଲୋ କରିବା ପାଇଁ ମଧ ବହୁତ ଉପଯୋଗୀ। ଘିଅ ଭିଟାମିନ୍ ଇ, ଋ ଏବଂ ଆଣ୍ଟିଅକ୍ସିଡାଣ୍ଟରେ ଭରପୂର। ଏହା ଚର୍ମକୁ କୋମଳ ଏବଂ ହାଇଡ୍ରେଟ୍ କରିଥାଏ। ଖାଲି ପେଟରେ ଗରମ ପାଣି ସହିତ ଘିଅ ଖାଇବା ଦ୍ୱାରା ଅନେକ ଲାଭ ମିଳିଥାଏ।

**ଗାଜର ଏବଂ ବିଟ୍:** ସାଧାରଣତଃ ଗାଜର ଏବଂ ବିଟ୍ ଶୀତରେ ପ୍ରଚୁର ପରିମାଣରେ ମିଳେ। ଏଥିରେ ଥିବା ନାଲି ରଙ୍ଗ ଗାଲକୁ ଗୋଲାପୀ-ଗ୍ଲୋ ଦେବାରେ ସାହାଯ୍ୟ କରେ। ଗାଜରରେ ବିଟା-କାରୋଟିନ୍ ଥାଏ ଏବଂ ବିଟ୍‌ରେ ଆଇରନ୍ ଥାଏ, ଯାହା ରକ୍ତ ସଞ୍ଚାଳନକୁ ଉନ୍ନତ କରିଥାଏ ଏବଂ ଚର୍ମକୁ ପ୍ରାକୃତିକ ଚମକ ଦେଇଥାଏ। ପୋଷକ ବିଶେଷଜ୍ଞଙ୍କ ମତରେ ଗାଜରର ଅଧିକାଂଶ ବିଟା-କାରୋଟିନ୍ ଏହାର ଉପର ଭାଗରେ ଥାଏ। ତେଣୁ ଗାଜରରୁ ଚୋପା ନ ଛଡେଇ ଏହାକୁ ପୁରା ଖାଇବା ଭଲ କାରଣ ଏହାର ଫାଇବର ମଧ ବହୁତ ଗୁରୁତ୍ୱପୂର୍ଣ୍ଣ।

**ଗୁଡ ଏବଂ ରାଶି:** ଗୁଡ ଏବଂ ରାଶି ହେଉଛି ଏପରି ଦୁଇଟି ସୁପରଫୁଡ୍ ଯାହା ଶୀତ ଋତୁରେ ଶରୀର ପାଇଁ ଅତ୍ୟନ୍ତ ଲାଭଦାୟକ। ଗୁଡ ଶରୀରକୁ ଡିଟକ୍ସ କରିଥାଏ ଏବଂ ରାଶି ଚର୍ମକୁ ଆର୍ଦ୍ରତା ଦେଇଥାଏ। ଏହି ଖାଦ୍ୟଗୁଡ଼ିକ ଚର୍ମକୁ ଅତ୍ୟାବଶ୍ୟକ ଫ୍ୟାଟି ଏସିଡ୍ ଏବଂ ମ୍ୟାଗ୍ନେସିୟମ୍ ଯୋଗାଇଥାଏ। ରାଶି ମଞ୍ଜିରେ କ୍ଷୀର ଅପେକ୍ଷା ୮ ଗୁଣ ଅଧିକ କ୍ୟାଲସିୟମ ଥାଏ। ଆପଣ ରାଶି ଓ ଗୁଡକୁ ମିଶେଇ ଲଡୁ କରି ଖାଇପାରିବେ।

**ମୂଳା:** ଶୀତ ଦିନରେ ମିଳୁଥିବା ଆଉ ଏକ ଦେଶୀ ସୁପରଫୁଡ୍ ହେଲା ମୂଳା। ମୂଳା ଫାଇବର, ଆଣ୍ଟିଅକ୍ସିଡାଣ୍ଟ ଏବଂ ଜଳର ଏକ ଉତ୍ତମ ଉତ୍ସ, ଯାହା ଚର୍ମକୁ ଡିଟକ୍ସ କରିଥାଏ ଏବଂ ହାଇଡ୍ରେଟ୍ ରଖିଥାଏ। ମୂଳାର ହାଇଫାଇବର ହଜମକୁ ପ୍ରକ୍ରିୟାକୁ ଭଲ ରଖେ ଏବଂ ଅନ୍ତନଳୀରେ ଉନ୍ନତି ଆଣେ। ଏହାର ଭଲ ପ୍ରଭାବ ସିଧାସଳଖ ଚର୍ମ ଉପରେ ପଡେ।

**କମଳା:** କମଳା ହେଉଛି ଭିଟାମିନ୍ ଉ ର ଏକ ଭଣ୍ଡାର।
ଶୀତଦିନେ ମିଳୁଥିବା କମଳା ହେଉଛି ଭିଟାମିନ୍ ଉ ର ଏକ ଭଣ୍ଡାର। ଚର୍ମର ଚମକ ପାଇଁ ଭିଟାମିନ୍ ଉ ଅତ୍ୟନ୍ତ ଉପଯୋଗୀ। କମଳାରେ ଆଣ୍ଟିଅକ୍ସିଡାଣ୍ଟ ଏବଂ ଫାଇବର ମଧ ଥାଏ, ଯାହା ହୃଦୟର ସ୍ୱାସ୍ଥ୍ୟକୁ ଭଲ ରଖେ। ଏହା କୋଲେଷ୍ଟ୍ରଲ ସ୍ତରକୁ ନିୟନ୍ତ୍ରଣ କରିଥାଏ। କମଳା ନିୟମିତ ଖାଇବା ଦ୍ୱାରା ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## କୃତଘ୍ନତା...

ଭାରତର ସାମରିକ ଶକ୍ତି ଓ ଯବାନମାନଙ୍କ ବଳିଦାନରେ ଜନ୍ମ ହୋଇ, ଭାରତର ଆର୍ଥିକ ସହାୟତା ଓ ଅକୁଣ୍ଠ କୂଟନୈତିକ ସମର୍ଥନରେ ପରିପୁଷ୍ଟ ହୋଇଥିବା ବାଂଲାଦେଶ ଏବେ ପାକିସ୍ତାନ ରାସ୍ତାରେ ଯିବା ଆରମ୍ଭ କରିଛି। ଏହାଠାରୁ ବଡ଼ କୃତଘ୍ନ ପଡ଼ୋଶୀର ଉଦାହରଣ ଆଉ କ'ଣ ହୋଇପାରେ ? ଶେଖ୍ ହସିନାଙ୍କ ପତନ ପରେ ସେଠାରେ ଭାରତ ବିରୋଧୀ ଆଭିମୁଖ୍ୟ ତୀବ୍ର ହୋଇଛି। ବିଶେଷକରି ହିନ୍ଦୁ ସମ୍ପ୍ରଦାୟ ବିଦ୍ୱେଷୀ ମନୋଭାବ ଓ ଆକ୍ରମଣ ବଢ଼ିବାରେ ଲାଗିଛି। ଦୀର୍ଘ ଦୁଇଦଶନ୍ଧି ଧରି ରହି ଆସିଥିବା ଦ୍ୱିପାକ୍ଷିକ ସୁସମ୍ପର୍କ କ୍ରମଶଃ ତିକ୍ତ ହେଉଛି। ଅଧିକନ୍ତୁ ଦଲାଇ ଲାମାଙ୍କୁ ଶରଣ ଦେଇ ଭାରତ ଯେଭଳି ଚୀନ୍ ଆକ୍ରୋଶର ସମ୍ମୁଖୀନ ହୋଇଥିଲା ସେଭଳି ଶେଖ୍ ହସିନାଙ୍କୁ ରାଜନୈତିକ ଶରଣ ଦେଇ ବାଂଲାଦେଶୀ ମୌଳବାଦୀମାନଙ୍କ ବିଦ୍ୱେଷର ଶିକାର ହୋଇଛି। ବାଂଲାଦେଶରେ ଏବେ ଯେଉଁ ଆଭିମୁଖ୍ୟ ଦେଖିବାକୁ ମିଳୁଛି, ତାହା ଭାରତ ବିଦ୍ୱେଷ ତୁଳନାରେ ଅଧିକ ହିନ୍ଦୁ ବିଦ୍ୱେଷୀ କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ସେଠାରେ ସବୁ ସଂଖ୍ୟାଲଘୁମାନେ ନୁହନ୍ତି, କେବଳ ହିନ୍ଦୁମାନେ ହିଁ ଅସୁରକ୍ଷିତ। ଇତିମଧ୍ୟରେ ଜମାତ୍-ଇ-ଇସ୍‌ଲାମ୍ ଭଳି ମୌଳବାଦୀ ସାମ୍ପ୍ରଦାୟିକ ଶକ୍ତିମାନଙ୍କ ଉପରେ ଥିବା କଟକଣା ଉଠାଇ ଦିଆଯାଇଛି। ଏହାର ପରିଣତି ଯେ ଭାରତ ବିରୋଧୀ ଆଭିମୁଖ୍ୟକୁ ଆହୁରି ବଳଶାଳୀ କରିବ ଏଥିରେ ଦ୍ୱିରୁକ୍ତି ନାହିଁ। ବାଂଲାଦେଶରେ ଇସ୍‌କନ୍ ସଦସ୍ୟ ଚିନ୍ମୟ କ୍ରିଷ୍ଣା ଦାସଙ୍କୁ ଗିରଫ କରାଯିବା ପରେ ପ୍ରତିକ୍ରିୟା ସ୍ୱରୂପ ଅଗ୍ରତାଲାରେ ବାଂଲାଦେଶ ଦୂତାବାସର ଅଧିକାରୀଙ୍କ ଉପରେ ଆକ୍ରମଣ ହୋଇଥିଲା। ଏହାର ଦିନକ ପରେ ବାଂଲାଦେଶରେ ଅବସ୍ଥାପିତ ଭାରତୀୟ ରାଷ୍ଟ୍ରଦୂତଙ୍କୁ ସେଠାକାର କାମଚଳା ସରକାର ସମନ୍ ଜାରି କରି ଭିଏନା କୂଟନୈତିକ ସମ୍ପର୍କ ଶୀର୍ଷ ସମ୍ମିଳନୀ ୧୯୬୧ର ବିରୁଦ୍ଧାଚରଣ କରୁଛି ବୋଲି ଅଭିଯୋଗ କରିଛନ୍ତି। ଭାରତ ଏଥିରେ ଦୁଃଖ ପ୍ରକାଶ କରିଛି। କିନ୍ତୁ ଏଥିରେ ବାଂଲାଦେଶ ସନ୍ତୁଷ୍ଟ ହୋଇନାହିଁ। ଅପରପକ୍ଷରେ ବାଂଲାଦେଶରେ ହିନ୍ଦୁ ବିରୋଧୀ ଆଭିମୁଖ୍ୟକୁ ନେଇ ଭାରତର କେତେ ଉଦ୍‌ବିଗ୍ନ ତାହା ବୈଦେଶିକ ସଚିବ ବିକ୍ରମ ମିସ୍ରୀ ସେଠାକାର ପ୍ରତିପକ୍ଷଙ୍କୁ ଜଣାଇଥିଲେ ମଧ୍ୟ ବାଂଲାଦେଶ ପ୍ରତିକ୍ରିୟାହୀନ ଓ ସମ୍ବେଦନହୀନ ମନୋଭାବ ପ୍ରଦର୍ଶନ କରିଛି। ଦ୍ୱିପାକ୍ଷିକ ସମ୍ପର୍କକୁ ଆହୁରି ତିକ୍ତ କରିଛି ବାଂଲାଦେଶର ପୂର୍ବତନ ସେନାଧିକାରୀମାନେ କରିଥିବା ଅପରିପକ୍ୱ ବାହୁସ୍ଫୋଟ। ବାଂଲାଦେଶ ଚାହିଁଲେ ପଶ୍ଚିମବଙ୍ଗ, ବିହାର ଓ ଓଡ଼ିଶା ଦଖଲ କରିବାକୁ ବେଶୀ ଦିନ ଲାଗିବ ନାହିଁ ବୋଲି ବୃଥା ଆସ୍ଫାଳନକୁ ମଧ୍ୟ ସେଠାକାର କାମଚଳା ସରକାର ଖଣ୍ଡନ କରିନାହାନ୍ତି। ଅଧିକନ୍ତୁ ପୂର୍ବଭାରତ ପାଇଁ ହୋଇଥିବା ଟେଲିକମ୍ ଚୁକ୍ତିକୁ ବାଂଲାଦେଶ ବାତିଲ୍ କରିଛି ଏବଂ ଆଦାନୀ ଗ୍ରୁପ୍‌ର ଅକ୍ଷୟ ଶକ୍ତି ବାବଦ ବକେୟା ପୈଠ କରିବା ମାନସିକତାରୁ ଓହରି ଯାଇଛି। ହିନ୍ଦୁମାନଙ୍କୁ ଆକ୍ରମଣ କରିବା, ଭାରତୀୟ ଦ୍ରବ୍ୟକୁ ବର୍ଜନ କରିବାର ଧମକ ଦେବା ଭଳି ଅପରିପକ୍ୱ ମାନସିକତାକୁ ସେଠାକାର ସରକାର ନିରବ ସମର୍ଥନ ଦେଉଛନ୍ତି। ସେଠାକାର ଏଭଳି ଭାରତ ବିଦ୍ୱେଷୀ ମନୋଭାବ ପଛରେ ମୁଷ୍ଟିମେୟ ମୌଳବାଦୀ ଗୋଷ୍ଠୀ ଓ ବିଦେଶ ଶକ୍ତିର ଷଡ଼ଯନ୍ତ୍ର ରହିଛି। କିନ୍ତୁ ଏହାକୁ ନ ବୁଝି ବାଂଲାଦେଶ ଯଦି ପାକିସ୍ତାନ ରାସ୍ତାରେ ଯିବ ତେବେ ତାହାକୁ କେବଳ ନେପାଳ ଓ ମାଳଦ୍ୱୀପର ହୀନସ୍ଥା କଥା ଚେତିବାକୁ ହେବ। ବାଂଲାଦେଶରେ ସ୍ଥିର ସରକାର ରହୁ, ଭାରତ ଏହା ସବୁବେଳେ ଚାହେଁ ଏବଂ ସେଠି ଯିଏ କ୍ଷମତାକୁ ଆସିବ, ତା' ସହିତ ଭଲ ସମ୍ପର୍କ ରଖିବା ମଧ୍ୟ ଭାରତର ଏକପ୍ରକାର ବାଧ୍ୟବାଧକତା। ବାଂଲାଦେଶ ପେଟ୍ରୋଲିୟମ, ବୟନ, କୋଇଲା, ଖାଦ୍ୟଶସ୍ୟ, ମସଲା, ବୈଦ୍ୟୁତିକ ଯନ୍ତ୍ରପାତିଠାରୁ ଆରମ୍ଭ କରି ସିମେଣ୍ଟ, ଲୁହା, ଖାଦ୍ୟ ଶସ୍ୟ, କପା, ଝୋଟ, କୃଷିଜାତ ଦ୍ରବ୍ୟ ଆଦି ଭାରତରୁ ଦ୍ୱିପାକ୍ଷିକ ଅଗ୍ରାଧିକାରଭିତ୍ତିକ ଚୁକ୍ତିରେ ଶସ୍ତାରେ ଆମଦାନୀ କରେ। ଦୁଇଦେଶ ମଧ୍ୟରେ ଧାର୍ମିକ ଭିନ୍ନତା ସତ୍ତ୍ୱେ ଏକ ନିବିଡ଼ ସାଂସ୍କୃତିକ ସମ୍ପର୍କ ରହିଆସିଛି। ସେହି ସମ୍ପର୍କର ଦୃଢ଼ତା ଧର୍ମ ଓ ରାଷ୍ଟ୍ରଠାରୁ ଅଧିକ ପ୍ରଭାବଶାଳୀ। ତେଣୁ ଭାରତ ସହିତ ଦ୍ୱିପାକ୍ଷିକ ସମ୍ପର୍କ ବିଗାଡ଼ିବାକୁ ଉଦ୍ୟମ କଲେ ବାଂଲାଦେଶ ହିଁ ଅଧିକ କ୍ଷତି ସହିବ। ଭାରତ ସରକାର ଏବେ ମଧ୍ୟ 'ନେବର ଫାଷ୍ଟ ପଲିସି'(ପଡ଼ୋଶୀ ପ୍ରଥମ) ନୀତିରେ ଅଟଳ ରହିଛି। ବାଂଲାଦେଶ, ଭୁଟାନ, ନେପାଳ, ଶ୍ରୀଲଙ୍କା, ମାଳଦ୍ୱୀପ, ଆଫଗାନିସ୍ତାନ ଆଦି ଦେଶକୁ ଆର୍ଥିକ ସହାୟତା ସହିତ ବାଣିଜ୍ୟ କାରବାରରେ ଭାରତ ଅଗ୍ରାଧିକାର ଦେଉଛି। କୋହଳ ବାଣିଜ୍ୟ ନୀତି ଅବଲମ୍ବନ କରି ସେସବୁ ଦେଶରୁ ବିଭିନ୍ନ ସାମଗ୍ରୀ ଆମଦାନୀ କରୁଛି ଏବଂ ସେଠାକାର ଘରୋଇ ବଜାରର ଚାହିଦା ଦେଖି ଭାରତ ରପ୍ତାନୀ କରୁଛି। ସ୍ୱାଧୀନ ରାଷ୍ଟ୍ରମାନଙ୍କର ସାର୍ବଭୌମତ୍ୱକୁ ଭାରତ ସବୁବେଳେ ସମ୍ମାନ ଦେଇ ଆସିଛି। ବାଂଲାଦେଶକୁ ଏକ ନୂତନ ରାଷ୍ଟ୍ର ଭାବେ ଜନ୍ମନେବାର ଶ୍ରେୟ ଭାରତକୁ ଦିଆଯାଉଥିଲେ ମଧ୍ୟ ଭାରତ ନିଜର ବଡ଼ଭାଇ ପଣିଆ ସେହି ଦେଶ ଉପରେ କେବେ ହେଲେ ଜାହିର କରିନାହିଁ। ଏହାସତ୍ତ୍ୱେ ଯଦି ବାଂଲାଦେଶ ଭାରତ ବିରୋଧୀ ଆଭିମୁଖ୍ୟ ପ୍ରଦର୍ଶନ କରିବ ତାହା ତାହାର ଈର୍ଷା, ପରଶ୍ରୀକାତରତା ଓ ପରଘର ପ୍ରରୋଚନାର କୁତ୍ସିତ ମାନସିକତା ବୋଲି ଭାବିବାକୁ ପଡ଼ିବ। ଯଦି ଏହି ଧାରା ବଜାୟ ରହେ ତାହା ହେଲେ ଭାରତ ତୁଳନାରେ ବାଂଲାଦେଶ ହିଁ ଅଧିକ କ୍ଷତି ସହିବ।

## ସିରିଆ ଅସ୍ଥିରତାର ପ୍ରଭାବ



**ସୌମେନ୍ଦ୍ର ଜେନା**

ଆମେରିକାର ଷଡଯନ୍ତ୍ରକୁ ଅନେକ ବର୍ଷ ଧରି ସାମ୍ନା କରିବା ପରେ ଶେଷରେ ଅସଦଙ୍କ ସରକାରର ପତନ ହୋଇଛି । ରାଜଧାନୀ ଦାମାସ୍କସ୍ ବିଦ୍ରୋହୀମାନଙ୍କ ହାତକୁ ଯିବା ପରେ ପରେ ସିରିଆର ଗୋଲାନ ହାଇଟ ଅଞ୍ଚଳକୁ ଇସ୍ରାଏଲ ସେନା ୫୦ବର୍ଷ ପରେ ରାତାରାତି ଦଖଲ କରି ନେଇଛନ୍ତି । ଆରବ ବସନ୍ତର ଆନ୍ଦୋଳନ ଯାହା ୨୦୧୧ରେ ମଧ୍ୟ ପ୍ରାଚ୍ୟରେ ଆରମ୍ଭ କରି ଆମେରିକା ଅସ୍ଥିରତା ସୃଷ୍ଟିକରି ଲିବିୟାର ଗଦାଫି ସରକାରକୁ ଗାଦିଚ୍ୟୁତ କରିବା ସହ ଆଜିଯାଏ ଏହି କ୍ଷେତ୍ରକୁ ଅଶାନ୍ତ କରି ରଖିଛି । ଆମେରିକା ବନାମ୍ ରୁଷିଆର ସଂଘର୍ଷରେ ବିଗତ ଦିନରେ ଅନେକ ରାଷ୍ଟ୍ର ଧ୍ୱଂସର ଶିକାର ହୋଇଆସିଛନ୍ତି । ଏବେ ସିରିଆ ସେହି କ୍ରିକେଟ ଭୂମିର ଆଉ ଏକ ୱିକେଟ୍, ମାତ୍ର ଯାହାର ପତନ ଘଟିଛି । ଅଶିଦଶକରୁ ଆଫଗାନିସ୍ଥାନ, ଇରାନରୁ ଆରମ୍ଭ କରି ବର୍ତ୍ତମାନର ସୁଦାନ ସେହି ଷଡଯନ୍ତ୍ରକୁ ସାମନା କରି କ୍ଷତିଗ୍ରସ୍ତ ହୋଇଆସିଛନ୍ତି । ସୁଦାନର ବିଭାଜନ ହୋଇଥିଲାବେଳେ ଆଫଗାନିସ୍ଥାନ ନାହିଁ ନଥିବା କ୍ଷତିକୁ ସାମ୍ନା କରିଆସିଛି । ଆଗାମୀ ଦିନରେ ବଙ୍ଗଳାଦେଶ ମଧ୍ୟ ସେହିପରି ଅବସ୍ଥା ଭୋଗିବାକୁ ଯାଉଛି ।

ଏକଥା ସତ ଯେ ସିରିଆରେ ଅସଦଙ୍କ ସରକାର ଦୀର୍ଘ ୫୦ବର୍ଷରୁ ଅଧିକ କାଳ ଶାସନରେ ରହିଆସିଥିଲା । ସିରିଆର ରୁଷିଆକୁ ସମର୍ଥନ କରିବା ନୀତିକୁ ଆମେରିକା ଆଦୌ ଗ୍ରହଣ କରିପାରୁ ନଥିଲା । ବିଗତ ବର୍ଷମାନଙ୍କରେ ଆମେରିକା ଅସଦଙ୍କ ସରକାରର ପତନ ପାଇଁ ଏକ ଦୀର୍ଘସୂତ୍ରୀ ଯୋଜନା ନେଇ ଦେଶର ବିରୋଧୀ ଦଳଗୁଡିକୁ ଏବଂ ସଶସ୍ତ୍ର ଗୋଷ୍ଠୀଗୁଡିକୁ ସଂଗଠିତ କରି ଆସୁଥିଲା, ଠିକ୍ ଭାରତର 'ଇଣ୍ଡି' ଗୋଷ୍ଠୀକୁ ମୋଦୀଙ୍କ ସରକାରକୁ ହଟାଇବା ପାଇଁ ଯେମିତି ପ୍ରସ୍ତୁତ କରୁଛି । ୨୦୧୧ରୁ ସିରିଆରେ ଚାଲିଆସିଥିବା ଗୃହଯୁଦ୍ଧ ଯୋଗୁ ଅନେକ ଲୋକ ତୁର୍କୀ, ଲେବାନନ, ଜୋର୍ଡାନ ପରି ପଡୋଶୀ ରାଷ୍ଟ୍ର ଏବଂ ଜର୍ମାନୀ ପରି ୟୁରୋପର ଅନେକ ରାଷ୍ଟ୍ରରେ ଶରଣାର୍ଥୀ ଜୀବନଯାପନ କରୁଛନ୍ତି । କେବଳ ଜର୍ମାନୀରେ ପ୍ରାୟ ୧୦ଲକ୍ଷ ସିରିଆବାସୀ ରହିଥିବାର ଆକଳନ କରାଯାଉଛି । ୨୦୧୧ଠାରୁ ଆମେରିକା ଯୋଜନାରେ ଆମେରିକା, ୟୁରୋପୀୟ ସଂଘ, ସ୍ୱିଜରଲାଣ୍ଡ, ଅଷ୍ଟ୍ରେଲିଆ, କାନାଡା ଆଦି ରାଷ୍ଟ୍ର ସିରିଆ ଉପରେ କଟକଣା ଲଗାଇ ଆସିଛନ୍ତି। ତେବେ ୨୦୧୫ରେ ସିରିଆର ସରକାର ରୁଷକୁ ସନ୍ତ୍ରାସବାଦୀ ଆଇଏସ୍ ଗୋଷ୍ଠୀ ବିରୁଦ୍ଧରେ ଲଢିବା ପାଇଁ ସହାୟତା ଲୋଡିବା ପରେ ରୁଷିଆର ସରକାର ସେହି ସିରିଆର ମାମଲାରେ ସଂପୃକ୍ତ ହୋଇଥିଲେ । ଆମେରିକା ସରକାର ସିରିଆ ସରକାର ଏବଂ ଇସଲାମିକ ଷ୍ଟେଟର ବିରୋଧୀ କୁର୍ଦ୍ଦଗୋଷ୍ଠୀକୁ ସମର୍ଥନ ଦେଉଥିଲାବେଳେ ତୁର୍କୀ କୁର୍ଦ୍ଦ ଗୋଷ୍ଠୀ ବିରୁଦ୍ଧରେ ଲଢି ଆସିଛି । ସିରିଆ ରାଷ୍ଟ୍ରପତି ବସର ଅଲ-ଅସଦ୍‌ଙ୍କୁ ଇରାନ, ରୁଷିଆ, ଲେବାନନ୍‌ର ହେଜବୋଲ୍ଲା, ସିରିଆର ପାଲେଷ୍ଟାଇନ ଗୋଷ୍ଠୀ ସମର୍ଥନ କରିଆସିଛନ୍ତି। ସିରିଆର ବିରୋଧୀ ଗୋଷ୍ଠୀ ସିରିଆ ଜାତୀୟ ସାମ୍ମୁଖ୍ୟ ସପକ୍ଷରେ ସୁନ୍ନିରାଷ୍ଟ୍ର ସାଉଦି ଆରବ, କାତାର, ତୁର୍କୀ, ଆମେରିକା, ଫ୍ରାନ୍ସ ଏବଂ ବ୍ରିଟେନ ରହିଆସିଛନ୍ତି । ସନ୍ତ୍ରାସବାଦୀ ଗୋଷ୍ଠୀ ଯେପରି ଅବଦୁଲ୍ଲା ଆଜମ ସହିଦ ବ୍ରିଗେଡ, ଅଲ୍ ନୁସରା ଫ୍ରଣ୍ଟ, ଫତହ ଅଲ୍ - ଇସଲାମ ଆଦି ସିରିଆରେ ଅସଦଙ୍କୁ ବିରୋଧ କରି ଆସିଛନ୍ତି । ଆମେରିକାର ଅସ୍ତ୍ରଶସ୍ତ୍ର ସିରିଆର ସନ୍ତ୍ରାସବାଦୀଙ୍କ ହାତକୁ ଯାଇଥିବା କଥା ୨୦୧୨ ଅକ୍ଟୋବରରେ ଆମେରିକା ସରକାର ସ୍ୱୀକାର କରିଥିଲେ । ଉତ୍ତର ରୁଷିଆର ଚେଚେନ୍ ବିଦ୍ରୋହୀଙ୍କୁ ଆଇଏସ୍ ଗୋଷ୍ଠୀ ନିଯୁକ୍ତ କରିଥିବା ବିଷୟ ଜୁଲାଇ ୨୦୧୬ରେ ପ୍ରକାଶ ପାଇଥିଲା । ୧୯୭୩ରୁ ୨୦୧୭ ପର୍ଯ୍ୟନ୍ତ ଇସ୍ରାଏଲର ସେନା ସିରିଆ ମାମଲାରୁ ଦୂରେଇ ରହିଥିଲେ ବୋଲି କୁହାଗଲେ ମଧ୍ୟ ସିରିଆରେ ଇରାନ ସମର୍ଥିତ ହେଜବୋଲ୍ଲାର ଉପସ୍ଥିତି ଇସ୍ରାଏଲ ସେନାକୁ ଚିନ୍ତାରେ ପକାଇଥିଲା । କିନ୍ତୁ ଡିସେମ୍ବର ୨୦୧୭ରେ ଇସ୍ରାଏଲୀ ବାୟୁସେନା ୧୦୦ଥର ସିରିଆରେ ଆକ୍ରମଣ କରିଥିବା କଥା ସ୍ୱୀକାର କରିଥିଲେ ।

ସିରିଆରେ ସରକାର ସମର୍ଥକ ଏବଂ ବିଦ୍ରୋହୀ ସନ୍ତ୍ରାସବାଦୀଙ୍କ ସମର୍ଥକ ଲେବାନନ୍ ମଧ୍ୟରେ ପରସ୍ପର ସହ ସଂଘର୍ଷ କରିବା ଦେଖାଯାଇଛି । କାରଣ ଅସଦ ସିହା ଗୋଷ୍ଠୀର ସମର୍ଥନ ଲାଭ କରିଥିବା ବେଳେ ସୁନ୍ନିଗୋଷ୍ଠୀ ଅସଦଙ୍କୁ ବିରୋଧ କରିଆସୁଥିଲେ । କିନ୍ତୁ ୧୫ଲକ୍ଷ ସିରିଆ ଶରଣାର୍ଥୀ ଲେବାନନ୍‌ରେ ରହୁଥିବା ହେତୁ ସେଠାରେ ସିରିଆର ଉତ୍ତେଜନା ଦେଖାଦେବା ସ୍ୱାଭାବିକ ।

ସିରିଆ ମାମଲାରେ ଆମେରିକାର ଭୂମିକା ଦୋ'ମୁଣ୍ଡିଆ ସାପ ସଦୃଶ । ଗୋଟିଏ ପଟେ ଏହା ୧୯୭୯ରୁ ସିରିଆକୁ ସନ୍ତ୍ରାସବାଦୀ ଗୋଷ୍ଠୀର ସମର୍ଥକ କହି ବିରୋଧ କରି ଆସୁଥିଲାବେଳେ ୨୦୨୪ରେ ଖୋଦ୍ ଆମେରିକା ସିରିଆର ସନ୍ତ୍ରାସବାଦୀ ଗୋଷ୍ଠୀର ସମର୍ଥକ ହୋଇ ଛିଡା ହୋଇଛି । ଏଥିରୁ ଆମେରିକାର ବିଦେଶ ନୀତି ବୋଲି କିଛି ଥିବା ଜଣାଯାଏ ନାହିଁ, ଯାହା କେବଳ ସୁବିଧା ଓ ସ୍ୱାର୍ଥ ଆଧାରରେ ଚାଲିଥିବା ଜାଣି ହେବ। ଆମେରିକାର ଏହି ଧୂର୍ତ୍ତଗିରି ଯୋଗୁ ସାରା ବିଶ୍ୱରେ ଆମେରିକାରୁ ଘୃଣା କରୁଥିବା ଲୋକଙ୍କ ସଂଖ୍ୟା ବୃଦ୍ଧି ପାଇଥିବା ଦେଖାଯାଉଛି ।

ଫଳରେ ସିରିଆ ଅନେକ ଦେଶପାଇଁ ଯୁଦ୍ଧର କ୍ରୀଡାଙ୍ଗନ ହେବା ଯୋଗୁ ଗତ ୧୪ବର୍ଷରେ ପ୍ରାୟ ୭ଲକ୍ଷ ଲୋକଙ୍କ ପ୍ରାଣହାନୀ ହୋଇଛି । ହୟାତ ତହରିର ଅଲ୍ ସାମ୍ (ଏଚ.ଟି.ଏସ) ଗୋଷ୍ଠୀ ହାତରେ ଏବେ ସିରିଆର ଶାସନ ପଡିବାକୁ ଯାଉଥିବା ସମୟରେ ଏହି ଗୋଷ୍ଠୀର ସହଯୋଗୀ ଅଲ୍-କାୟଦା ପୁଣିଥରେ ଶକ୍ତିଶାଳୀ ହେବାକୁ ଯାଉଛି । ଏହା ହେଲେ ସିରିଆରେ ଗୃହଯୁଦ୍ଧର ସମାପ୍ତି ହୋଇପାରେ। ମାତ୍ର ସମ୍ମୁଖ ଯୁଦ୍ଧ ନୁହେଁ, କାରଣ ନିଜ ପଡୋଶୀ ରାଷ୍ଟ୍ରରେ କୌଣସି ଏକ ସନ୍ତ୍ରାସବାଦୀ ଗୋଷ୍ଠୀର ଶାସନକୁ ଇସ୍ରାଏଲ ଗ୍ରହଣ କରିବ ନାହିଁ। ଗୋଲାନ ହାଇଟର ଅଞ୍ଚଳରେ ଇସ୍ରାଏଲର ସ୍ଥଳସେନା ପ୍ରବେଶ କରି ସେହି ଅଞ୍ଚଳକୁ ନିଜ ଦଖଲକୁ ନେବା ପରେ ସିରିଆର ଅନ୍ୟାନ୍ୟ ଅଞ୍ଚଳକୁ ଦଖଲକୁ ନେବାର ସମ୍ଭାବନା ରହିଛି । ନିଜ ସୀମାନ୍ତରେ ସନ୍ତ୍ରାସବାଦୀ ଗୋଷ୍ଠୀ ବିରୁଦ୍ଧରେ ଲଢୁଥିବା ଇସ୍ରାଏଲର ଟାର୍ଗେଟରେ ସିରିଆର ସନ୍ତ୍ରାସବାଦୀ ରହିବେ ଏବଂ ଆଗାମୀ ଦିନରେ ଟ୍ରମ୍ପ ସରକାର ଆମେରିକାରେ କ୍ଷମତାକୁ ଆସିବାପରେ ଏହି ଆକ୍ରମଣ ଅଧିକ ଭୟଙ୍କର ହେବ । କାରଣ ଟ୍ରମ୍ପ ମୂଳରୁ ଅଲ-କାୟଦା ଏବଂ ଆଇଏସ୍ ପରି ଗୋଷ୍ଠୀର ପ୍ରବଳ ବିରୋଧୀ ରହିଆସିଛନ୍ତି । ହୁଥୀ, ହମାସ, ହେଜବୋଲ୍ଲା ଗୋଷ୍ଠୀ ବିରୁଦ୍ଧରେ ଲଢୁଥିବା ଇସ୍ରାଏଲର ଲକ୍ଷ୍ୟ ହେବ ସିରିଆରୁ ସନ୍ତ୍ରାସୀଙ୍କୁ ହଟାଇବା । ଏହି ପ୍ରକ୍ରିୟାରେ ଗାଜା ପରି ବୋମାମାଡ କରି ଇସ୍ରାଏଲ ସିରିଆର କୋଠାବାଡିକୁ ମାଡକଲେ ଶ୍ମଶାନରେ ପରିଣତ ହେବା ସାର ହେବ । ସିରିଆର ସୁନ୍ନି ପ୍ରଧାନ୍ୟଥିବା ହୟାତ୍ ଗୋଷ୍ଠୀକୁ ସିହା ପ୍ରାଧାନ୍ୟଥିବା ହେଜବୋଲ୍ଲା ବିରୋଧ କରୁଥିବା ହେତୁ ଆକାଶମାର୍ଗରୁ ଆମେରିକା- ଇସ୍ରାଏଲ ଏବଂ ତଳେ ହେଜବୋଲ୍ଲା ଗୋଷ୍ଠୀ ହୟାତ୍‌ର ବିରୁଦ୍ଧରେ ଯୁଦ୍ଧ କଲେ ସ୍ଥିତି ଅଧିକ ସଙ୍ଗୀନ ହେବ ଏଥିରେ ସନ୍ଦେହ ନାହିଁ। ନିଜର ପରିସୀମାକୁ ବଦଳାଇବାକୁ ଚାହୁଁଥିବା ଇସ୍ରାଏଲ ପାଇଁ ଏହା ଏକ ସୁଯୋଗ ସୃଷ୍ଟି କରିଛି । ସିରିଆର ଦୁର୍ବଳ ନେତୃତ୍ୱର ଫାଇଦା ଉଠାଇ ଅଧିକ ଅଞ୍ଚଳକୁ ଇସ୍ରାଏଲ ନିଜ ହାତକୁ ନେବାଲାଗି ଚେଷ୍ଟା କରିବ । ତେଣେ ମସ୍କୋରେ ଆଶ୍ରୟ ନେଇଥିବା ଅସଦ୍ ମଧ୍ୟ ୟୁକ୍ରେନ ସମସ୍ୟାର ସମାଧାନ ପରେ ରୁଷିଆର ସହାୟତାରେ ପୁନର୍ବାର କ୍ଷମତା ଦଖଲ କରିବାକୁ ଚାହିଁବେ । ସେ ପରିସ୍ଥିତିରେ ଷଣ୍ଢୁଆସୀ ଆକ୍ରମଣ ବେଳେ ସନ୍ତ୍ରାସବାଦୀ ଗୋଷ୍ଠୀ କିପରି ସାମ୍ନା କରିବେ ତାହା ହେବ ବଡକଥା। ଏହି ସୁଯୋଗରେ ପୂର୍ବରୁ ତୁର୍କୀ ଯେପରି କିଛି ଅଞ୍ଚଳ ସିରିଆର ହାତରୁ ନିଜ ପକ୍ଷକୁ ନେଇଛି। ସେମିତି ଅଧିକ ଅଞ୍ଚଳକୁ ଦଖଲ କରିବାକୁ ଚାହିଁବ। ତେଣୁ ସିରିଆରୁ ବସିରଙ୍କ ସରକାର ହଟିଲେ ମଧ୍ୟ ଅଶାନ୍ତି ହଟିବାର ସମ୍ଭାବନା ଦେଖାଯାଉନାହିଁ ବରଂ ଅଧିକ ହେବାର ସମ୍ଭାବନା ରହିଛି। ଏକଦା ମଧ୍ୟପ୍ରାଚ୍ୟର ସ୍ୱିଜରଲ୍ୟାଣ୍ଡର ମାନ୍ୟତା ଲାଭ କରିଥିବା ଲେବାନନ୍ ଆଜି ଇସଲାମୀକରଣ ପରେ ଯେପରି ଭିକାରୀ ରାଷ୍ଟ୍ର ହୋଇଛି ଆଗାମୀ ଦିନରେ ସିରିଆ ମଧ୍ୟ ସେହି ଅବସ୍ଥା ଭୋଗିବ । ତେଣୁ ଦେଖିବାକୁ ଗଲେ ସିରିଆର ପ୍ରଭାବ ମଧ୍ୟପ୍ରାଚ୍ୟର ଅନେକ ରାଷ୍ଟ୍ର ଉପରେ ପଡିବ। ଆଗାମୀ ଦିନରେ ବହୁ ଅଧିକ ଶରଣାର୍ଥି ସିରିଆରୁ ପଡୋଶୀ ରାଷ୍ଟ୍ରରେ ଶରଣ ପାଇଁ ପ୍ରବେଶ କରିବେ। ଏସବୁର ପ୍ରଭାବ ଅନ୍ୟ ରାଷ୍ଟ୍ରଗୁଡିକରେ ଅର୍ଥନୀତି ଉପରେ ପଡିବ। ମାନବ ସଂକଟ ସୃଷ୍ଟି ହେଲେ ମଧ୍ୟପ୍ରାଚ୍ୟର ରାଷ୍ଟ୍ରଗୁଡିକ ତଦ୍ୱାରା ପ୍ରଭାବିତ ହେବେ।


ଭାରତୀୟ ସମ୍ବାଦ ସେବା (ଭାସ୍)
ଭୁବନେଶ୍ୱର-୭୫୧୦୦୩


## ଏକରୁ ସମସ୍ତ ପ୍ରାପ୍ତି



**ଉତ୍କଳାନନ୍ଦ ଅଜୟ କୁମାର ବେହେରା**

ଅନେକ ଆବଶ୍ୟକ ନୁହେଁ ଏକରୁ ସବୁ ହାସଲ ଚିନ୍ତାରେ ପୁରୁଷ ପାଇଁ ଏକ ପତ୍ନୀ ବ୍ରତ ନାରୀ ପାଇଁ ଏକ ସ୍ୱାମୀ ବ୍ରତ। ଏକକ ସ୍ୱାମୀ ବା ସ୍ତ୍ରୀ ସୃଷ୍ଟିରେ ଅନେକ ବ୍ୟକ୍ତି ଯହିଁ ଥାଇ ଅବଶ୍ୟ ଉପୁଜଇ କଳି। ଦ୍ୱିମତ ଦୁଇଜଣ ମଧ୍ୟରେ ସୀମିତ ରହିଲେ ବାଧ୍ୟ ହୋଇ ବ୍ୟକ୍ତି ସାବଧାନ କରିବାକୁ ପୁଣି ମନକୁ ମନ ଚେଷ୍ଟା କରନ୍ତି। ସତ୍ୟବାନ ଏକ ଶବ୍ଦ ଏହା ବ୍ୟକ୍ତିଟିଏ ହୋଇବି ପାରେ ମାତ୍ର ପ୍ରକୃତରେ ଏକ ଲୋକ ବ୍ୟବହୃତ ପଦବୀ ବା ସଂଜ୍ଞା। ଯେଉଁ ବ୍ୟକ୍ତି ଏକ ପତ୍ନୀ ହାସଲ ବେଳେ ପୁରୋହିତଙ୍କର ମନ୍ତ୍ର ଉଚ୍ଚାରଣ ଭିତରେ ଅଗ୍ନୀଙ୍କୁ ସାତଥର ପରିକ୍ରମା ସ୍ୱ ସହିତ ନବପରିଣତା ପତ୍ନୀଙ୍କୁ ସାଥିରେ ନେଇ କରିଥାନ୍ତି। ସର୍ବ ସମକ୍ଷରେ ଏତଦ ସତ୍ୟମ ସମ୍ବୋଧନ ପତ୍ନୀ ରୂପେ ସ୍ୱୀକାର କରିବାରେ ସ୍ୱ ପିତାମାତା ବନ୍ଧୁଙ୍କ ମଧ୍ୟରୁ କେହି ପ୍ରତିନିଧି ହୋଇ ନିର୍ବନ୍ଧ ଥାଳିରେ ମହାପ୍ରସାଦ ପୁଟୁଳି ରଖି ଉଚ୍ଚାରଣ ତିନିଥର କରିଥାନ୍ତି। ଏସବୁ ସତ୍ୟ ରକ୍ଷା ଅଗ୍ନୀ ସାକ୍ଷୀ ବିପ୍ର ସାକ୍ଷୀ ପ୍ରୀତିବନ୍ଧବ ମଧ୍ୟରେ ନିଜର କୁଟୁମ୍ବଜନ ସାକ୍ଷୀ ସୂର୍ଯ୍ୟ ଚନ୍ଦ୍ର ସାକ୍ଷୀ ରହିଥାନ୍ତି ଏହି ସତ୍ୟକୁ ସେହି ପାଣିଗ୍ରହଣ କରାଯିବା କନ୍ୟାକୁ ଜୀବନ ସାରା କେବେ କରଛଡ଼ା ନଦେବା ତାଙ୍କ ବ୍ୟତିରେକେ ଅନ୍ୟପ୍ରତି ଆକୃଷ୍ଟ ନହେବା ହିଁ ସତ୍ୟବାନ ଶବ୍ଦର ସାର୍ଥକକାରୀ। ସବୁ ଯୁବକ ବିବାହିତ ଦିନରୁ ସତ୍ୟବାନ ହେବାପାଇଁ ଏକ ସଂକଳ୍ପ ବ୍ରତ।

ଦୁର୍ଗୁଣ ଦୁର୍ଯୋଗ ଦୁର୍ବାକ୍ୟ ଏମିତି ନାରୀ କେତେ ଦୁଃ ଲାଗି ପ୍ରୟୋଗ କରାଯାଇପାରେ। ଏହା ଏକ ନାରୀ ପ୍ରତି ପ୍ରୟୋଗ କରାଯାଉଛି। ନାରୀ ଅର୍ଥ ଯାହାର ଅରି ନାହାଁନ୍ତି ଅର୍ଥାତ ଶତ୍ରୁ ନାହାଁନ୍ତି। ପ୍ରକୃତରେ ସମସ୍ତ ଦେହରେ ମନରେ ସର୍ବଦା ଶତ୍ରୁ ଅଛନ୍ତି, ଛପି ରହିଛନ୍ତି। ଟିକେ ସ୍ୱାର୍ଥରେ ବାଧା ଆସିଲେ ଏମାନେ ଜାଗରୁକ ହୋଇ ପଡ଼ନ୍ତି। ରକ୍ତ ମାଂସର ଦେହ ପାଖରେ ଅସହ୍ୟ ସ୍ଥିତି ଆସିଗଲେ ବିଦ୍ରୋହ ଉଚ୍ଚସ୍ୱର, କର୍କଟ ସ୍ୱର ପାଟିରୁ ବାହାରେ। ଏସବୁ ଉପସର୍ଗ ପ୍ରକୃତରେ ମୂଳ ଭାବ ହିଁ ଅସହ୍ୟ। ଅସହ୍ୟ ଭାବ ନ ଆସିବା ପାଇଁ ସଂକଳ୍ପର ମଞ୍ଜି ବୁଣାଯିବା ଅଗ୍ନୀ ସମ୍ମୁଖରେ କରାଯାଇଥାଏ। ଆକର୍ଷଣ ବିକର୍ଷଣ ଏକ ମୁଦ୍ରାରେ ଦୁଇ ପଟ ପରି ରହିଛି। ମୁଦ୍ରା ନହେଲେ ଦ୍ରବ୍ୟ କ୍ରୟାଦି ହୋଇ ବି ହୋଇନପାରେ ଅତଏବ ପ୍ରତ୍ୟେକ ମୁଦ୍ରାକୁ ପେଟରା ବାକସ ମୁଣି ମନିବେଗରେ ପୁରାଇ ରଖିବା ପରି ଦୁଇକୁ ରଖିବାକୁ ପଡ଼େ। ମୁଦ୍ରା ବିନିମୟରେ ନାନାଦି ଦ୍ରବ୍ୟ ଆହରଣ ପରି ମୁଦ୍ରା ତାହା ବି କରେ। ବିକର୍ଷଣ ଶତ୍ରୁ ପାଇଁ ଆକର୍ଷଣ ନିଜର ପ୍ରିୟଜନ ପାଇଁ ଉଦ୍ଦିଷ୍ଟ। ଏ ମୁଦ୍ରାକୁ ସେପରି ରଖିବା ବ୍ୟକ୍ତି ଜଣେ ଭଲ ସଞ୍ଚୟକାରୀ ମୁଦ୍ରା ମହଜୁଦକାରୀ ହୋଇପାରେ। ଆଜି ବର୍ତ୍ତମାନ ଏହି ମୁହୂର୍ତ୍ତ ଆକର୍ଷଣ କ୍ରିୟ ପ୍ରୟୋଗ ଦୁନିଆଁରେ ପ୍ରେମରେ ରାଜକରେ। ମାତ୍ର ବିକର୍ଷଣ କ୍ରିୟାରେ ଯାଉଥିବା ଲୋକ ଅନ୍ଧପରି ସମୟ କାଟିବାକୁ ବାଧ୍ୟ ହୁଏ। ଅନ୍ୟକୁ କଷ୍ଟ ଦେବ କଣ ନିଜେ କଷ୍ଟ ଜାଲରେ ଛନ୍ଦି ହୁଏ। ନାରୀଟିଏ ରାଣୀରୁ ଦାସୀ ସ୍ତରକୁ ପରେ ଆସିପାରେ। ପ୍ରେମ ନିବିଡ଼ ପାଇଁ ବିବାହ ସଂସାର ବନ୍ଧା, ପ୍ରେମ ଫାଶରୁ ମୁକୁଳିଗଲେ ଗଲା ସୁଖଗଲା, ସଂସାର ଗଲା। କଳି କଳହର ସୂଚନା ଜନ୍ମ ବେଳା ସହିତ ଜଡ଼ିତ ଥାଏ। ଏ ମଧ୍ୟରେ ଅଛି ବିଷକନ୍ୟା ଯୋଗ ଉଆଁସୀ ବୋଷ ୨୭ ଯୋଗରୁ ବିଷ୍କମ୍ଭ ଗଣ୍ଡ ଅତ୍ୟଣ୍ଡ ବଜ୍ର ପରି ଅନେକ ପ୍ରକାଇ ଯୋଗରୁ ତାର ବିଷ ବେଳାରେ ଜନ୍ମ ଗଣ୍ଡ କ୍ଷେତ୍ର ଗଣ୍ଡତିଥି ଗଣ୍ଡଲଗ୍ନରେ ଜନ୍ମକୁ ଅନେକ ସାଂଘାତିକ ଗ୍ରହ ଯୋଗର ଜନ୍ମ ଜାତକ। ଅମାବାସ୍ୟା ଚତୁର୍ଦ୍ଦଶୀ କୃଷ୍ଣପକ୍ଷରେ ଓ ଆଗକୁ ଶୁକ୍ଳ ପ୍ରତିପଦ ତିଥି ୨କରଣ ସଂଶ୍ଳିଷ୍ଟ। ଏଇ ଅମାବାସ୍ୟା ଦିନୁ ୨କରଣ ଓ ପୂର୍ବର ୧ କରଣ ଶୁକ୍ଳ ପ୍ରତିପଦର ୧ମ କରଣ ମୋଟ ୪କରଣ ସ୍ଥିର କରଣ। ମାସରେ ଥରେ ଆସନ୍ତି ଏଇ ୪ ସ୍ଥିରକରଣ ଅନ୍ୟ ୭ କରଣ ଚରକରଣ ମାସରେ ଅନେକ ଥର ଆବୃତ୍ତି ହୁଅନ୍ତି। ସ୍ଥିରକରଣ ଦୁଃଖଦାୟୀ ଫଳ ଜନ୍ମିତ ବ୍ୟକ୍ତିଙ୍କୁ ଦିଅନ୍ତି।

ସୌର ବୃଷ ମାସ ହେଉଛି ଚନ୍ଦ୍ରମାନ ଜ୍ୟେଷ୍ଠ ମାସ ଏଥିରେ ଚନ୍ଦ୍ରଙ୍କ ଉଚ୍ଚସ୍ଥାନ ରହିଲେ ବି ଏଇ ଅମାବାସ୍ୟା ହିଁ ଏକ ଆତଙ୍କିତ ଅମାବାସ୍ୟା ଜନ୍ମିତ କନ୍ୟା ପାଇଁ ଭବିଷ୍ୟତ ଜୀବନ ପାଇଁ ଏକ ଉଦବେଗ ସୃଷ୍ଟିକାରୀ ଏପରି ଯୋଗ ଦାତା କନ୍ୟା ମାନଙ୍କର ପିତାମାତା ଏହାଙ୍କ ପାଇଁ ଚିନ୍ତାରେ ରହନ୍ତି। ଅମାବାସ୍ୟାରେ ଚନ୍ଦ୍ର ଆକାଶରେ ବିଲୋପ। ଚନ୍ଦ୍ର ଅସ୍ତଗତ କାଳରେ ଜନ୍ମ ଜାତକ ବା ଜାତିକା ମାନସିକ ବିକ୍ଷୁବ୍ଧତା ବିଭିନ୍ନ ପ୍ରକାରରେ ଭୋଗି ପାରନ୍ତି। ଏ ପାଇଁ ଏହି ଅମାବାସ୍ୟା ଗୁଡ଼ିକୁ ପୂର୍ଣ୍ଣାତିଥିରେ ଗଣାଗଲେ ବି ଅନେକ କାର୍ଯ୍ୟରେ ରିକ୍ତା ପରି ବାଦ ଦିଆଯାଇ କୌଣସି କାର୍ଯ୍ୟାରମ୍ଭ କରାଯାଏ ନାହିଁ। ବାର ମାସ ପାଇଁ ବାର ଅମାବାସ୍ୟା ଅଛି। ଜଟିଳ ଅମାବାସ୍ୟା ଜ୍ୟେଷ୍ଠ ଅମାବାସ୍ୟା ଓ କାର୍ତ୍ତିକ ଅମାବାସ୍ୟା ଯାହା ଶୁକ୍ରଙ୍କ ରାଶି ବୃଷ ଓ ତୁଳାରେ ଆସେ। ଏସବୁ ପ୍ରକାର କ୍ଷତିକର ସମୟର ପ୍ରଭାବକୁ ସାଧନା ଦ୍ୱାରା ବ୍ରତରେ ଓଷାରେ ଗୁରୁବାକ୍ୟରେ ଶାସ୍ତ୍ର ନିୟମରେ ଚାଲିଲେ ଟାଳ ନହୋଇପାରେ। ଏସବୁ କଠୋର ତପଃ ସାଧିକା ସାବିତ୍ରୀ (ବ୍ରହ୍ମାଙ୍କ ଜ୍ୟେଷ୍ଠା ପତ୍ନୀ)ଙ୍କ ବ୍ରତରେ ଖଣ୍ଡନ ହୋଇପାରେ। ସାବିତ୍ର ତାଙ୍କ ସ୍ୱାମୀ ବ୍ରହ୍ମଦେବଙ୍କର ୨ୟ ପତ୍ନୀ ଗ୍ରହଣ ପ୍ରକ୍ରିୟାରେ ଅସନ୍ତୋଷ କରି ଏପରି ବ୍ରତ କରିଥିଲେ। କେହି ପୁଷ୍କର କ୍ଷେତ୍ର ଗଲେ ଏହା ଜାଣିପାରିବେ ନାରୀର ଧନ ହେଉଛନ୍ତି ତାଙ୍କର ସ୍ୱାମୀ ସୁନାଚାନ୍ଦି କୋଠାବାଡ଼ି ବ୍ୟାଙ୍କ ବାଲାନ୍ସ ନୁହଁ। ସ୍ୱାମୀ ନଥିଲେ ଏସବୁ ଅସାର। ସାବିତ୍ରୀ ତପସ୍ୱିନୀ ହୋଇ ନାରୀ ମାନଙ୍କୁ ପ୍ରଭାବିତ କରିଛନ୍ତି। ବିବାହିତ ପୁରୁଷମାନେ ନାରୀର ତପସ୍ୟାର ଫଳ ପାଇବା ପାଇଁ ଶୁଦ୍ଧ ରୁହନ୍ତୁ। ଏଇଟା ପ୍ରକୃତରେ ଦେବୀ ମାଆ ସାବିତ୍ରୀଙ୍କ ଇଙ୍ଗିତ। ବ୍ରହ୍ମକର୍ମ ହୋଇ ଚାଲିବ ସୁରୁଖୁରୁରେ ନହେଲେ ସଂସାର ନଷ୍ଟଭ୍ରଷ୍ଟ ହୋଇଯିବ। ରୋଜଗାର ଉପାର୍ଜନପର ଖାଇବେ। ଦୁଶ୍ଚିନ୍ତାରେ ସମୟ କଟିବ।

> ଆକର୍ଷଣ ବିକର୍ଷଣ ଏକ ମୁଦ୍ରାରେ ଦୁଇ ପଟ ପରି ରହିଛି। ମୁଦ୍ରା ନହେଲେ ଦ୍ରବ୍ୟ କ୍ରୟାଦି ହୋଇ ବି ହୋଇନପାରେ ଅତଏବ ପ୍ରତ୍ୟେକ ମୁଦ୍ରାକୁ ପେଟରା ବାକସ ମୁଣି ମନିବେଗରେ ପୁରାଇ ରଖିବା ପରି ଦୁଇକୁ ରଖିବାକୁ ପଡ଼େ। ମୁଦ୍ରା ବିନିମୟରେ ନାନାଦି ଦ୍ରବ୍ୟ ଆହରଣ ପରି ମୁଦ୍ରା ତାହା ବି କରେ। ବିକର୍ଷଣ ଶତ୍ରୁ ପାଇଁ ଆକର୍ଷଣ ନିଜର ପ୍ରିୟଜନ ପାଇଁ ଉଦ୍ଦିଷ୍ଟ। ଏ ମୁଦ୍ରାକୁ ସେପରି ରଖିବା ବ୍ୟକ୍ତି ଜଣେ ଭଲ ସଞ୍ଚୟକାରୀ ମୁଦ୍ରା ମହଜୁଦକାରୀ ହୋଇପାରେ।


ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ,
କଟକ, ମୋ:: ୯୪୩୭୦୩୧୨୫୩





## ଚନ୍ଦ୍ରମଲ୍ଲୀ

**ଡଃ ଶୁଭେନ୍ଦୁ ମେହେର**



କଳ୍ପନାର କୋଣାର୍କ ସେ,
ଚନ୍ଦ୍ରମଲ୍ଲୀ ଚାରୁ ଚନ୍ଦ୍ରନନୀ
ମନ ଗହନରେ ତା'ର
ଯୌବନର ବନ୍ୟା ବିଭୀଷିକା !
ସ୍ୱପ୍ନିଳ ଆଖିରେ ତା'ର ଅସରନ୍ତି
ପ୍ରେମ
ମୋ' ହୃଦ ମନ୍ଦିରେ ସିଏ
ଇପ୍‌ସିତ ନାୟିକା ।

ଅଳସୀ ଆଖିରେ ତା'ର
ଦୁଇଧାର ପ୍ରୀତିର କଜ୍ଜ୍ୱଳ,
କୃଷ୍ଣମୟ ରାତ୍ରିର ଜ୍ୟୋତ୍ସ୍ନାରେ
ଗାଏ ନିତି ପ୍ରେମର ଗଜଲ ।।

ଦରହସା ରକ୍ତଜବା ଓଠେ
କ୍ଷୁଧା ତୃଷା ମଧୁର ରାଗିଣୀ !!
ଅଳସ ଭାଙ୍ଗୁଥିବା ହଳେ ଭୂଲତା
ତଳେ
ନିରୀହ ଆଖିରେ ତା'ର
ଲାଜର ଓଢଣୀ ।

ତୀକ୍ଷ୍ଣ ନାସିକାରେ ତା'ର
ଢଳଢଳ ହୀରାର ମୁକୁତା ।
ସିନ୍ଥିରେ ତା' ବିନ୍ଦିଏ ରକ୍ତଜବା
ଆଖି ଦୁଇରେ ତା'ର
ଆଞ୍ଜୁଳିଏ ଭାବପ୍ରବଣତା ।

ଆକାଶ ପରି ସ୍ୱଚ୍ଛ କପାଳରେ
ଆୟୁଷର ପରସ୍ତେ ମଲାଟ ।
କୋମଳ ତନୁରେ ତା'ର
ସ୍ନେହ ମମତାର ତାରକସୀ ପାଟ !

କୃଷ୍ଣମୟ କେଶ କୁନ୍ତଳରେ ତା'ର
ଝୁଲୁଥାଏ ହଳେ କାନଫୁଲ
କଦମ୍ବିତ ସଞ୍ଜରେ ଅସ୍ତରାଗର ସୂର୍ଯ୍ୟ !!
କାୟା ପଛେ ଛାୟା ପରି
ଯୌବନ ମାୟା ମୃଗ ।

ପୂର୍ଣ୍ଣ ଯୌବନା ସେ'
ଶୁଦ୍ଧ ସୁବର୍ଣ୍ଣା
ମୋ' ରାଗର ଅନୁରାଗ
ଭାବନାର ମୁଗ୍ଧ ଅନୁଭବ
ମୋ' କାବ୍ୟ କବିତାର ଛନ୍ଦ !
ମନ ଉପବନେ
ବିମୁଗ୍ଧ ହୃଦୟର ଗନ୍ଧ।

ମୁଁ ବାରମ୍ବାର ହଜେ
ତା' ସ୍ୱପ୍ନିଳ ଉପବନରେ !
ଆତ୍ମିକ ସମ୍ମୋହନରେ
ଆତ୍ମୀୟତାର ପୁଣ୍ୟ ସ୍ପର୍ଶରେ
ଚନ୍ଦ୍ରମଲ୍ଲୀର ରତିଏ ରତିରେ ।।


ଯାଲୋଏ, ସୁବର୍ଣ୍ଣପୁର-୧୮
ମୋ:୯୯୩୮୪୩୩୬୬୪


## ନିରୋଳା ସଞ୍ଜରେ

**ହରେରାମ ପଣ୍ଡା**



ନିରୋଳା ସଞ୍ଜରେ ପ୍ରଥମ ଛୁଆଁରେ
ଦେହର ଦହନ ତୋର,
ଆଙ୍କି ଦେଉଥିଲା ଛାତି ତଳେ ମୋର
ଗୋଟାଏ ଅଲିଭା ଗାର ।

ଚିବୁକରେ ତୋର ଚୁମ୍ବନର ଦାଗ
ଲାଗିଗଲା ପରେ ଥରେ,
ନିଜ ଭିତରେ ତୁ ନିଜେ ତ ନଥିଲୁ
ଥିଲୁ କେଉଁ ରାଇଜରେ ।

ବେପଥୁର ରାଗ ଦୁହିଁଙ୍କ ମନକୁ
ଛୁଇଁ ଦେଇଗଲା ପରେ,
କେତେ ଯେ ସପନ ଢେଉ ଭାଙ୍ଗୁଥିଲା
ଆମରି ମନ ଭିତରେ ।

ନୀଳ ଆଖିରେ ତୋ ନିଦ ବି ନଥିଲା
ଥିଲା କିଛି ନୂଆ ଆଶା,
ନିଜେ କହି କିଛି ନିଜେ ବୁଝୁଥିଲୁ
ବଡ଼ ଜଟିଳ ସେ ଭାଷା ।
ମଥା ରଖି କୋଳେ ହାତ ଠାରି ମତେ
ଦେଖାଉ ଥିଲୁ ତୁ ଜହ୍ନ,
ଦେହ ମନେ ତୋର ଦହନର ଭାବ
ଯେଉଁଠି ଥିଲା ମୋ ମନ ।

ଭୋକିଲା ମନଟା ପୂରି ଯାଉଥିଲା
କୁନ୍ତଳକୁ ଦେଖି ତୋର,
ମନଟା ମନକୁ ଛୁଇଁ ନଥିଲେ କି
ଲାଗନ୍ତା ଏତେ ନିଜର ?


ଅବସରପ୍ରାପ୍ତ ପ୍ରଧାନଶିକ୍ଷକ
କୁଆଁସ, ମେରଦା କାଟିଆଛକ,
ଯାଜପୁର
ମୋ: ୯୪୩୮୦୬୫୧୯୫

ଧ୍ୱନି ପ୍ରତିଧ୍ୱନି

୫ | ଶୁକ୍ରବାର, ୧୩ ଡିସେମ୍ବର ୨୦୨୪


# ବିଶ୍ୱରେ ସର୍ବାଧିକ ଖୋଜାଯାଇଥିବା ଟପ୍-୧୦ କଳାକାରଙ୍କ ମଧ୍ୟରେ ଏହି ୩ ଭାରତୀୟ




୨୦୨୪ରେ ଗୁଗୁଲରେ ସର୍ବାଧିକ ଖୋଜା ଯାଇଥିବା ସେଲିବ୍ରିଟିଙ୍କ ତାଲିକା ଏବେ ସାମ୍ନାକୁ ଆସିଛି। ଏହି ତାଲିକାରେ ଅଲ୍ଲୁ ଅର୍ଜୁନ, ଶାହରୁଖ ଖାନ, ସଲମାନ ଖାନ, ଅମିତାଭ ବଚ୍ଚନ, ଏବଂ ଆମୀର ଖାନଙ୍କ ଭଳି କଳାକାର ଶୀର୍ଷରେ ରହିଥିବେ ବୋଲି ଆପଣ ଭାବୁଥିବେ। କିନ୍ତୁ ଏମାନଙ୍କ ମଧ୍ୟରୁ କେହି ବି ଟପ୍-୧୦ରେ ନଥିବା ସାମ୍ନାକୁ ଆସିଛି। ଟପ୍-୧୦ରେ ବଲିଉଡ ବା ଟଲିଉଡର ଆଗ ଧାଡ଼ିର କଳାକାରଙ୍କୁ ଛାଡ଼ି ସାଉଥ୍ ସୁପରଷ୍ଟାର ପବନ କଲ୍ୟାଣ, ଅଭିନେତ୍ରୀ ହିନା ଖାନ୍ ଓ ନିମ୍ରନ କୌର୍ ଥିବା ଜଣାଯାଇଛି।

ପ୍ରଥମ ସ୍ଥାନରେ ଆମେରିକାର ଷ୍ଟାଣ୍ଡ ଅପ କମେଡିଆନ୍ କାଟ୍ ୱିଲିୟମସ୍, ଦ୍ୱିତୀୟରେ ପବନ କଲ୍ୟାଣ, ତୃତୀୟରେ ଆଡମ ବ୍ରୋଡି, ଚତୁର୍ଥରେ ଏଲ୍ଲା ପୁର୍ଣ୍ଣେଲ, ପଞ୍ଚମରେ ହିନା ଖାନ୍, ଷଷ୍ଠରେ କିରଣ କଲକିନ୍, ସପ୍ତମରେ ଟେରେନ୍ସ ହୋୱାର୍ଡ ଓ ଅଷ୍ଟମରେ ନିମ୍ରତ କୌର ଥିବା ଜଣାଯାଇଛି। ୩ଜଣ ଭାରତୀୟ ଭାବେ ଟପ୍-୧୦ରେ ସ୍ଥାନ ପାଇବା ପରେ ଏବେ ହିନା, ନିମ୍ରତ ଓ ପବନ ଚର୍ଚ୍ଚାରେ ରହିଛନ୍ତି।

୨୦୨୪ରେ ହିନା ନିଜ ସ୍ତନ କର୍କଟ ବିଷୟରେ ଜଣାଇ, ନିମ୍ରତଙ୍କ ନାମ ଅଭିଷେକଙ୍କ ସହ ଯୋଡାଯିବା ପରେ ଓ ପବନ କଲ୍ୟାଣ ନିଜ ସଫଳ ରାଜନୈତିକ କ୍ୟାରିୟର ପାଇଁ ଚର୍ଚ୍ଚାକୁ ଆସିଥିଲେ।

# ୨୦କୋଟିର ବିବାହ ମଣ୍ଡପ, ୧୬.୫କୋଟିର କାର: ଜାଣନ୍ତୁ କେତେ କୋଟିର ମାଲିକ ରଜନୀକାନ୍ତ



ସାଉଥ୍ ସୁପରଷ୍ଟାର ରଜନୀକାନ୍ତ ଡିସେମ୍ବର ୧୨ରେ ଅର୍ଥାତ୍ ଆସନ୍ତାକାଲି ତାଙ୍କ ଜନ୍ମଦିନ ପାଳନ କରିବେ । ୭୪ବର୍ଷରେ ପାଦ ଦେବାକୁ ଯାଉଥିବା ରଜନୀକାନ୍ତ ତାଙ୍କ କ୍ୟାରିୟରରେ ଅନେକ ସଫଳତା ପାଇଛନ୍ତି । ସେ ତାଙ୍କର ଚମତ୍କାର ଅଭିନୟ ଶୈଳୀ ଏବଂ ପ୍ରତିଭା ସହିତ ପ୍ରଶଂସକମାନଙ୍କ ମନ କିଣିଛନ୍ତି। ଏବେ ତାଙ୍କ ଚଳଚ୍ଚିତ୍ର ବକ୍ସ ଅଫିସରେ ସୁପରହିଟ୍ ହେଉଥିବା ଦେଖାଯାଇଛି। ୭୪ବର୍ଷ ବୟସରେ ବି ଫିଲ୍ମରେ ସକ୍ରିୟ ଥିବା ଅଭିନେତା କେତେ କୋଟିର ମାଲିକ ଆପଣ ଜାଣନ୍ତି କି ?

ଜାତୀୟ ଗଣମାଧ୍ୟମ ମୁତାବକ, ଫିଲ୍ମ ପାଇଁ କୋଟି କୋଟି ଟଙ୍କା ପାରିଶ୍ରମିକ ନେଉଥିବା ରଜନୀକାନ୍ତ ରଜନୀକାନ୍ତ ଏବେ ୪୩୦କୋଟିର ମାଲିକ ଅଟନ୍ତି। ଏବେ ଗୋଟାଏ ଫିଲ୍ମ ପାଇଁ ୧୦୦କୋଟିରୁ ଅଧିକ ପାରିଶ୍ରମିକ ନେଉଥିବା ରଜନୀକାନ୍ତଙ୍କ ପାଖ ?ରେ ଅନେକ ବିଳାସପୂର୍ଣ୍ଣ କାର୍ ରହିଛି। ସୂଚନା ମୁତାବକ, ରଜନୀକାନ୍ତ ପାଖରେ ୧୬.୫କୋଟିର ରୋଲ୍ସ ରଏସ୍ ଫାଣ୍ଟୋମ, ୬କୋଟିର ରୋଲ୍ସ ରଏସ୍ ଘୋଷ୍ଟ, ୨୨କୋଟିର ବେଣ୍ଟଲେ ଲିମୋଜିନ୍, ୨.୫୫କୋଟିର ମର୍ସେଡିଜ୍ ବେଞ୍ଜ ଜି-ୱାଗନ, ୩.୧୦କୋଟିର ଲାମ୍ବୋରଗିନି ଉରୁସ୍ ଏବଂ ୧.୭୭କୋଟିର ବିଏମଡବ୍ଲୁ ଏକ୍ସ୫ କାର୍ ରହିଛି। ସେ ଫିଲ୍ମ ଅପେକ୍ଷା ବିଭିନ୍ନ ବ୍ୟବସାୟରେ ନିବେଶ କରି ଟଙ୍କା ଆୟ କରନ୍ତି।

ଏହା ବ୍ୟତୀତ ରଜନୀକାନ୍ତ ଏକ ବିବାହ ହଲ୍ ମଧ ଚଳାନ୍ତି। ତାଙ୍କ ବିବାହ ହଲର ମୂଲ୍ୟ ୨୦କୋଟି ଟଙ୍କା ହୋଇଥିବା ବେଳେ ଏହାର ନାମ ରାଘବେନ୍ଦ୍ର ମଣ୍ଡପମ୍ ରଖାଯାଇଛି।

# ନିଜ ଅପହରଣ ନିଜେ କରିଥିବା ନେଇ ହେଉଥିବା ଦାବିର ପ୍ରତିକ୍ରିୟା ଦେଲେ ସୁନୀଲ




ହାସ୍ୟାଭିନେତା ସୁନୀଲ ପାଲଙ୍କୁ ଉତ୍ତରପ୍ରଦେଶର ମେରଠରୁ ଅପହରଣ କରି ନିଆଯାଇଥିଲା। କଳେବଳେ କୌଶଳେ ସୁନୀଲ ପାଲ ଅପହରଣକାରୀଙ୍କ କବଳରୁ ମୁକୁଳି ଆସିବାରେ ସଫଳ ହୋଇଥିଲେ। ଏହାପରେ ସେ ବିଭିନ୍ନ ଗଣମାଧ୍ୟମରେ ତାଙ୍କ ଅପହରଣ ହୋଇଥିବା ଖବର ଦେଇଥିଲେ।

ଏହି ଖବର ପରେ ସୁନୀଲ ପାଲଙ୍କୁ ନେଇ ଏକ ଭିଡିଓ କ୍ଲିପ ସୋସିଆଲ ମିଡିଆରେ ଘୁରି ବୁଲୁଛି। ଏହି ଭିଡିଓ ଦେଖିବା ଓ ଶୁଣିବା ପରେ ସୁନୀଲ ନିଜେ ନିଜର ଅପହରଣ କରିଥିବା ଲୋକେ ଦାବି କରି କରୁଛନ୍ତି।

ସମ୍ପ୍ରତି ସୁନୀଲ ଏହି ଭିଡିଓକୁ ନେଇ ପ୍ରତିକ୍ରିୟା ଦେଇ କହିଛନ୍ତି, 'ହଁ ମୋ ପାଖକୁ ବି ଏହି ଭିଡିଓ କ୍ଲିପ ଆସିଛି। ଅପହରଣକାରୀ ଖୁବ ଚତୁରତା ସହ ଏମିତି କିଛି ପ୍ରଶ୍ନ ପଚାରିଥିଲେ ଯାହାର ଉତ୍ତର ମୋତେ ଦେବାକୁ ପଡୁଥିଲା। କାରଣ ଅପହରଣ ପରେ ଅପହରଣକାରୀ ମୋତେ ଯେମିତି କହୁଥିଲେ ସେମିତି କରିବାକୁ ହେଉଥିଲା।

ମୁଁ ଚୁପ ରହୁଥିଲେ ସେମାନେ ମୋତେ ଓ ମୋ ପରିବାରକୁ ଜୀବନରୁ ମାରିବାକୁ ଧମକ ଦେଉଥିଲେ। ତେଣୁ ଭାଇରାଲ ଭିଡିଓ କ୍ଲିପରେ ଯାହାସବୁ ଶୁଣିବାକୁ ମିଳୁଛି ସେ ସବୁ ଅପହରଣକାରୀ ମୋ ମୁଣ୍ଡରେ ବନ୍ଧୁକ ରଖି କହିବାକୁ ବାଧ କରିଥିଲେ।

# ବିଦ୍ୟୁତ ବିଲ ଦେଖି ଖାପ୍ପା ହେଲେ କାଜୋଲ



କେବଳ ସାଧାରଣ ଜନତା ନୁହଁନ୍ତି, ବଲିଉଡ ତାରକାମାନେ ମଧ ଦରବୃଦ୍ଧିକୁ ନେଇ ଅସୁବିଧାରେ ପଡିଛନ୍ତି। ନିକଟରେ ଅଭିନେତ୍ରୀ କାଜୋଲ ତାଙ୍କ ଇନଷ୍ଟାଗ୍ରାମ କାହାଣୀରେ ଏକ ପୋଷ୍ଟ କରିଛନ୍ତି ଯେଉଁଥିରେ ସେ ପ୍ରକାଶ କରିଛନ୍ତି ଯେ ତାଙ୍କ ଘରର ବିଦ୍ୟୁତ ବିଲ୍ ଦେଖି ସେ ଆଶ୍ଚର୍ଯ୍ୟ ହୋଇଯାଇଛନ୍ତି । ଏଥିରୁ ଜଣାପଡୁଛି ଯେ ଏହା ବିଦ୍ୟୁତ୍ ପାଇଁ ବିଲ୍ ନୁହେଁ ବରଂ ସୂର୍ଯ୍ୟ କିରଣ ବ୍ୟବହାର ପାଇଁ ବିଲ ଏତେ ଆସିଛି । କାଜୋଲ ତାଙ୍କ ଇନଷ୍ଟାଗ୍ରାମ କାହାଣୀରେ ଲେଖିଛନ୍ତି- 'ମୁଁ ମୋର ବିଦ୍ୟୁତ୍ ବିଲ୍ ପାଇଛି। ମୁଁ ଅନୁଭବ କରୁଛି ଯେ ଏହି ବିଲ୍ ସୂର୍ଯ୍ୟ କିରଣ ଯୋଗୁଁ ଏତେ ଆସିଛି । ଅର୍ଥାତ ଘରେ ଏତେ ବିଦ୍ୟୁତ ବ୍ୟବହାର ହୋଇନାହିଁ ତେଣୁ ସୂର୍ଯ୍ୟକିରଣ ବ୍ୟବହାର କରିଥିବାରୁ ଏତେ ବିଦ୍ୟୁତ ବିଲ ଆସିଛି । କାଜୋଲ ଏବଂ ଅଜୟ ଦେବଗନ୍ ମୁମ୍ବାଇର ଜୁହୁର ଏକ ବିଳାସପୂର୍ଣ୍ଣ ବଙ୍ଗଳାରେ ନିଜ ପିଲା ନିସା ଦେବଗନ୍ ଏବଂ ଯୁଗଙ୍କ ସହ ରୁହନ୍ତି। ତାଙ୍କ ଘରର ନାମ ହେଉଛି ଶିବଶକ୍ତି। ଏହି ବିଳାସପୂର୍ଣ୍ଣ ବଙ୍ଗଳାର ମୂଲ୍ୟ ୬୦ କୋଟି ଟଙ୍କା ବୋଲି କୁହାଯାଉଛି। କାମ ବାବଦରେ କହିବାକୁ ଗଲେ କାଜୋଲଙ୍କୁ ଶେଷ ଥର ପାଇଁ 'ଦୋ ପତ୍ତି'ରେ ଦେଖିବାକୁ ମିଳିଥିଲା। ଏହି ଚଳଚ୍ଚିତ୍ରଟି ନେଟଫ୍ଲିକ୍ସରେ ପ୍ରସାରିତ ହୋଇଥିଲା ଯେଉଁଥିରେ ଅଭିନେତ୍ରୀ କ୍ରିତି ସାନନ୍ ଏବଂ ଶାହିର ଶେଖ ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ। ଜଣେ ପୁଲିସ୍ ଭୂମିକାରେ କାଜୋଲ ଦର୍ଶକଙ୍କୁ ବହୁତ ପ୍ରଭାବିତ କରିଥିଲେ। ବର୍ତ୍ତମାନ କାଜୋଲଙ୍କର ଫିଲ୍ମ 'ମହାରାଗିଣୀ' ରହିଛି। ଏହା ଏକ ଆକ୍ସନ୍-ଥ୍ରୀଲର ଫିଲ୍ମ ହେବ ଯାହାକୁ ଚରଣ ତେଜ ନିର୍ଦ୍ଦେଶନା ଦେଇଛନ୍ତି । ପ୍ରଭୁ ଦେବା ମଧ ଏହି ଫିଲ୍ମରେ ଅଭିନୟ କରିବେ। ଏହା ବ୍ୟତୀତ ସେ ମାଲାୟାଲମ୍ ଅଭିନେତା ପ୍ରୀତିରାଜ ସୁକୁମାରନଙ୍କ ସହ ଫିଲ୍ମ 'ସରଜମିନ୍'ରେ ମଧ ନଜର ଆସିବେ। ଏହି ଚଳଚ୍ଚିତ୍ରର ନିର୍ଦ୍ଦେଶନା ଦେଇଛନ୍ତି କାୟୋଜ ଇରାନୀ। ବିଶେଷ କଥା ହେଉଛି ସୈଫ ଅଲି ଖାନଙ୍କ ପୁଅ ଇବ୍ରାହିମ ଅଲି ଖାନ 'ସରଜମିନ୍'ରେ ଡେବ୍ୟୁ କରିବାକୁ ଯାଉଛନ୍ତି।

# ସୁନୀଲ୍ ପାଲଙ୍କ ପରି ଗତମାସରେ ଅଭିନେତାଙ୍କୁ ଉଠାଇ ନେଇଥିଲେ ଅପହରଣକାରୀ

କିଛିଦିନ ତଳେ ହାସ୍ୟାଭିନେତା ତଥା ଅଭିନେତା ସୁନୀଲ ପାଲ ମୁମ୍ବାଇ ବାହାରକୁ ସୋ' କରିବାକୁ ଯାଇଥିବା ବେଳେ ଅପହରଣ ହୋଇଯାଇଥିବା ଖବର ସାମ୍ନାକୁ ଆସିଥିଲା। ସୁନୀଲ ପାଲଙ୍କ ପୂର୍ବରୁ ଅଭିନେତା ମୁଶତାକ ଖାନଙ୍କ ଅପହରଣ ହୋଇଯାଇଥିବା ତାଙ୍କ ମ୍ୟାନେଜର ଅଭିଯୋଗ କରି କହିଛନ୍ତି। ସୂଚନାଯୋଗ୍ୟ, ମୁଶତାକ ଖାନ ମେରଠରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଯୋଗ ଦେବାକୁ ଯାଉଥିବା ବେଳେ ଦିଲ୍ଲୀ-ମେରଠର ଜାତୀୟ ରାଜପଥରୁ ନଭେମ୍ବର ୨୦ ତାରିଖରେ ତାଙ୍କୁ ଅପହରଣ କରାଯାଇଥିଲା। ପୁଲିସ ସୂତ୍ରରୁ ପ୍ରକାଶ, ମେରଠରେ ରହୁଥିବା ରାହୁଲ ସେଚନି ନାମକ ବ୍ୟକ୍ତି ବରିଷ୍ଠ ଲୋକଙ୍କୁ ସମ୍ମାନୀତ କରିବା ପାଇଁ ଏକ କାର୍ଯ୍ୟକ୍ରମର ଆୟୋଜନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ସେ ଅଭିନେତା ମୁଶତାକ ଖାନଙ୍କୁ ଡକାଇଥିଲେ। ଏଥିପାଇଁ ଅଭିନେତାଙ୍କୁ ଆଡଭାନ୍ସ ବାବଦକୁ ସେ ୫୦ହଜାର ଟଙ୍କା ବି ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସାମିଲ ହେବା ପାଇଁ ନଭେମ୍ବର ୨୦ ତାରିଖରେ ମୁଶତାକ ଖାନ ମୁମ୍ବାଇରୁ ଦିଲ୍ଲୀ ପହଞ୍ଚିଥିଲେ। ଦିଲ୍ଲୀ ବିମାନବନ୍ଦରରୁ ମେରଠ ଯିବା ସମୟରେ ଜାତୀୟରାଜପଥରେ ଅପହରଣକାରୀ ତାଙ୍କର ଅପହରଣ କରି ନେଇଥିବା ଅଭିନେତାଙ୍କ ମ୍ୟାନେଜର ଶିବମ ଯାଦବ ଗତ ମଙ୍ଗଳବାର ବିଜନେରରେ ପହଞ୍ଚି କେତବାଲି ଥାନାରେ ଅପହରଣକାରୀଙ୍କ ବିରୋଧରେ ମାମଲା ରୁଜୁ କରିଛନ୍ତି।




# ଶିଶୁ ନାଟ୍ୟକାର ଓ ସମାଜସେବୀ ରାମଚନ୍ଦ୍ର ନାୟକ

ଓଡ଼ିଶାର କଳା ସାହିତ୍ୟ, ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ ଜଣେ ପରିଚିତ ବ୍ୟକ୍ତିତ୍ୱ ହେଉଛନ୍ତି ରାମ ଚନ୍ଦ୍ର ନାୟକ । ଭଦ୍ରକ ଜିଲ୍ଲାର ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ପ୍ରବୋଧ ପୁର, ପାରା ଠାରେ ଶ୍ରୀ ନାୟକ ଜନ୍ମ ଗ୍ରହଣ କରନ୍ତି । ତାଙ୍କର ପିତାଙ୍କ ନାମ ସ୍ୱର୍ଗତ କାର୍ତ୍ତିକ ଚନ୍ଦ୍ର ନାୟକ ଓ ମାତା ଶାନ୍ତିଲତା ନାୟକ । ପତ୍ନୀ ଆରତୀ ନାୟକ, କନ୍ୟା ବର୍ଷା ପ୍ରିୟ ଦର୍ଶୀନି ନାୟକ ଓ ପୁତ୍ର ରୁଦ୍ର ନାରାୟଣ ନାୟକ । ବର୍ତ୍ତମାନ ଶ୍ରୀ ନାୟକ ଶିଶୁ ବିହାର ଶିକ୍ଷା ଅନୁଷ୍ଠାନ ରେ କାର୍ଯ୍ୟାଳୟ ପ୍ରମୁଖ ଭାବେ ଦାୟିତ୍ୱ ସମ୍ପାଦନ କରୁଛନ୍ତି । ଶିଶୁ ମାନଙ୍କ ପାଇଁ ଶ୍ରୀ ନାୟକ ଖୁବ୍ ସୁନ୍ଦର ନାଟକ ରଚନା କରିଛନ୍ତି । ତାଙ୍କ ଦ୍ୱାରା ରଚିତ ନାଟକ ମଧ୍ୟରେ ରହିଛି ଗୁରୁ ଭକ୍ତି, ଈଶ୍ୱର ଆଲ୍ଲା ତେରେ ନାମ, ମୁଁ ଭଲ ପିଲାଟିଏ ହେବି । ଶିଶୁ ବିହାରର ପ୍ରଧାନ ଆଚାର୍ଯ୍ୟ ସନ୍ତୋଷ କୁମାର ମହାରଣା ଓ ବାଇ ଚଢେଇ ପତ୍ରିକାର ସମ୍ପାଦକ କବି ବିକାଶ ଶତପଥୀଙ୍କ ପ୍ରେରଣା ପାଇ ଶ୍ରୀ ନାୟକ କଳା, ସାହିତ୍ୟ, ସଂସ୍କୃତି ଓ ସମାଜସେବା କ୍ଷେତ୍ରରେ ଆଗେଇ ଚାଲିଛନ୍ତି । ଶ୍ରୀ ନାୟକ ଜଣେ ସୁନ୍ଦର କଳାକାର । ଏମିତି ଭୁଲ୍ କେବେ ହେବନି, ଆଖିର ଜନମ କାନ୍ଦିବା ପାଇଁ, କଳିଯୁଗ ମଣିଷ, ସୁଖ ସାତପର ଦୁଃଖ ନିଜର, ଲୁହରେ ଲେଖା ମୋ କପାଳ ରେଖା ପ୍ରଭୃତି ନାଟକ ରେ ଶ୍ରୀ ନାୟକ ଖୁବ୍ ଆକର୍ଷଣୀୟ ଓ ମନଛୁଆଁ ଅଭିନୟ କରିଛନ୍ତି । ଯାହା କେବେ ଭୁଲିବାର ନୁହେଁ । ସମାଜସେବା କ୍ଷେତ୍ରରେ ଶ୍ରୀଯୁକ୍ତ ରାମ ଚନ୍ଦ୍ର ନାୟକ ଅନେକ ସ୍ଥାନରେ ପ୍ରଶଂସିତ ହୋଇଛନ୍ତି । ଶାନ୍ତି କାର୍ତ୍ତିକ ଚେରିଟେବୁଲ୍ ଟ୍ରଷ୍ଟ ଦ୍ୱାରା ପରିଚାଳିତ **my health care** ଅନୁଷ୍ଠାନ ଗଠନ କରି ଶ୍ରୀ ନାୟକ ଅନେକ ରୋଗୀ ମାନଙ୍କୁ ଓ ଦୁଃଖୀ ଅସହାୟ ଲୋକଙ୍କୁ ସାହାଯ୍ୟ ସହଯୋଗ କରି ଆଗେଇ ଚାଲିଛନ୍ତି । ଏହି ଅନୁଷ୍ଠାନର ଶ୍ରୀ ନାୟକ ପ୍ରତିଷ୍ଠାତା ଓ ସମ୍ପାଦକ । ସମାଜସେବା କ୍ଷେତ୍ରରେ ବୃକ୍ଷ ରୋପଣ କରି ଓ ଗରିବ ଲୋକଙ୍କୁ ସାହାଯ୍ୟ କରି ଶ୍ରୀ ନାୟକ ଆନନ୍ଦ ପାଆନ୍ତି । ଶିଶୁ ସାହିତ୍ୟ କ୍ଷେତ୍ରରେ ଶ୍ରୀ ନାୟକ ଶିଶୁ ମାନଙ୍କ ପାଇଁ ସୁନ୍ଦର କବିତା ଲେଖିଛନ୍ତି । ଶ୍ରୀ ନାୟକଙ୍କ ରଚିତ ଶିଶୁ କବିତା ପୁସ୍ତକ ପଲ୍ଲବ ପ୍ରକାଶିତ ହୋଇ ପାଠକୀୟ ପ୍ରଶଂସା ଲାଭ କରିଛି । ବେଳେ ବେଳେ ଖଳ କମେଡି ଚରିତ୍ର ରେ ଶ୍ରୀ ନାୟକ ଅଭିନୟ କରିଥାନ୍ତି । ଓଡ଼ିଶାର ଅନେକ ସାହିତ୍ୟ, ସାଂସ୍କୃତିକ ଓ ଶିକ୍ଷା ଅନୁଷ୍ଠାନ ରୁ ଶ୍ରୀ ନାୟକ ସମ୍ବର୍ଦ୍ଧିତ ହୋଇଛନ୍ତି । ଏହି ଶାନ୍ତ ସରଳ ଓ ମିଷ୍ଟଭାଷୀ ମଣିଷ ଶ୍ରୀ ନାୟକଙ୍କ ସମସ୍ତ ସ୍ୱପ୍ନ ଓ ଲକ୍ଷ୍ୟ ପୂରଣ ହେଉ ଏବଂ ଈଶ୍ୱରଙ୍କ କୃପାରୁ ତାଙ୍କର ଭବିଷ୍ୟତର ଚଲାପଥ କୁସୁମିତ ହେଉ । ଆମର ଏତିକି କାମନା।




ଉପସ୍ଥାପନା: ପ୍ରଦୀପ୍ତ କୁମାର ମହାନ୍ତି
ସମ୍ପାଦକ ରଙ୍ଗରାଗ ସାହିତ୍ୟ ପରିଷଦ
ବରଣ୍ଡୁଆ, ବାସୁଦେବପୁର, ଭଦ୍ରକ
ମୋବାଇଲ୍ ୯୯୩୭୯୭୬୩୫୧


# ରେଖାଙ୍କୁ ଏହି ପ୍ରସିଦ୍ଧ ଗାୟିକା ମା'ବୋଲି ଡାକୁଥିଲେ



ବଲିଉଡର ଚିର ସବୁଜ ଅଭିନେତ୍ରୀ ରେଖା ଚଳଚ୍ଚିତ୍ରଠାରୁ ହୁଏତ ଦୂରରେ ଥାଇପାରନ୍ତି କିନ୍ତୁ ପ୍ରାୟତଃ ସବୁବେଳେ ସେ କୌଣସି ନା କୌଣସି କାରଣରୁ ଚର୍ଚ୍ଚାରେ ରହିଥାନ୍ତି। ନିକଟରେ ତାଙ୍କୁ କପିଲ ଶର୍ମାଙ୍କ ଦି ଗ୍ରେଟ୍ ଇଣ୍ଡିଆନ୍ କପିଲରେ ଦେଖିବାକୁ ମିଳିଥିଲା। ଏହି ସମୟରେ ଅଭିନେତ୍ରୀ ତାଙ୍କ କ୍ୟାରିୟର ସହ ଜଡିତ ଅନେକ କାହାଣୀ ବଖାଣିଥିଲେ। କପିଲ ଶର୍ମାଙ୍କ ସୋ'ର ଏକ ସେଗମେଣ୍ଟରେ କପିଲ ରେଖାଙ୍କୁ ଭେଟେରାନ ଗାୟିକା ଲତା ମଙ୍ଗେସକରଙ୍କ ଅନୁକରଣ କରିବାକୁ କହିଥିଲେ। ତେବେ ରେଖା ତାଙ୍କ ଅନୁରୋଧକୁ ମନା କରିଦେଇଥିଲେ। ତା'ପରେ କପିଲ ପ୍ରକାଶ କରିଥିଲେ ଯେ, ରେଖାଙ୍କର ଲୋକଙ୍କୁ ଅନୁକରଣ କରିବାର ରହସ୍ୟମୟ ପ୍ରତିଭା ଅଛି, ଯାହା ସେ ମାତ୍ର ଦଶ ମିନିଟରେ କରିପାରିଥାନ୍ତି। କପିଲ ଶର୍ମା କହିଥିଲେ, ଥରେ ଆମେ ରେଖା ଜୀ ସହିତ ଏକାଠି ବସିଥିଲୁ। ସେ ବହୁତ ଭଲ ଭାବରେ ଅନ୍ୟକୁ ଅନୁକରଣ କରିଥାନ୍ତି। ରେଖା ଜୀ ଜଣଙ୍କ ସହିତ ୫ ମିନିଟ୍ କଥାବାର୍ତ୍ତା କଲେ ତାଙ୍କର ସ୍ୱର, ତାଙ୍କର ଅଭିବ୍ୟକ୍ତି ଅନୁକରଣ କରି ପାରିଥାନ୍ତି। ରେଖା ଜୀଙ୍କର ଏହି ପ୍ରତିଭା ମୋ ହୃଦୟରେ ସ୍ମରଣୀୟ ହୋଇ ସର୍ବଦା ରହିବ। ତା'ପରେ କପିଲ ତାଙ୍କୁ ଲତା ମଙ୍ଗେସକରଙ୍କୁ ଅନୁକରଣ କରିବାକୁ କହିଥିଲେ। ରେଖା ସେହି ସମୟର ଏକ ଘଟଣା ବର୍ଣ୍ଣନା କରି କହିଥିଲେ ଯେ, ଦିନେ ଲତା ଜୀ ତାଙ୍କୁ ଜନ୍ମଦିନରେ ଡାକିଥିଲେ। ମୁଁ ସେଠାକୁ ଯାଇ ତାଙ୍କୁ କହିଥିଲେ ଯେ, ମୁଁ ତାଙ୍କର ସବୁଠାରୁ ବଡ ପ୍ରଶଂସକ ଏବଂ ଆରଜନ୍ମରେ ଭଗବାନ ମତେ ଲତା ଜୀଙ୍କ ପରି ଜଣେ ଝିଅର ମା' କରନ୍ତୁ। ଏହା ମୋର ପ୍ରାର୍ଥନା। ଭଗବାନ ମତେ ଏହି ଆଶୀର୍ବାଦ ଦିଅନ୍ତୁ।

# ସ୍ମାର୍ଟ ଇଣ୍ଡିଆ ହାକାଥନ -୨୦୨୪ ଗ୍ରାଣ୍ଡ ଫିନାଲେର ପ୍ରତିଯୋଗୀଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ମତ ବିନିମୟ

## ଭାରତକୁ ଅଭିନବ, ପ୍ରଗତିଶୀଳ ଏବଂ ସମୃଦ୍ଧ ଦେଶରେ ପରିଣତ କରିବ ସ୍ମାର୍ଟ ଇଣ୍ଡିଆ ହାକାଥନ୍: ଧର୍ମେନ୍ଦ୍ର ପ୍ରଧାନ



ନୂଆଦିଲ୍ଲୀ/ଭୁବନେଶ୍ୱର, ୧୨/୧୨ (ନି.ପ୍ର): ଆମ ଯୁବ ଶକ୍ତିଙ୍କ ପ୍ରତିଭା ଓ ଚତୁରତା ଅସାଧାରଣ । ଆମର ଯୁବଶକ୍ତି, ଅଭିନବ ଯୁବଶକ୍ତି ଏବଂ ବୈଷୟିକ ଶକ୍ତି ଭାରତର ଶକ୍ତି ହୋଇଛି ବୋଲି ସାରା ବିଶ୍ୱ କହୁଛି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଭିଡିଓ କନଫରେନ୍ସିଂ ମାଧ୍ୟମରେ ସ୍ମାର୍ଟ ଇଣ୍ଡିଆ ହାକାଥନ୍ –୨୦୨୪(ଏସଆଇଏଚ)ର ଗ୍ରାଣ୍ଡ ଫିନାଲେରେ ଯୁବ ଉଦ୍ଭାବକମାନଙ୍କ ସହ ମତ ବିନିମୟ କରିବା ଅବସରରେ ଏହା କହିଛନ୍ତି । ସେହିପରି ପ୍ରଧାନମନ୍ତ୍ରୀଙ୍କ ଏହି ମତ ବିନିମୟ କାର୍ଯ୍ୟକ୍ରମ ଓ ସକାଳେ ଏହି ହାକାଥନକୁ ଭର୍ଚୁଆଲ ପ୍ଲାଟଫର୍ମରେ ଉଦଘାଟନ କରିବା ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ସ୍ମାର୍ଟ ଇଣ୍ଡିଆ ହାକାଥନ୍ 'ଏକ ଭାରତ ଶ୍ରେଷ୍ଠ ଭାରତ'ର ଅନ୍ୟତମ ପ୍ରତୀକ ହୋଇଛି । ଏହି ହାକାଥନ ଭାରତର ବିଶାଳତା ଓ ବିବିଧତାକୁ ଦର୍ଶାଇବା ସହ 'ସବକା ପ୍ରୟାସ'ର ଭାବନାକୁ ପ୍ରତିଫଳିତ କରୁଛି ବୋଲି ପ୍ରଧାନମନ୍ତ୍ରୀ ମୋଦୀ କହିଛନ୍ତି । ସ୍ମାର୍ଟ ଇଣ୍ଡିଆ ହାକାଥନର ଏହି ପ୍ଲାଟଫର୍ମ ଭାରତକୁ ସବୁଠାରୁ ଅଭିନବ, ପ୍ରଗତିଶୀଳ ଏବଂ ସମୃଦ୍ଧ ଦେଶରେ ପରିଣତ କରିବାରେ ବଡ ଭୂମିକା ଗ୍ରହଣ କରିବ । ସ୍ମାର୍ଟ ଇଣ୍ଡିଆ ହାକାଥନର କଳ୍ପନା କରିଥିବାରୁ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ । ସେ କହିଛନ୍ତି ଯେ ଆଜି ସ୍ମାର୍ଟ ଇଣ୍ଡିଆ ହାକାଥନର ଗ୍ରାଣ୍ଡ ଫିନାଲେରେ ସାରା ଦେଶର ଯୁବ ଉଦ୍ଭାବକମାନଙ୍କୁ ପ୍ରୋତ୍ସାହିତ ଓ ମାର୍ଗଦର୍ଶନ ପ୍ରଦାନ କରିଥିବାରୁ ପ୍ରଧାନମନ୍ତ୍ରୀଙ୍କୁ ଧନ୍ୟବାଦ । ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନ ଆମର ଯୁବ ଶକ୍ତିଙ୍କ ମଧ୍ୟରେ ନୂତନ ଭରିଦେଇଛି ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ବିଗତ ୭ ବର୍ଷ ମଧ୍ୟରେ ସ୍ମାର୍ଟ ଇଣ୍ଡିଆ ହାକାଥନ୍ ଅନେକ ସମସ୍ୟାର ସମାଧାନ ପ୍ରଦାନ କରିଛି । ଆଗାମୀ ସ୍ମାର୍ଟ ଇଣ୍ଡିଆ ହାକାଥନରେ ଆମର ଯୁବ ଉଦ୍ଭାବକମାନେ କେବଳ ଭାରତର ନୁହେଁ ବରଂ ବିଶ୍ୱ ସମସ୍ୟାର ସମାଧାନ ଦିଗରେ ମଧ୍ୟ କାର୍ଯ୍ୟ କରିବେ । ସ୍ମାର୍ଟ ଇଣ୍ଡିଆ ହାକାଥନ ସହିତ 'ୟଙ୍ଗ ଲିଡର୍ସ ଡାଏଲଗ' ଭଳି ପ୍ରୟାସରେ ସାମିଲ ହୋଇ ଏକ ବିକଶିତ ଭାରତ ପାଇଁ ସେମାନଙ୍କର ଆଇଡିଆ ଏକ୍ସଚେଞ୍ଜ୍ କରିବେ । ବିକଶିତ ଭାରତର ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଆମର ଯୁବଶକ୍ତି ହିଁ ଆମର ଆଶା ଓ ପ୍ରେରଣା । ଏଥିପାଇଁ ଭାରତର ଅମୃତ ପିଢ଼ିଙ୍କୁ ସଠିକ୍ ସମୟରେ ସବୁ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେବା ପାଇଁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସରକାର ପ୍ରତିଶ୍ରୁତିବଦ୍ଧ । ଏହି ହାକାଥନ ଇନୋଭସନ ଏବଂ ସୃଜନଶୀଳତାର ହଟସ୍ପଟ୍ ପାଲଟିଛି । ଏହି ପ୍ଲାଟଫର୍ମରେ ସମଗ୍ର ଦେଶର ଛାତ୍ରଛାତ୍ରୀମାନେ ସମସାମୟିକ ଆହ୍ୱାନର ସମାଧାନ ଖୋଜିବା ପାଇଁ ମନ ବଳାଇଛନ୍ତି । ଛାତ୍ରଛାତ୍ରୀମାନେ ହିଁ ବିକଶିତ ଭାରତର ନେତୃତ୍ୱ ନେବେ । ତେଣୁ ସେମାନଙ୍କର ଇନୋଭେସନ ଏବଂ ଉତ୍ସାହ ଦ୍ୱାରା ବିଶ୍ୱ ଆହ୍ୱାନର ସମାଧାନ ହୋଇପାରିବ । ଦେଶର ଯୁବବର୍ଗଙ୍କ ପ୍ରତିଭା, ଦୂରଦୃଷ୍ଟି, କଠିନ ପରିଶ୍ରମ, ନେତୃତ୍ୱ ଏବଂ ନୂଆ ଚିନ୍ତାଧାରା ଭାରତକୁ ଏକବିଂଶ ଶତାବ୍ଦୀର ଜ୍ଞାନ ଆଧାରିତ ଅର୍ଥନୀତିରେ ପରିଣତ କରିବାରେ ସହାୟକ ହେବ । ଏହି କାର୍ଯ୍ୟକ୍ରମ ଉଭା ହେଉଥିବା ଅର୍ଥନୀତି ପାଇଁ ଏକ ବିକାଶ ମଡେଲ୍ ତଥା ବିଶ୍ୱର ଅଭିବୃଦ୍ଧି ଇଞ୍ଜିନ୍ ଭାବରେ ଉଭା ହେବା ପାଇଁ ଆମର ମାର୍ଗ ପ୍ରଶସ୍ତ କରିବ ।

ଦଶର ନୂଆପିଢିଙ୍କ ମଧ୍ୟରେ ଉଦ୍ଭାବନ, ଉଦ୍ୟମିତା, ସମସ୍ୟା ଆଧାରରେ ସମାଧାନ କରିବା ଏବଂ ଅନୁସନ୍ଧାନର ଆଗ୍ରହକୁ ପ୍ରୋତ୍ସାହନ ଦେବା ଦିଗରେ ପ୍ରଧାନମନ୍ତ୍ରୀ ସର୍ବଦା ଗୁରୁତ୍ୱ ଦେଇ ଆସୁଛନ୍ତି । ଏହାକୁ ଦୃଷ୍ଟିରେ ରଖି ଦେଶରେ ଗମ୍ଭୀର ସମସ୍ୟାର ସମାଧାନ ଖୋଜିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ମାର୍ଗଦର୍ଶନରେ ବିଗତ ସାତ ବର୍ଷ ଧରି ସ୍ମାର୍ଟ ଇଣ୍ଡିଆ ହାକାଥନ ଆୟୋଜନ ହୋଇଆସୁଛି । ସ୍ମାର୍ଟ ଇଣ୍ଡିଆ ହାକାଥନ ସପ୍ତମ ସଂସ୍କରଣ ଦେଶର ୫୧ଟି ନୋଡାଲ ସେଣ୍ଟରରେ ଆରମ୍ଭ ହୋଇଛି । ଉଦଘାଟନୀ ଉତ୍ସବରେ କେନ୍ଦ୍ର ଉତ୍ତର-ପୂର୍ବାଞ୍ଚଳ ଶିକ୍ଷା ଓ ବିକାଶ ରାଷ୍ଟ୍ରମନ୍ତ୍ରୀ ଡ. ସୁକାନ୍ତ ମଜୁମଦାର ଉପସ୍ଥିତ ଥିଲେ । ଅନେକ ଶିକ୍ଷାବିତ୍, ଛାତ୍ରଛାତ୍ରୀ ଓ ପରାମର୍ଶଦାତାମାନେ ଦେଶର ବିଭିନ୍ନ କେନ୍ଦ୍ରରୁ ଭର୍ଚୁଆଲ ମାଧ୍ୟମରେ ଯୋଡି ହୋଇଥିଲେ ।

# ରାଧା ମଦନ ମୋହନ ମନ୍ଦିରରେ ଗୀତା ଜୟନ୍ତୀ ଅନୁଷ୍ଠିତ



ବାଲିଆପାଳ , ୧୨/୧୨ (ନି.ପ୍ର): ବାଲିଆପାଳ ପାରୁଳିଆ ଛକ ନିକଟବର୍ତ୍ତୀ ଶ୍ରୀରାଧା ମଦନମୋହନ ମନ୍ଦିରରେ ବୁଧବାର ଦିନ 'ଗୀତା ଜୟନ୍ତୀ ମହୋତ୍ସବ' ସନାତନୀ ରୀତି ନୀତି ସହ ଭକ୍ତିପୂତ ପରିବେଶରେ ଅନୁଷ୍ଠିତ ହୋଇ ଯାଇଛି । ପ୍ରତ୍ୟୁଷରୁ ପବିତ୍ର ମଙ୍ଗଳ ଆରତୀ ଓ ଦର୍ଶନ ଆରତୀ ପରେ ପୂଜ୍ୟ ପାଦ ଲାବଣ୍ୟ ଗୌରଦାସ ବ୍ରହ୍ମଚାରୀଙ୍କ ପୌରହିତ୍ୟରେ ଗୀତା ଯଜ୍ଞ ଆରମ୍ଭ ହୋଇ ଥିଲା । ଉପସ୍ଥିତ ଶତାଧିକ ଭକ୍ତଙ୍କ ଗହଣରେ ଅନୁଷ୍ଠିତ ଯଜ୍ଞରେ ସତ୍ୟ ଗୌରହରି ଦାସ ମୁଖ୍ୟ ପୁରୋହିତ ଥିବା ସମୟରେ ଭବେଶ ପ୍ରଭୁ, ଅକ୍ଷୟ ପ୍ରଭୁ, ମୃତ୍ୟୁଞ୍ଜୟ ପ୍ରଭୁ, ଝାଡ଼େଶ୍ୱର ପ୍ରଭୁ ଓ ଧର୍ମାତ୍ମା ଗୌର ଦାସ ପ୍ରମୁଖ ପାର୍ଶ୍ୱ ପୁରୋହିତ ଭାବେ ସହଯୋଗ କରିଥିଲେ । ଯଜ୍ଞ ଅନୁଷ୍ଠାନ ପରେ ଅନୁକଳ୍ପ ପ୍ରସାଦ ସେବନ କରାଯାଇଥିଲା ।

# ଡ଼ା: ସୁରଥ କୁମାର ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧ ସ୍ମୃତି ଦିବସ ପାଳନ

ଭଦ୍ରକ , ୧୨/୧୨ (ନି.ପ୍ର): ଡ଼ା. ସୁରଥ ବିଶ୍ୱାଳଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ପାଳନ ଅବସରରେ ଏକ ସ୍ମୃତି ସଭା ଭାଗବତ କଲ୍ୟାଣ ମଣ୍ଡପ ଠାରେ ଶାନ୍ତନୁ କୁମାର ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଅତିଥିମାନଙ୍କୁ ବୈଲୋଚନ ବେହୁରିଆ ମ ଆମନ୍ତ୍ରଣ କରିଥିବା ବେଳେ ବେଦ ପାଠ କରିଥିଲେ ବେଦବିତ୍ ଘନଶ୍ୟାମ ଲେଙ୍କା । ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଶିକ୍ଷାବିତ୍ ଗୟାଧର ପଣ୍ଡା । ଡ଼ା: ବିଶ୍ୱାଳଙ୍କ ଜୀବନ ଉପରେ ବିଭିନ୍ନ ବ୍ୟକ୍ତିମାନଙ୍କ ଦ୍ୱାରା ଲେଖାଯାଇଥିବା ସ୍ମୃତିଗ୍ରନ୍ଥ "ସ୍ଥିତପ୍ରଜ୍ଞ ସୁରଥ" ସମ୍ମାନିତ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ପୁସ୍ତକର ମୁଖ୍ୟ ସଂପାଦକ ଅବସରପ୍ରାପ୍ତ ପ୍ରାଧ୍ୟାପକ ବାସୁଦେବ ବାରିକ୍ ପୁସ୍ତକ ସଂପର୍କରେ ସୂଚନା ଦେଇଥିଲେ ଏବଂ ହରମୋହନ କୁଅଁର ସଂପାଦକୀୟ ବକ୍ତବ୍ୟ ରଖିଥିଲେ ।

ଡ଼ା ସୁରଥ ବିଶ୍ୱାଳ ଜଣେ ଭେଷଜ ବିଶେଷଜ୍ଞ ଡ଼ାକ୍ତର ଭାବରେ ବାଲେଶ୍ୱର ଓ ଭଦ୍ରକରେ ବିଭିନ୍ନ ଅ ଳରେ ଚାକିରୀ କରି ଜଣେ ସୁନାମଧନ୍ୟ ଡ଼ାକ୍ତର ହିସାବରେ ନିଜକୁ ପରିଚିତ କରି ପାରିଥିଲେ । କୋରାପୁଟ ଜିଲ୍ଲା ମୁଖ୍ୟ ମେଡ଼ିକାଲ ଅଫିସର ଭାବେ କାର୍ଯ୍ୟ କଲାପରେ ଓଡ଼ିଶା ସ୍ୱାସ୍ଥ୍ୟ ବିଭାଗରେ ଯୁଗ୍ମ ନିର୍ଦ୍ଦେଶକ ପଦକୁ ଉନ୍ନିତ ହୋଇଥିଲେ । ଏହି ପଦରୁ ଅବସର ନେଇ ଭଦ୍ରକରେ ରହି ଲୋକଙ୍କୁ ଡ଼ାକ୍ତରୀ ସେବାରେ ନିୟୋଜିତ କରିଥିଲେ । ବହୁ ସାମାଜିକ ଅନୁଷ୍ଠାନରେ ଜଡ଼ିତ ହୋଇ ଜଣେ ମାନବବାଦୀ ମଣିଷ ଭାବେ ନିଜକୁ ପରିଚିତ କରିପାରିଥିଲେ । ଡ଼ା. ବିଶ୍ୱାଳ ଜଣେ ସ୍ନେହୀ, ଶାନ୍ତସ୍ୱଭାବର ମଣିଷ, ମିଷ୍ଟଭାଷୀ, ସରଳ ଓ ସ୍ଥିତପ୍ରଜ୍ଞ ବ୍ୟକ୍ତିଭାବେ ସମସ୍ତେ ତାଙ୍କୁ ସମ୍ମାନ କରୁଥିଲେ । ଏହି ସଭାରେ ଡ଼ା ହରେକୃଷ୍ଣ ନାୟକ, ଡ଼ା: ଦୁର୍ଯ୍ୟୋଧନ ଦାସ, ସମ୍ବକାର ଅଭୟ ଦ୍ୱିବେଦୀ, ବରିଷ୍ଠ ଆଇନ୍‌ଜୀବୀ ନିରାକାର ଜେନା, ଶିକ୍ଷାବିତ୍ ବାବାଜି ଚରଣ ପଣ୍ଡା, ଡ଼ା. ରବିନ୍ଦ୍ର କୁମାର ନାୟକ, ଶିକ୍ଷାବିତ୍ କୈଳାସ ପଣ୍ଡା, ଜିତେନ୍ଦ୍ର ବିଶ୍ୱାଳ, ସମରେନ୍ଦ୍ର ବିଶ୍ୱାଳ, ମଧୁସ୍ମିତା ବିଶ୍ୱାଳ, ଡ଼. ରାଧାରାଣୀ ମହାପାତ୍ର, ଡ଼. ରାମଚନ୍ଦ୍ର ପଣ୍ଡା, ଡ଼ା. ସୁକାନ୍ତୀ ଜେନା, ସୁଧାକର ରାଉତ, ମାୟାଧର ବିଶ୍ୱାଳ, ଡ଼ା. ମୁରଲୀଧର ସୂତାର ପ୍ରଭୃତି ବ୍ୟକ୍ତିମାନେ ଉପସ୍ଥିତ ରହି ଡ଼ା. ବିଶ୍ୱାଳଙ୍କ ଗୁଣାବଳୀ ବିଷୟରେ ଆଲୋଚନା କରିଥିଲେ । ଏତଦ୍‌ଭିନ୍ନ ଏହି ସଭାରେ ଉପସ୍ଥିତ ଥିଲେ ଡ଼. ରାମଚନ୍ଦ୍ର ନାୟକ, ଡ଼ା. ରବୀନ୍ଦ୍ର ଓଝା, ପବିତ୍ର ପାଣିଗ୍ରାହୀ, ଡ଼. ପ୍ରଭାତ ନଳୀନୀ ମହାପାତ୍ର, ଗୀତାରାଣୀ ଆଇଚ, ଡ଼. ଗୋଲକ ବିହାରୀ ସାହୁ, ଡ଼. ପ୍ରମୋଦ କୁମାର ନାୟକ, ଚନ୍ଦ୍ର ଶେଖର ନାୟକ, କୈଳାସ ଚନ୍ଦ୍ର ନାୟକ, ଲଲାଟେନ୍ଦୁ ମହାନ୍ତି, ବାବୁଲାଲ ଦାସ, ମନୋରଞ୍ଜନ ଦାସ, ମନୋରମା ରାଏ, ଜାନକୀ ପାଢ଼ୀ, ରୂପକ ବିହାରୀ ରାଏ, ପ୍ରଶାନ୍ତ କୁମାର ସାହୁ, ଲକ୍ଷ୍ମୀକାନ୍ତ ବାରିକ୍ , ରତ୍ନାକର ଦାସ ଓ ଅମର କୁମାର ପାଣିଗ୍ରାହୀ ଏବଂ ଅନେକ ବ୍ୟକ୍ତି ବିଶେଷମାନେ । ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ପରମାନନ୍ଦ ସାହୁ । ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ପ୍ରଫୁଲ କୁମାର ମାଝୀ, ମନୋରଂଜନ ରାଉଳ, ଆଶିଷ କୁମାର ନାୟକ, ସନ୍ତୋଷ କୁମାର ରାଉତ ଓ ଅଭିମନ୍ୟୁ ନାୟକ ।

# ସେଲ ରାଉରକେଲା ଇସ୍ପାତ କାରଖାନାର ଦୀକ୍ଷା ଇସ୍ପାତ ସୁରକ୍ଷା କୌଶଳ କେନ୍ଦ୍ରଠାରେ ନିରାପଦ କନଭେୟର ବେଲ୍ଟ ଅପରେସନ୍ ସନ୍ଦର୍ଭରେ ଠିକା ଶ୍ରମିକଙ୍କୁ ତାଲିମ ପ୍ରଦାନ




ରାଉରକେଲା, ୧୨/୧୨ (ନି.ପ୍ର): ସେଲ, ରାଉରକେଲା ଇସ୍ପାତ କାରଖାନାର ବିଭିନ୍ନ ବିଭାଗରେ ନିୟୋଜିତ ୩୧ ଜଣ ଠିକା ଶ୍ରମିକ, ଦୀକ୍ଷା ଇସ୍ପାତ ସୁରକ୍ଷା କୌଶଳ କେନ୍ଦ୍ରରେ ନିରାପଦ କନଭେୟର ବେଲ୍ଟ ଅପରେସନ୍ ର କାର୍ଯ୍ୟଦକ୍ଷତା ଉପରେ ଅନୁଷ୍ଠିତ ଏକ ତାଲିମ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ଏହି ଅଧିବେଶନରେ ଅଂଶଗ୍ରହଣକାରୀମାନଙ୍କୁ ସେମାନଙ୍କ କାର୍ଯ୍ୟକ୍ଷେତ୍ରରେ ସମ୍ଭାବ୍ୟ ବିପଦକୁ ଏଡାଇବା ନିମନ୍ତେ ସେମାନଙ୍କୁ ତାତ୍ୱିକ ଓ ବ୍ୟବହାରିକ ଜ୍ଞାନ ପ୍ରଦାନ କରାଯାଇଥିଲା । ୱାର୍କିଂ ମଡେଲରେ ତାତ୍ୱିକ ତଥ୍ୟ ସହିତ ବ୍ୟବହାରିକ ଜ୍ଞାନ କୌଶଳ ପ୍ରଦାନ ସମେତ ରାଉରକେଲା ଆଖପାଖରେ ଏକ ସୁଦକ୍ଷ କୁଶଳୀ ମାନବ ସମ୍ବଳ ବିକାଶ ଏହି ଅଧିବେଶନର ଲକ୍ଷ୍ୟ ରହିଥିଲା ।

ଶ୍ରମ ଏବଂ ରୋଜଗାର ମନ୍ତ୍ରଣାଳୟ ଅଧୀନରେ ଥିବା ଡ଼ିଟିଏନବିଡବ୍ଲୁଇ ର ଆଞ୍ଚଳିକ ନିର୍ଦ୍ଦେଶାଳୟ ଶ୍ରୀ ଏସ୍ ଆର ଗୋଛାୟତ ଏବଂ ନିରାପଦ କନଭେୟର ବେଲ୍ଟ ଅପରେସନ୍ ର ଫେକଲ୍ଟି ଶ୍ରୀ ଆର କେ ତିୱାରୀ ଏହି ଅଧିବେଶନ ସମ୍ପନ୍ନ କରିଥିଲେ ।

ତାଲିମ ସମାପ୍ତ ହେବା ପରେ, ଡ଼ିଟିଏନବିଡବ୍ଲୁଇ ଦ୍ୱାରା ପ୍ରଦତ୍ତ ସାର୍ଟିଫିକେଟ୍ ଠିକା ଶ୍ରମିକଙ୍କୁ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଏଚ ଆର ସି ଏଲ ସି ବିଭାଗର ସିନୀୟର ମ୍ୟାନେଜର ଶ୍ରୀ ରାଜୀବ ମୁଖାର୍ଜୀ ଉପସ୍ଥିତ ଥିଲେ ।

ଏହି କାର୍ଯ୍ୟକ୍ରମକୁ ଶ୍ରୀ ରାଜୀବ ମୁଖାର୍ଜୀ ଓ ଏଚଆର ସି ଏଲ ସି ବିଭାଗ ଦଳ ସଂଯୋଜନା କରିଥିଲେ ।

# କଳାଗୁଡ଼ା ଜଙ୍ଗଲରେ ଅବକାରି ଚଢ଼ାଉ

ଜୟପୁର, ୧୨/୧୨ (ନି.ପ୍ର): ଜୟପୁର ସଦର ଥାନା ଅନ୍ତର୍ଗତ କଳାଗୁଡା ଜଙ୍ଗଲରେ ଆଜି ସକାଳ ୯ଟାରେ ଅବକାରି ଚଢାଉ ହୋଇଛି । ମଦ ମାଫିଆ ମାନେ ମଦ ପ୍ରସ୍ତୁତ ସହ ଲୁଚାଇ ରଖିଥିବା ସୂଚନା ପାଇ ମିଳିତ ଚଢାଉ କରାଯାଇଛି । ଜୟପୁର ଅବକାରି ନିରିକ୍ଷକ କାଯ୍ୟାଳୟ, ଅବକାରି ଥାନା, ସଦର ଥାନା ଓ ସେଟଲାଇଟ ୟୁନିଟ ତରଫରୁ ମିଳିତ ଚଢାଉ କରାଯାଇଛି । ଚଢାଉ ସୂଚନା ପାଇ ମଦ ମାଫିଆମାନେ ଚମ୍ପଟ ମାରିଥିବାବେଳେ ଅବକାରି ବିଭାଗ ବହୁ ମଦ ଭାଟି ଭାଙ୍ଗିଛି । ଘଟଣା ସ୍ଥଳରୁ ୯୦ ଲିଟର ଦେଶି ମଦ, ୯ ଶହ ଲିଟର ପୋଚ ଜବତ କରି ନଷ୍ଟ କରିଛି । ମଦରନ୍ଧା ସରଞ୍ଜାମ, ଡ୍ରମ ଆଦିକୁ ଜବତ କରିଥିବା ବିଷୟ ଆଜି ସଂନ୍ଧ୍ୟା ୬ଟାରେ ଜୟପୁର ଅବକାରି ଥାନା ତରଫରୁ ସୂଚନା ଦିଆଯାଇଛି ।

# ସୁବର୍ଣ୍ଣ ଲୋକ ମହୋତ୍ସବର ସାଂସ୍କୃତିକ କମିଟି ବୈଠକ ଅନୁଷ୍ଠିତ

ବଲାଙ୍ଗିର, ୧୨/୧୨ (ନି.ପ୍ର): ୨୦୨୫ ଜାନୁୟାରୀ ୬ ରୁ ୧୦ ତାରିଖ ପର୍ଯ୍ୟନ୍ତ ସ୍ଥାନୀୟ ରାମେଶ୍ୱର ଷ୍ଟାଡିୟମ ରେ ଅନୁଷ୍ଠିତ ହେବ ।ଆୟୋଜିତ ଏହି ସୁବର୍ଣ୍ଣ ଲୋକ ମହୋତ୍ସବ ପାଇଁ ଆଜି ଜିଲ୍ଲାପାଳ ଙ୍କ ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର କୁମାର ମାଝୀଙ୍କ ପୌ ।ରହିତ୍ୟ ରେ ସୁବର୍ଣ୍ଣ ଲୋକ ମହୋତ୍ସବ ସାଂସ୍କୃତିକ କମିଟି ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା । ଏହିପରିପ୍ରେକ୍ଷୀର ସୁବର୍ଣ୍ଣ ଲୋକ ମହୋତ୍ସବ-୨୦୨୫ କୁ ଅଧିକ ଆକର୍ଷଣୀୟ କରିବାପାଇଁ ବିଭିନ୍ନ ସାଂସ୍କୃତିକ ଦଳ ମାନଙ୍କ ପ୍ରଦର୍ଶନ ଉପରେ ଆଲୋଚନା ହୋଇ ସର୍ବାଧିକ ଲୋକପ୍ରିୟ ଥିବା ସାଂସ୍କୃତିକ ଦଳ ମାନଙ୍କୁ ପ୍ରାଥମିକତା ଦେବାପାଇଁ ନିଷ୍ପତ୍ତି ହୋଇଥିଲା । ସେହିପରି ଜିଲ୍ଲା ର ସମସ୍ତ ବ୍ଲକ ର ବିକେଏସ୍‌ଏସ୍ , ପୌ ।ରାଂଚଳ ଓ ଏନ୍‌ଏସି ତଥା ରାଜ୍ୟ ସଂସ୍କୃତି ବିଭାଗ ଓ ରାଜ୍ୟ ବାହାର ର ବିଭିନ୍ନ ସାଂସ୍କୃତିକ ଦଳ ମାନଙ୍କୁ ନେଇ ଚଳିତ ବର୍ଷର ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ସହ ଥିଏଟର ମାର୍ଚ୍ଚ ରେ ଅନ୍ୟୁନ ୬୦୦ ଲୋକକଳାକାର ମାନଙ୍କୁ ନେଇ ଆୟୋଜନ କରାଯିବାକୁ ଅନୁଷ୍ଠିତ ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଜଣାଯାଇଛି । ଆଜିର ଏହି ବୈଠକ ରେ ଜିଲା ସଂସ୍କୃତି ଅଧିକାରୀ ଯମୁନା ପ୍ରଧାନ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଅଶ୍ୱିନୀ କୁମାର ଭୋଇ, ରମେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ମତାମତ ପ୍ରଦାନ କରିଥିଲେ ।

# ଅମର ଜ୍ୟୋତି କଲେଜରେ ଯୋଗ ଶିବିର

ବଲାଙ୍ଗିର, ୧୨/୧୨ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ କୁଟୁମଡୋଲା ସ୍ଥିତ ଅମରଜ୍ୟୋତି ମହାବିଦ୍ୟାଳୟରେ ଯୋଗ ଶିବିର ଅନୁଷ୍ଠିତ ହୋଇଯାଇଛି । ମହାବିଦ୍ୟାଳୟର ଅଧକ୍ଷ ସଂଜୟ କୁମାର ସିଂ ଏହି ଯୋଗ ଶିବିର କୁ ଉଦ୍‌ଘାଟିତ କରିଥିବା ବେଳେ ସମ୍ମାନିତ ଅତିଥି ସଂସ୍କୃତ ଅଧାପକ ସୁରେଶ ଚନ୍ଦ୍ର ଷଡଙ୍ଗୀଙ୍କ ସଂଯୋଜନା କରି ଯୋଗର ମହତ୍ୱ ବିଷୟରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ । ମୁଖ୍ୟ ଅତିଥି ବିଚିତ୍ରାନନ୍ଦ ସାହୁ ଗାୟିତ୍ରି ମନ୍ତ୍ରର ମହାନତା ବିଷୟରେ ଛାତ୍ର ଛାତ୍ରୀଙ୍କୁ ଅବଗତ କରାଇଥିଲେ । ଏହି ଯୋଗ ଶିବିରରକୁ ହରିଦ୍ୱାର ର ଶାନ୍ତିକୁଞ୍ଜ ଆନ୍ତର୍ଜାତୀୟ ଯୋଗ ବିଶ୍ୱ ବିଦ୍ୟାଳୟର ଛାତ୍ର ଶରଂଶ ରାଣା, ଅନୁଭୁତି କୁମାର ଓ ଅଭିନାଶ ମୌର୍ଯ୍ୟ ଯୋଗ ପ୍ରଶିକ୍ଷକ ଭାବେ ଯୋଗଦାନ କରି ଜିବନଚର୍ଯ୍ୟା ତଥା ଯୋଗ ପ୍ରଶିକ୍ଷଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ । ଶେଷରେ ଅର୍ଥନୀତି ଅଧାପକ ରାମଦାଶ ଶତପଥି ଧନ୍ୟବାଦ ଦେଇ ଛାତ୍ର ଛାତ୍ରୀମାନଙ୍କୁ ଉତ୍ସାହିତ କରିଥିଲେ ।


# ସହରରେ ଏବେ ନାଟ୍ୟ ମହୋତ୍ସବ ପ୍ରସ୍ତୁତିର ରଙ୍ଗ

କେନ୍ଦ୍ରାପଡ଼ା, ୧୨/୧୨ (ନି.ପ୍ର): ବିବିଧ କଳାର ସମାବେସୀ ମଂଚ 'ସିମ୍ଫୋନି' ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲାରେ ଆୟୋଜିତ ହେଉଥିବା ପ୍ରଥମ ରାଜ୍ୟସ୍ତରୀୟ ନାଟ୍ୟ ମହୋତ୍ସବର ପ୍ରସ୍ତୁତି ଖୁବ୍ ଉତ୍ସାହରେ ଅଗ୍ରସର ହେଉଥିବାର ପରିଲକ୍ଷିତ ହେଉଛି । ସହରର ବିଭିନ୍ନ ସ୍ଥାନରେ ଏହି ନାଟ୍ୟ ମହୋତ୍ସବର ରଙ୍ଗୀନ ହୋର୍ଡିଂ ସବୁ ଲଗାଯାଇଥିବା ପରିଲକ୍ଷିତ ହେଉଛି । ଆସନ୍ତା ଡିସେମ୍ବର ୨୮ ଓ ୨୯ ତାରିଖ ସହର ଉପକଣ୍ଠ ଗୁଆଳସିଂ ସ୍ଥିତ ଜିଲ୍ଲା ସଂସ୍କୃତି ଭବନରେ ଏହି ଦ୍ୱିଦିବସୀୟ ନାଟ୍ୟ ମହୋତ୍ସବ ଅନୁଷ୍ଠିତ ହେବ ବୋଲି ଅନୁଷ୍ଠାନର ସମ୍ପାଦକ ଡ଼ ବିନାୟକ ପ୍ରସାଦ ପ୍ରଧାନ ସୂଚନା ପ୍ରଦାନ କରିଛନ୍ତି । ରାଜ୍ୟର ଅଗ୍ରଣୀ ତଥା ସୁନାମଧନ୍ୟ ନାଟ୍ୟସଂସ୍ଥା ଏଥିରେ ଅଂଶଗ୍ରହଣ କରୁଥିବା ଏବଂ ଅଗ୍ରୀମ ଭାବେ ଏହାର ଟିକଟ ସ୍ୱଳ୍ପ ମୂଲ୍ୟରେ ବିକ୍ରି ଆରମ୍ଭ କରାଯାଇଛି ବୋଲି ସଂଯୋଜକ ସ୍ୱପ୍ନାଂଶୁ ଦାସ ସୂଚନା ଦେଇଛନ୍ତି ।

# ବୋରିଗୁମ୍ମା ବ୍ଲକ କାମରାଠାରୁ ଖରିଫ ମଣ୍ଡିର ଶୁଭାରମ୍ଭ କଲା କୋରାପୁଟ ଜିଲ୍ଲା ପ୍ରଶାସନ

ଜୟପୁର , ୧୨/୧୨ (ନି.ପ୍ର): ବୋରିଗୁମ୍ମା ବ୍ଲକ କମରା ଠାରୁ ଚଳିତ ଖରିବ ଋତୁ ଧାନ ମଣ୍ଡି ର ଆଜି ଠାରୁ କୋରାପୁଟ ଜିଲ୍ଲାପ୍ରଶାସନ ଦ୍ୱାରା ଶୁଭାରମ୍ଭ ହୋଇଛି । ।ଏଥିପାଇଁ ପ୍ରଶାସନ ତରଫରୁ ଚାଷୀଙ୍କ ଉନ୍ନତ ମାନର ଆବସକୀୟ ଉପକରଣ, ସାଙ୍ଗକୁ ଏଫଏକ୍ୟୁ ଧାନର ପରୀକ୍ଷା ପାଇଁ ଉନ୍ନତ ମାନର ଯନ୍ତ୍ର ପାତି ଦିଆଯାଇଛି ।ଚାଷୀ ଙ୍କ ପାଇଁ ମଣ୍ଡି ରେ ସମସ୍ତ ବନ୍ଦବାସ୍ତ କରିଛି ପ୍ରଶାସନ ଜୟପୁର ଉପଖଣ୍ଡ ରେ ୩୪ଟି ମଣ୍ଡି ରେ ଆଜି ଠାରୁ ଧାନ କିଣା ଆରମ୍ଭ ହୋଇଛି । ବୋରିଗୁମ୍ମା ବ୍ଲକ ରେ ପ୍ରାୟ ୨୨ଟି ମଣ୍ଡି ରହିଛି । କାମତା ଓ ବୋରିଗୁମ୍ମା ଲେମ୍ପସ ବ୍ୟତୀତ ପାଣି ପଂଚାୟତ ଏବଂ ଏସଏଚଜି ଗ୍ରୁପ ମାଧ୍ୟମରେ ମଣ୍ଡି ରେ ଧାନ କିଣା ଯାଉଛି ।କାମରା ମଣ୍ଡି ଉଦ୍ଘାଟନ ସମାରୋହ ରେ ମୁଖ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ ବିଭାଗ) ଅଲୋମଣି ସେଠି, ମୁଖ୍ୟ ଜିଲ୍ଲା ଯୋଗାଣ ଅଧିକାରୀ ପ୍ରଦୀପ ପଣ୍ଡା,ଉପଜିଲ୍ଲାପାଳ ଜୟପୁର ଆକାବରମ ସସ୍ୟା ରେଡି,ଉଜଉଝ ଭୀମସେନ ସାହୁ, କେସିସି ବ୍ୟାଙ୍କ ସମ୍ପାଦକ ଅତୁଲ୍ୟ କୁମାର ମଲିକ ,ବୋରିଗୁମ୍ମା ବିଡ଼ିଓ ସନ୍ଧ୍ୟା ରାଣୀ ସମରଥ,ତହସିଲ ଦାର ଅମୃତ ଲାଲ ବେହେରା, ବୋରିଗୁମ୍ମା ଲେମ୍ପ ସଭାପତି ଲାଲୁ ମଣି ସିଙ୍ଗ,ବରିଷ୍ଠ ଚାଷୀ ବିବେକାନନ୍ଦ ପଟନାୟକ ପ୍ରମୁଖ ଅତିଥିରୁପେ ଯୋଗ ଦେଇ ଥିଲେ ।କାମରା ମଣ୍ଡି ର ସମସ୍ତ ଚାଷୀ ଏଥିରେ ଅଂଶ ଗ୍ରହଣ କାରିଛନ୍ତି । ନିୟନ୍ତିତ ବଜାର କମିଟି ଦ୍ୱାରା ସମସ୍ତ ଚାଷୀ ଙ୍କ ପାଇଁ ସୁ ବନ୍ଦୋବସ୍ତ କରାଯାଇଥିଲା ।ଚଳିତ ଥର ଧାନ କୁଇଂଟାଲ ପ୍ରତି ୩୧୦୦ ଟଙ୍କା ରେ କିଣା ନେଇ ନୂଆ ବିଜେପି ସରକର ନିଷ୍ପତି ପରେ ଚାଷୀ ଙ୍କ ମନରେ ଖୁସି ଖେଳି ଯାଇଛି ।ଚାଷୀ କିଭଳି ମଣ୍ଡି ରେ ଠକାମି ର ଶିକାର ନ ହେବେ ସେଥି ପାଇଁ ପ୍ରଶାସନ ସ୍ତର ରେ ସମସ୍ତ ପ୍ରସ୍ତୁତି ହୋଇଛି ।

# ସେଲ ରାଉରକେଲା ଇସ୍ପାତ କାରଖାନାର ମେକାନିକାଲ୍ ସପ ବିଭାଗ ଦ୍ୱାରା ହଟ୍ ଷ୍ଟ୍ରିପ୍ ମିଲ୍-୨ର ଜଟିଳ ଯନ୍ତ୍ରାଂଶ ନବୀକରଣ ମାଧ୍ୟମରେ ବିପୁଳ ସଞ୍ଚୟ ସାଧନ




ରାଉରକେଲା, ୧୨/୧୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ମେକାନିକାଲ୍ ସପ ବିଭାଗ, ହଟ୍ ଷ୍ଟ୍ରିପ୍ ମିଲ୍ -୨ (ଏଚ ଏସ ଏମ ୨) ର ଏକ ଜଟିଳ ଯନ୍ତ୍ରାଂଶ ର ନବୀକରଣ କରି କମ୍ପାନୀ ପାଇଁ ବିପୁଳ ସଞ୍ଚୟ ଆଣିଦେଇଛି । ଏହି ବିଭାଗୀୟ ଦଳ ଉଲ୍ଲେଖନୀୟ ଦକ୍ଷତା ଏବଂ ଅଭିନବତା ପ୍ରଦର୍ଶନ ସହକାରେ ଏଚ ଏସ ଏମ ୨ ର ଡ୍ରାଇଭ୍ ସ୍ପିଣ୍ଡଲ୍ (ଏଫ-୫-୭) କୁ ନିଜସ୍ୱ ସମ୍ବଳ ଉପଯୋଗ ପୂର୍ବକ ନବୀକରଣ କରିଥିଲେ । ଏହି ଯନ୍ତ୍ରାଂଶର ମୂଲ୍ୟ ୫.୫ କୋଟି ଟଙ୍କା ଅଟେ ଯାହା ଗତ ନଭେମ୍ବର ୧୨ ତାରିଖରେ ଏକ ବଡ଼ ଧରଣର ବ୍ରେକଡାଉନର ସମ୍ମୁଖୀନ ହୋଇଥିଲା । ଉକ୍ତ ଦଳ ନିଜସ୍ୱ ସମ୍ବଳ ଉପଯୋଗ କରି ସ୍ପିଣ୍ଡଲ୍ ଏବଂ ଏହାର ସଂଯୋଗକାରୀ ଓ୍ୱବଲର୍‌କୁ କାର୍ଯ୍ୟକ୍ଷମ କରିଥିଲେ ଏବଂ ଏହାର ଦୀର୍ଘ ଦିନ ଡାଉନଟାଇମ୍ ଏବଂ ତତଜନିତ ଉତ୍ପାଦନ କ୍ଷତିକୁ ମଧ୍ୟ ଏଡ଼େଇଥିଲେ । ଉଲ୍ଲେଖଯୋଗ୍ୟ ଯେ, ବିଫଳ ଓ୍ୱୋବଲର୍ ଭିତରେ ଲାଗିଥିବା ବୋଲ୍ଟ ଅଂଶ ଏବଂ ଏହାର ଆଭ୍ୟନ୍ତରୀଣ ଥ୍ରେଡ୍ କୁ କ୍ଷତି ପହଞ୍ଚାଇବା ସହିତ ଓ୍ୱୋବଲର୍ ସ୍ପିଣ୍ଡଲ୍‌କୁ ଅକାମି କରି ନେଇଥିଲା । ଆବଶ୍ୟକୀୟ ଯନ୍ତ୍ରାଂଶ ଗୁଡିକର ଅନୁପଲବ୍ଧତାକୁ ଦୃଷ୍ଟିରେ ରଖି ମେକାନିକାଲ୍ ସପ ବିଭାଗର ଟିମ ଗୁରୁତ୍ୱପୂର୍ଣ୍ଣ ଯନ୍ତ୍ରପାତିର ନବୀକରଣ ଏବଂ ପୁନରୁଦ୍ଧାର କାର୍ଯ୍ୟର ଆହ୍ୱାନ ଗ୍ରହଣ କରିଥିଲେ । ସ୍କୋଡା ହୋରାଇଜୋଣ୍ଟାଲ୍ ବୋରିଂ ମେସିନ୍, ସିଏନସି ପ୍ଲାନୋ ମିଲ୍, ସିଏନସି ମିଲିଂ, ଏବଂ ଲେଥ୍ ମେସିନ୍ ଭଳି ଉନ୍ନତ ମେସିନ୍ ବ୍ୟବହାର କରି କ୍ଷତିଗ୍ରସ୍ତ ବୋଲ୍ଟ ନିଷ୍କାସନ, ଥ୍ରେଡ ମରାମତି ଏବଂ ଜନ୍ତ୍ରପାତି ନବୀକରଣ କାର୍ଯ୍ୟ ସମ୍ପାଦିତ କରିଥିଲେ ।

ଏହି ଟିମ ଏମ-୫୮ ଢ ୩ ଥ୍ରେଡିଂ ଟ୍ୟାପ୍ ଏବଂ ଆଠଟି ନୂତନ ଏମ-୫୮ ଢ ୩ ବୋଲ୍ଟ (୭୦୦ ମିମି ଲମ୍ବ) ର ଏକ ସେଟ୍ ତିଆରି କରିଥିଲେ ଯାହା ସେମାନଙ୍କୁ ଓ୍ୱୋବଲର୍ କୁ ପୁନଃ ଥ୍ରେଡ୍ କରିବା ସଙ୍ଗେ ସଙ୍ଗେ ଏହାକୁ ସୁରକ୍ଷିତ ଭାବରେ ସ୍ପିଣ୍ଡଲରେ ଯୋଡିବାରେ ସକ୍ଷମ ହୋଇଥିଲେ । ଏଥିରେ କ୍ଷତିଗ୍ରସ୍ତ ଥ୍ରେଡ୍ କୁ ସୁଦୃଢ କରିବା ପାଇଁ ଏକ କି' ଉପଯୋଗ ସହିତ ଅଭିନବ ସିଲେଇ ପ୍ରଯୁକ୍ତି ଜ୍ଞାନ କୁ ବ୍ୟବହାର କରାଯାଇଥିଲା ଯାହା ଓ୍ୱୋବଲର୍ ଏବଂ ସ୍ପିଣ୍ଡଲ୍ ମଧ୍ୟରେ ଯୋଡି ହେବା ପାଇଁ ଅତିରିକ୍ତ ଶକ୍ତି ଯୋଗାଇଥିଲା । ପୁନ ସଂସ୍ଥାପନ ପରେ, ବୋଲ୍ଟଗୁଡିକ ୧୨.୩ କିଲୋ ନିଉଟନ ମିଟର ସଠିକ୍ ଟର୍କ ସହିତ ବନ୍ଧା ହୋଇ ଦୃଢ କାର୍ଯ୍ୟକାରିତା ସୁନିଶ୍ଚିତ କରିଥିଲା ।

ଏହି ନବୀକୃତ ସ୍ପିଣ୍ଡଲକୁ ମେକାନିକାଲ୍ ସପ ବିଭାଗ ଦ୍ୱାରା ନଭେମ୍ବର ୩୦ ତାରିଖ ଦିନ ବ୍ୟବହାରକାରୀ ବିଭାଗକୁ ହସ୍ତାନ୍ତର କରାଯାଇଥିଲା । ସ୍ପିଣ୍ଡଲ୍ ଟି ପୁନଃ ସଂସ୍ଥାପିତ ହୋଇଥିଲା ଏବଂ ସେହି ଦିନଠାରୁ ଏ ପର୍ଯ୍ୟନ୍ତେ ସୂଚାରୁ ରୂପେ ଏହା କାର୍ଯ୍ୟ ସମ୍ପାଦନ କରିଆସୁଛି । ଏହି ସଫଳତା ମେକାନିକାଲ୍ ସପ ବିଭାଗ ର ଜଟିଳ ସମସ୍ୟା ସମାଧାନ କୌଶଳ, ବୌଷୟିକ ଜ୍ଞାନ ଏବଂ କାର୍ଯ୍ୟ ଦକ୍ଷତା ସହିତ ଉତ୍ସର୍ଗୀକୃତତାକୁ ପ୍ରଦର୍ଶନ କରୁଛି ।

# ସ୍ୱାମି ପରିତ୍ୟକ୍ତା ମହିଳା ଓ ଭିନ୍ନକ୍ଷମ ପୁତ୍ରଙ୍କ ଦୁଃଖ କାହାଣୀ

## ସାମାଜିକ ଓ ଖାଦ୍ୟ ସୁରକ୍ଷାରୁ ବଂଚିତ ଥିବା ବେଳେ ବାରଦୁଆର ଶୁଣ୍ଡିପିଣ୍ଡା ପାଲଟିଛି ଆଶ୍ରୟସ୍ଥଳ



ଉଦଳା , ୧୨/୧୨ (ନି.ପ୍ର): ଯେ ହେଉଛି ଉଦଳା ବିଜ୍ଞାପିତ ଅଂଚଳ ପରିଷଦ ୱାର୍ଡ଼ ନଂ-୪ (ଦୁର୍ଗାନଗର)ର ଦୃଶ୍ୟ । ଏଠାରେ ବସବାସ କରୁଥିବା ସ୍ୱାମି ପରିତ୍ୟକ୍ତା ମହିଳା ମିଲି ସିଂ ଏବଂ ତାଙ୍କର ୭ ବର୍ଷ ବୟସର ଭିନ୍ନକ୍ଷମ ପୁତ୍ର ଆଦିତ୍ୟ ସିଂଙ୍କର ଦୁଃଖ କହିଲେ ନସରେ । ଦିନ ମଜୁରିଆ ଭାବରେ କାମ କରି ମିଲି ବର୍ତମାନ ତାଙ୍କର ଦୈନନ୍ଦିନର ଗୁଜୁରାଣ ମେଂଟାଉଛନ୍ତି । ପୁତ୍ର ଆଦିତ୍ୟଙ୍କୁ ଡ଼ାକ୍ତର ୮୦ ପ୍ରତିଶତ ଭିନ୍ନକ୍ଷମ ପ୍ରମାଣପତ୍ର ପ୍ରଦାନ କରିଛନ୍ତି । ଆଶ୍ଚର୍ଯ୍ୟଜନକ ଭାବରେ ମିଲି ଓ ଆଦିତ୍ୟ ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଭତା ଓ ଖାଦ୍ୟ ଯୋଜନାରେ ମିଳୁଥିବା ଚାଉଳ ପାଇବାରୁ ବଂଚିତ ଅଛନ୍ତି ।ସେହିପରି ସେ ସମ୍ପୂର୍ଣ୍ଣ ଭୂମିହିନ ହୋଇଥିବାରୁ ଆବାସ ଯୋଜନାରେ ମିଳୁଥିବା ଘର ପାଇପାରି ନାହାଁନ୍ତି । ଫଳରେ ବିଭିନ୍ନ ଲୋକଙ୍କ ଦୟାରେ ତାଙ୍କର ଓଳି ତଳେ ଆଶ୍ରୟ ନେବାକୁ ବାଧ ହୋଇଛନ୍ତି । ଏହିଭଳି ଦୁଃଖ ଓ ଯନ୍ତ୍ରଣା ମଧ୍ୟରେ ଦିନ ବିତାଉଥିବା ମିଲି ଓ ଆଦିତ୍ୟଙ୍କୁ ତୁରନ୍ତ ଭତା ଓ ଚାଉଳ ଯୋଗାଇ ଦେବାକୁ ବିଭିନ୍ନ ମହଲରେ ଦାବି ହେଉଛି । ଉର୍ମି ସଂଗଠନର ମହିଳା ମାନେ ମଧ ଏଥିରେ ଦୁଃଖ ପ୍ରକାଶ କରିବା ସହ ବିଭାଗୀୟ କର୍ତୃପକ୍ଷ ଆବଶ୍ୟକ ପଦକ୍ଷେପ ନେବାକୁ ଅନୁରୋଧ ଜଣାଇଛନ୍ତି ।

## କପ୍ତିପଦା ମହାବିଦ୍ୟାଳୟରେ ଶିକ୍ଷାର୍ଥୀ ଭବିଷ୍ୟତ କର୍ମ ସଚେତନତା କାର୍ଯ୍ୟକ୍ରମ

କପ୍ତିପଦା, ୧୨/୧୨ (ନି.ପ୍ର): କପ୍ତିପଦା ମହାବିଦ୍ୟାଳୟ, କପ୍ତିପଦାରେ ଯୁକ୍ତ ତିନି ଶିକ୍ଷାବର୍ଗର ସମସ୍ତ ଶିକ୍ଷାର୍ଥୀଙ୍କ ଭବିଷ୍ୟତ କର୍ମ ସଂପାଦନ ବିଷୟରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ୟୁଏସବିଏମ ଭୁବନେଶ୍ୱରର ଡ. ଦେବାଶିଷ ଦାଶଙ୍କ ତ୍ତ୍ୱାବଧାନ ତଥା ବରିଷ୍ଠ ପ୍ରାଧ୍ୟାପକ ଶରତ କୁମାର ଦାସଙ୍କ ପୌରାହିତ୍ୟରେ ମହାବିଦ୍ୟାଳୟର ପ୍ରାୟ ୩୫୦ଜଣ ଶିକ୍ଷାର୍ଥୀ ଏହି ଭବିଷ୍ୟତ କର୍ମ ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ । ସ୍ନାତକ ଶିକ୍ଷା ସମାପ୍ତ ପରେ ଶିକ୍ଷାର୍ଥୀମାନେ କିଭଳି ଉପାର୍ଜନକ୍ଷମ ତଥା ସ୍ୱାବଲମ୍ବୀ ହୋଇପାରିବେ ଏବଂ ସରକାରୀ ଓ ବେସରକାରୀ ସଂସ୍ଥାରେ ନିଜର ଯୋଗ୍ୟତା ପ୍ରତିପାଦନ କରି ଶ୍ରେଷ୍ଠତ୍ୱ ହାସଲ କରିପାରିବେ ସେ ବିଷୟରେ ପ୍ରଧାପକ ଶ୍ରୀ ଦାସ ଅବଗତ କରିଥିଲେ । ଡ. ଦାଶ ମ୍ୟାନେଜମେଣ୍ଟ୍ ଶିକ୍ଷାର ଆବଶ୍ୟକତ, ଗୁରୁତ୍ୱ ଓ ଶିକ୍ଷାର୍ଥୀମାନଙ୍କୁ ବିଭିନ୍ନ କ୍ଷେତ୍ରରେ ନିୟୁକ୍ତିର ଅବସର ସୃଷ୍ଟି କରିବା ଉପରେ ମନ୍ତବ୍ୟ ରଖିଥିଲେ । ବାଣିଜ୍ୟ ବିଭାଗର ଅଧାପିକା ତପସ୍ୱିନୀ ରାଉଳ କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ଧନ୍ୟବାଦ୍ ଅର୍ପଣ କରିଥିଲେ ।

## ବାସଗୃହକୁ ସିଜକଲା ଖଡ଼ିଆଳ ବ୍ୟାଙ୍କ ଅଫ ଇଣ୍ଡିଆ

ନୂଆପଡ଼ା, ୧୨/୧୨ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଗୋଡଧୁଆପଦର ଗାଁର କୃପାସିନ୍ଧୁ ଶବରଙ୍କ ବାସଗୃହକୁ ଖଡ଼ିଆଳ ବ୍ୟାଙ୍କ ଅଫ ଇଣ୍ଡିଆ ପକ୍ଷରୁ ସିଜ୍ କରାଯାଇଛି । ହିତାଧିକାରୀ କୃପାସିନ୍ଧୁ ଶବର ବ୍ୟାଙ୍କ ଋଣ ଖିଲାପ କରିଥିବା ଅଭିଯୋଗରେ ସମ୍ବଲପୁର ବ୍ୟାଙ୍କ ଅଫ ଇଣ୍ଡିଆ ଜୋନାଲ ଅଫିସର ତରଣୀ ପ୍ରଧାନଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଟିମ୍ ଗୋଡଧୁଆପଦର ଗାଁରେ ଚଢ଼ଉ କରିଛନ୍ତି । ଚଢ଼ାଉ ବେଳେ ଖଡ଼ିଆଳ ତହସିଲଦାର ମାଜିଷ୍ଟ୍ରେଟ ନରସିଂହ ଗଡବା, ଖଡ଼ିଆଳ ଆଇଆଇସି ଦିଲ୍ଲୀପ କୁମାର ସାହୁ,ବ୍ୟାଙ୍କ ଅଫ ଇଣ୍ଡିଆ ଖଡ଼ିଆଳ ଶାଖା ପରିଚାଳକ, ଅନ୍ୟାନ୍ୟ ବ୍ୟାଙ୍କ ଅଧିକାରୀ ସମେତ ପୋଲିସ ବାହିନୀ ଚଢ଼ାଉ କରିଛନ୍ତି । ଘରର ସମସ୍ତ ଦରକାରୀ ଅଦରକାରୀ ସାମଗ୍ରୀ ଆସବାପତ୍ର ଘରୁ ପଦାକୁ ବାହାର କରି ସାତ ଗୋଟି କୋଠରୀକୁ ଧଳାଫିତା ବାନ୍ଧି ସିଲ କରିଛନ୍ତି ବ୍ୟାଙ୍କ ସ୍ୱତନ୍ତ୍ର ଟିମ । ଯେପର୍ଯ୍ୟନ୍ତ ଋଣ ଖିଲାପକାରୀ କୃପାସିନ୍ଧୁ ଶବର ବ୍ୟାଙ୍କ ଋଣ ପରିଶୋଧ ନକରିଛନ୍ତି ସେପର୍ଯ୍ୟନ୍ତ ଘର ଜମି ବ୍ୟାଙ୍କ ଅଧୀନରେ ରହିବ ବୋଲି ବ୍ୟାଙ୍କ ଅଫ ଇଣ୍ଡିଆ ଜୋନାଲ ଅଫିସର ତରଣୀ ପ୍ରଧାନ ପ୍ରକାଶ କରିଛନ୍ତି । ଗୋଡଧୁଆପଦର ଗାଁର କୃପାସିନ୍ଧୁ ଶବର ୨୦୧୮-୧୯ ଆର୍ଥିକ ବର୍ଷରେ ବାସ ଗୃହ ନିର୍ମାଣ ପାଇଁ ଖଡ଼ିଆଳ ବ୍ୟାଙ୍କ ଅଫ ଇଣ୍ଡିଆ ଶାଖାରୁ ୧୦ ଲକ୍ଷ ଟଙ୍କା ଋଣ ନେଇଥିଲେ । ଉକ୍ତ ୧୦ ଲକ୍ଷ ଟଙ୍କା ମୂଳ ସୁଧ ମିଶି ପାଖାପାଖି ୨୦ ଲକ୍ଷ ଟଙ୍କା ହୋଇଥିବା ବ୍ୟାଙ୍କ ପକ୍ଷରୁ ଜଣାପଡିଛି । ଋଣ ନେଇ ହିତାଧିକାରୀ କୃପାସିନ୍ଧୁ ଶବର କିଛି ଟଙ୍କା ଋଣ ସୁଝିଛନ୍ତି ।

# ଭିନ୍ନକ୍ଷମଙ୍କୁ ଟ୍ରାଇ ସାଇକେଲ ପ୍ରଦାନ



ଜଳେଶ୍ୱର , ୧୨/୧୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଝାଡପିମ୍ପଲ୍ ଗ୍ରାମର କାର୍ତ୍ତିକ ଚନ୍ଦ୍ର ଗିରିଙ୍କ ପୁତ୍ର ଜଜ୍ଞେଶ୍ୱର୍ ଗିରି ଜନ୍ମରୁ ପୋଲିଓ ରୋଗୀରେ ଆକ୍ରାନ୍ତ ହୋଇ ଗୋଡ଼ ଦୁଇଟି ଅକ୍ଷମ ସେଥିପାଇଁ ସରକାରଙ୍କ ପକ୍ଷରୁ ୭୦ପ୍ରତିଶତ ବିକଳାଙ୍ଗ ଭତ୍ତା ମଧ ୧୨୦୦ଟଙ୍କା ପାଇଥାନ୍ତି କିନ୍ତୁ ସେ ଜଣେ ବିକଳାଙ୍ଗ ହୋଇ ମଧ+୨ ପର୍ଯ୍ୟନ୍ତ ପାଠ ପଢି ଅନ୍ୟ ମାନଙ୍କ ପାଇଁ ଉଦ୍ଧାରଣ ସୃଷ୍ଟି କରିଛନ୍ତି ଏବଂ ସେ ଏବେ ବିବାହ ବନ୍ଧନରେ ମଧ ବାନ୍ଧି ହୋଇଛନ୍ତି କିନ୍ତୁ ସରକାରଙ୍କ ପକ୍ଷରୁ ୫କେଜି ଚାଉଳଓ ଭତ୍ତା ପରିବାର ଚଳାଇବା କଷ୍ଟ ସାଧ ହୋଇପଡ଼ିଛି ତେଣୁ ସେ ଜଳେଶ୍ୱର ବିଡ଼ିଓ ଓ ସରକାଙ୍କ ପାଖରେ ଗୁହାରି ଜଣାଇଛନ୍ତି କି ତାଙ୍କୁ ୩୫ କେଜି ଚାଉଳ ସହିତ ମୁଣ୍ଡ ଉପରେ ଏକ ପକ୍କା ଘର ସରକାରୀ ସ୍ତରରେ ଏକ ନିଯୁକ୍ତିରେ ଅବସ୍ଥାପିତ କଲେ ସମାଜ ଓ ବିକଳାଙ୍ଗ ଲୋକଙ୍କ ପାଇଁ ଉତ୍ସାହର ପାତ୍ର ହୋଇପାରିବେ ଆଜି ବ୍ଲକ କାର୍ଯ୍ୟାଳୟରୁ ସେ ଟ୍ରାଇ ସାଇକେଲ ଟିଏ ପାଇଁ ଜଳେଶ୍ୱର ବିଡିଓ ଗୌରାଙ୍ଗ ଚରଣ ଘୋଷ, ସମାଜିକ ସୁରକ୍ଷା ଅଧିକାରିଣୀ ସାଲିମା ରାଉତ, ସିପି ସୁଜିତ୍ କୁମାର ଜେନା, ବ୍ଲକ ସହକାରୀ କାର୍ଯ୍ୟ ନିର୍ବାହ ଯନ୍ତ୍ରୀ ସମ୍ୟରଞ୍ଜନ ସାହୁ ଓ ବ୍ଲକ ପଞ୍ଚାୟତ ସମିତି ଅଧକ୍ଷ ମାନସ କୁମାର ଜେନା ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜଗନ୍ନାଥ ଓ ଅଜନ୍ତା ଚାହା କମ୍ପାନୀ ପକ୍ଷରୁ ପ୍ରେସମିଟ୍: ଅପପ୍ରଚାର ସମ୍ପର୍କରେ ସ୍ପଷ୍ଟୀକରଣ




ଜଳେଶ୍ୱର, ୧୨/୧୨ (ନି.ପ୍ର): ଗୋବରଘାଟା ପଞ୍ଚାୟତ ର, ସ୍ୱର୍ଗତ ଜଗନ୍ନାଥ ଭୂୟାଁ ଙ୍କ ଜ୍ୟୋଷ୍ଠ ପୁତ୍ର ରାମଚନ୍ଦ୍ର ଭୂୟାଁ,ଉଚ୍ଚ ଶିକ୍ଷା ପରେ,ଭୁସିମାଲ ଦୋକାନ କରି ଆସୁଥିଲେ ।ପିତା ଙ୍କ ଦେହେନ୍ତ ପରେ ଏକ ଅଟୋ ପାଟ୍ସ ଦୋକାନ ସହ ଚାହା ପେକେଟ୍ ତିଆରି କୋମ୍ପାନୀ ଖୋଲି ମାଲ୍ ଯୋଗାଇ ଆସୁଥିଲେ । କିନ୍ତୁ ନାମୀଦାମୀ ଟାଟା ଚାହା କୋମ୍ପାନୀ ର ଛବି ସହିତ ଜଗନ୍ନାଥ ଅଜନ୍ତା ଚାହା ପେକେଟ୍ ର ଥିବା ଛବି ସମାନତା (କପି ରାଇଟ୍) କୁ ନେଇ ଦିଲ୍ଲୀ ଉଚ୍ଚ ନ୍ୟାୟାଳୟ ରେ ଅଜନ୍ତା ଚାହା କୋମ୍ପାନୀ କୁ ପକ୍ଷ ଭୁକ୍ତ କରାଯାଇଥିଲା । ଏନେଇ କୋମ୍ପାନୀ ର ଓକିଲ ପୁଲିସ ସହାୟତା ରେ ନୋଟିସ ଦେବା ସହିତ ଖାଲି ପେକେଟ ସେମ୍ପୁଲ୍ ନେଇ ଫେରିଛନ୍ତି । କିନ୍ତୁ କେତେକ ଅପପଚାର ଓ ଭିତିହୀନ ଖବର କୁ ନେଇ, ସ୍ଥାନୀୟ କୋମ୍ପାନୀ ବଦନାମ୍ ହେବା ସହିତ ମାନସିକ ଆଘାତ ପାଇଥିବା ସାମ୍ବାଦିକ ସମ୍ମିଳନୀ ରେ କୁହାଯାଇଛି ।ନିଜ ଘରେ ଛୋଟ ବ୍ୟବସାୟ କରୁଥିବା ବେଳେ ଆବଶ୍ୟକ ପ୍ରମାଣ ପତ୍ର ଓ ଅସଲି ଚାହା ବିକ୍ରୟ କରୁଛନ୍ତି ବୋଲି ସ୍ପଷ୍ଟୀକରଣ ଦେଇଛନ୍ତି ।ଏହା ସହିତ ନିଜେ ସ୍ୱାବଲମ୍ବୀ ହେବା ସହିତ କେତେକ ଯୁବକ ଙ୍କୁ ରୋଜଗାର ମଧ ଦେଇଛନ୍ତି । ଗୁରୁବାର ଜଳେଶ୍ୱର ବ୍ଲକ ଅଫିସ୍ ନିକଟ, କୃଷ୍ଣ ନଗର ସ୍ଥିତ କଲ୍ୟାଣ ମଣ୍ଡପରେ, ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ କୋମ୍ପାନୀ ର ନିର୍ଦ୍ଦେଶକ ରାମଚନ୍ଦ୍ର ଭୂୟାଁ ଓ ସମାଜସେବୀ ରବୀନ୍ଦ୍ର ବାରିକ ସ୍ପଷ୍ଟିକରଣ ରଖିଥିଲେ ।

# ସେଲ ରାଉରକେଲା ଇସ୍ପାତ କାରଖାନା ନୂତନ ପ୍ଲେଟ ମିଲ ବିଭାଗ ଦ୍ୱାରା ଶ୍ରେଷ୍ଠ ଏକ ଦିବସୀୟ ଉତ୍ପାଦନ ରେକର୍ଡ

ରାଉରକେଲା, ୧୨/୧୨ (ନି.ପ୍ର): ସେଲ ରାଉରକେଲା ଇସ୍ପାତ କାରଖାନାର ନୂତନ ପ୍ଲେଟ୍ ମିଲ୍ ବିଭାଗ ଡିସେମ୍ବର ୧୧ ତାରିଖ ଦିନ ଶ୍ରେଷ୍ଠ ଏକ ଦିବସୀୟ ପ୍ଲେଟ୍ ରୋଲ୍ ରେକର୍ଡ ହାସଲ କରି ଏକ ନୂତନ ମାଇଲ ଖୁଣ୍ଟ ସ୍ଥାପନ କରିଛି । ପ୍ଲେଟ ମିଲ ଡିସେମ୍ବର ୧୧ ତାରିଖରେ ୫୦୫୦ ଟନ ପ୍ଲେଟ ରୋଲିଙ୍ଗ ସହକାରେ ଶ୍ରେଷ୍ଠ ଏକ ଦିବସୀୟ ପ୍ଲେଟ ରୋଲିଙ୍ଗ ହାସଲ କରିଛି ଏବଂ ଗତ ଜୁଲାଇ ୩୦ ତାରିଖ ରେ ହାସଲ ହୋଇଥିବା ପୂର୍ବ ଶ୍ରେଷ୍ଠ ୪୯୮୦ ଟନର ରେକର୍ଡକୁ ଅତିକ୍ରମ କରିଛି । ସୂଚନାଯୋଗ୍ୟ ଯେ ୨୦୧୪ ରେ ଆରମ୍ଭ ହେବା ପରଠାରୁ ଏହା ନୂତନ ପ୍ଲେଟ୍ ମିଲର ବିଭାଗ ର ଶ୍ରେଷ୍ଠ ଏକ ଦିବସୀୟ ପ୍ଲେଟ୍ ରୋଲିଂ ରେକର୍ଡ ଅଟେ । ରାଉରକେଲା ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଶ୍ରୀ ଅତନୁ ଭୌମିକ ଡିସେମ୍ବର ୧୨ ତାରିଖ ଦିନ ନୂତନ ପ୍ଲେଟ ମିଲ ବିଭାଗ ପରିଦର୍ଶନ କରି ନୂତନ ପ୍ଲେଟ ମିଲ ବିଭାଗର ସାମୂହିକଙ୍କୁ ଅଭିନନ୍ଦନ ଜଣାଇଥିଲେ । ତାଙ୍କ ସହିତ କାର୍ଯ୍ୟ ବିଭାଗର ଭାରପ୍ରାପ୍ତ ନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଆଲୋକ ବର୍ମା ମଧ ଉପସ୍ଥିତ ଥିଲେ । ଏହି ଅବସରରେ ବହୁ ସି ଜି ଏମ ତଥା ସଂପୃକ୍ତ ବିଭାଗ ମୁଖ୍ୟଙ୍କ ସମେତ ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ । ଏହି ପରିପ୍ରେକ୍ଷୀ ରେ ଶ୍ରୀ ଅତନୁ ଭୌମିକ ନୂତନ ପ୍ଲେଟ ମିଲ ବିଭାଗର କର୍ମଚାରୀ ସମୂହଙ୍କୁ ଉକ୍ତ ରେକର୍ଡ ଉତ୍ପାଦନ ପାଇଁ ଅଭିନନ୍ଦନ ଜଣାଇବା ସହିତ ପ୍ରଶଂସା ପୂର୍ବକ ପୁଷ୍ପଗୁଚ୍ଛ ଓ ମିଷ୍ଟାନ୍ନ ପ୍ରଦାନ କରିଥିଲେ । ଶ୍ରୀ ଭୌମିକ କର୍ମଚାରୀମାନଙ୍କୁ ଆଗକୁ ଏପରି ନୂତନ ମାଇଲଖୁଣ୍ଟ ସ୍ଥାପନ ନିମନ୍ତେ ଅଭିନବ କାର୍ଯ୍ୟ ଜାରି ରଖିବାକୁ ଉତ୍ସାହିତ କରିଥିଲେ । ଏଥିରେ ଶ୍ରୀ ଆଲୋକ ବର୍ମା ମଧ ସାମୁଦାୟିକଙ୍କୁ ଅଭିନନ୍ଦନ ଜଣାଇଥିଲେ । ଏହି ସଫଳତା ପାଳନ ଉପଲକ୍ଷେ ଶ୍ରୀ ଭୌମିକ, ଶ୍ରୀ ବର୍ମା ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି କେକ୍ କାଟିଥିଲେ । ନୂତନ ପ୍ଲେଟ ମିଲ ବିଭାଗର ସିଜିଏମ ଶ୍ରୀ ଆର କେ ବିସାରେ ଶୀର୍ଷ ପ୍ରବନ୍ଧନ ତଥା ସହଯୋଗୀ ବିଭାଗ ଯଥା ପିପିସି, ଇଏମଡି, ଆର ଆଣ୍ଡ ସି ଏଲ୍, ଟି ଆଣ୍ଡ ଆରଏମ୍, ଇଡି ୱାର୍କସ ସେକ୍ରେଟାରିଏଟ୍, ରୋଲ୍ ସପ , ସେଣ୍ଟ୍ରାଲାଇଜଡ୍ ମେକାନିକାଲ୍ ଏବଂ ଇଲେକ୍ଟ୍ରିକାଲ୍ ଭଳି ଆନୁଷଙ୍ଗିକ ବିଭାଗଙ୍କୁ ରେକର୍ଡ ହାସଲରେ ନିରନ୍ତର ସମର୍ଥନ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

# ଜରାଜୀର୍ଣ୍ଣ ଅବସ୍ଥାରେ ବିଦ୍ୟାଳୟ ଶ୍ରେଣୀ ଗୃହ



ଜଳେଶ୍ୱର ୧୨/୧୨(ନିପ୍ର): ସ୍ୱାଧୀନତାର ୭୭ବର୍ଷ ପରେ ମଧ ଆଜିବି ଭଙ୍ଗା ଦଦରା ମାଟି ଘରେ ଚାଲିଛି ପାଠ ପଢ଼ା । ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ବ୍ଲକ ଚମାରଗାଁ ଗ୍ରାମ ପଞ୍ଚାୟତର ସରଡ଼ିହା ସରକାରୀ ଉନ୍ନତ ଉ:ପ୍ରା ବିଦ୍ୟାଳୟ ସ୍ୱାଧିନତାର ୧୫ବର୍ଷ ପୂର୍ବେ ଅର୍ଥାତ୍ ୧୯୩୨ ମସିହାରୁ ସ୍ଥାପନ ହୋଇ ଥିଲେ ମଧ ଆଜିକୁ ୮୨ ବର୍ଷ ବିତଯାଇଛି ଏହି ପିଲାର ଗଢାଯାଉଥିବା ମନ୍ଦୀର ଆଜିବି ଅମୁହାଁ ଦେଉଳ ହୋଇ ପଡ଼ି ରହିଛି ଏହି ଠାରୁ ପାଠ ପଢି ଅନେକ ଛାତ୍ର ଛାତ୍ରୀ ଆଜି ଦେଶ ବିଦେଶରେ ନିଜର ପରିଚୟ ସୃଷ୍ଟି କରିପାରିଛନ୍ତି କିନ୍ତୁ ଆଜି ଏହି ବିଦ୍ୟାଳୟ ନିଜର ଅସ୍ତିତ୍ୱ ଖୋଜୁଛି ବର୍ତ୍ତମାନ ଏହି ବିଦ୍ୟାଳୟଟି ପ୍ରଥମ ରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ରହିଥିବା ବେଳେ ୧୧୦ଛାତ୍ର ଛାତ୍ରୀ ଅଧୟନ କରୁଛନ୍ତି ଓ ୫ଜଣ ଶିକ୍ଷକ ଶିକ୍ଷୟତ୍ରୀ ରହିଛନ୍ତି ମାତ୍ର ଅଥିରେ ୫ଟି ଶ୍ରେଣୀ ଗୃହରୁ ୨ଟି ପକ୍କା ଘର ରହିଅଛି ସେଥିମଧରୁ ଗୋଟିଏ ଘରେ ଅଫିସ ରୁମ ହୋଇ ଥିବା ବେଳେ ଅନ୍ୟ ବିପଦ ସଙ୍କୁଳ ମାଟି ଘରେ ଗୋଟିଏ ଘରେ ୩ଟି ଶ୍ରେଣୀର କୁନି କୁନି ପିଲା ମାନେ ପାଠ ପଢୁଛନ୍ତି ଅସରାଏ ବର୍ଷା ହେଲେ ଭଙ୍ଗା ଆଜବେଷ୍ଟର ଘରୁ ପଡୁଛି ପାଣି କାନ୍ଥର ଫଟାରୁ ସାପ ମଧ ପଶିଆସୁଛି ଯାହା ଫଳରେ ଭୟ ଭୀତ ଅବସ୍ଥାରେ ପାଠ ପଢୁଛନ୍ତି ପିଲା ମାନେ ଏ ନେଇ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣେଶ ବିନ୍ଧାଣି ସମସ୍ତ ଉପରସ୍ତ ଅଧିକାରି ମାନଙ୍କୁ ଓ ସି ଆର ସି ସି ଙ୍କୁ ଅବଗତି କରାଇ ଥିଲେ ମଧ ପିଲା ମାନଙ୍କ ପାଇଁ ହୋଇ ପାରୁ ନାହିଁ ସ୍ଥାୟୀ ପକ୍କା ଘରଟିଏ ଯାହା ଫଳରେ ସରକାରୀ ବିଦ୍ୟାଳୟକୁ ପାଠ ପଢିବା ପାଇଁ ଛାତ୍ର ଛାତ୍ରୀ ମାନଙ୍କୁ ଅମଙ୍ଗ ହେଉଛନ୍ତି ଅଭିଭାବକ ଏ ନେଇ ଆମେ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରାଚୀ ତନାୟ ଗିରିଙ୍କୁ ଅବଗତି କରିବାରୁ ସେ କହିଥିଲେ ଖୁବ୍ ଶୀଘ୍ର ନୂତନ ଗୃହ ନିର୍ମାଣ ପାଇଁ ବ୍ୟବସ୍ଥା କରାଯିବ ।

## କୋର ପଂଚାୟତରେ କୁରାଳ ପଂଚମୀ ପର୍ବ ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୧୨/୧୨ (ନି.ପ୍ର): କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ କୋର ପଂଚାୟତ କୋର ଗ୍ରାମରେ କୁମ୍ଭକାରମାନଙ୍କ ମହାନ ପର୍ବ କୁରାଳ ପଂଚମୀ ପର୍ବ ଉଦ୍‌ଯାପିତ ହୋଇଯାଇଛି । ଆରାଧ ଦେବ ଲକ୍ଷ୍ମୀ ନାରାୟଣଙ୍କ ମୃଣ୍ମୟୀ ମୂର୍ତି ୬ ତାରିଖ ଠାରୁ ୧୦ ତାରିଖ ୫ଦିନ ବ୍ୟାପି ବୈଦିକ ବିଧିବିଧାନ ମୁତାବକ ପୂଜାର୍ଚ୍ଚନା କରାଯାଇ ବିସର୍ଜିତ ହୋଇଯାଇଛି । ପୂଜକ କରୁଣାକର ପଣ୍ଡା, ବିରଂଚି ନାରାୟଣ ଦାସ, ଧନେଶ୍ୱର ବେହେରା, ନୃସିଂହ ଚରଣ ଦାସ, ଦେବପ୍ରସାଦ ଦାସ ଓ ପୂର୍ବତନ ସରପଂଚ ଭରତ ଚନ୍ଦ୍ର ଦାସ ପ୍ରମୁଖଙ୍କ ସହଯୋଗରେ ନାମଯଜ୍ଞ, ଗୀତାଯଜ୍ଞ ଓ ଅନ୍ନଯଜ୍ଞ ଅନୁଷ୍ଠିତ ହୋଇଥିଲା ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

## ପୁରୁଣା ସ୍ଥାନକୁ ଫେରିବ...

ପୁରୁଣା ସ୍ଥାନ ଅର୍ଥାତ ବିରଜା ମନ୍ଦିର ନିକଟକୁ ଫେରିବାକୁ ନିଷ୍ପତ୍ତି ହୋଇଥିଲା । ଆସନ୍ତା ରବିବାରଠାରୁ ହାଟ ଖୋଲିବାକୁ ନିଷ୍ପତ୍ତି ହୋଇଥିବା ଜିଲ୍ଲାପାଳ କହିଛନ୍ତି । ପୁରୁଣା ସ୍ଥାନ ବା ବିରଜା ମନ୍ଦିର ନିକଟରେ ସ୍ଥାୟୀ ଭାବେ ଏକ ମଡେଲ୍ ହାଟ ନିର୍ମାଣ ହେବ । ହାଟରେ ବ୍ୟବସାୟୀଙ୍କ ପାଇଁ ଅଲଗା ଅଲଗା ପିଣ୍ଡି ନିର୍ମାଣ କରାଯିବ । ଏଥିସହ ତେଜରାତି ଦୋକାନୀଙ୍କ ପାଇଁ ଘର ନିର୍ମାଣ କରାଯିବ । ହାଟକୁ ଆସୁଥିବା ବ୍ୟବସାୟୀ ଓ ଗ୍ରାହକଙ୍କ ପାଇଁ ପାର୍କିଂ ଓ ଟଏଲେଟ୍‌ର ବ୍ୟବସ୍ଥା କରାଯିବ । ଏଥିପାଇଁ ଟିକେ ସମୟ ଲାଗିବ । ତେଣୁ ପୁରୁଣା ହାଟରେ ବିକ୍ରିବଟା ସହ ଏକ ସଙ୍ଗେ ନିର୍ମାଣ କାର୍ଯ୍ୟ ଚାଲିବ ବୋଲି ଜିଲ୍ଲାପାଳ କହିଛନ୍ତି ।

## ଶତ୍ରୁ ନଥିଲେ ଜୀବନଟା...

(ବିଜେଡି ନେତୃତ୍ୱ) ନିଜ ନେତାଙ୍କୁ ଅଟକାନ୍ତୁ । ସେମାନେ (ବିଜେଡି ନେତାମାନେ) ଦେଖୁଛନ୍ତି ଯେ ବିଜେଡିରେ ଆଉ କିଛି ଭବିଷ୍ୟତ ନାହିଁ । ତେଣୁ ସେମାନେ ଆମ ଦଳକୁ ଆସିବା ସ୍ୱାଭାବିକ କଥା । କଂଗ୍ରେସ ବିରୋଧୀମାନେ ବିଜେପି ପତକା ତଳେ ଏକଜୁଟ ହେଉଛନ୍ତି । କଂଗ୍ରେସ କିମ୍ବା ବିଜେପି ମଧ୍ୟରୁ ଗୋଟିକୁ ବାଛିବାକୁ ପଡ଼ିବ । ତେଣୁ ସେମାନେ ବିଜେପିକୁ ବାଛୁଛନ୍ତି । ସେ କହିଛନ୍ତି, ଭଗବାନ କରନ୍ତୁ, ସେମାନଙ୍କ ପାଖରେ ଲୋକ ରୁହନ୍ତୁ । ଦଳଟା (ବିଜେଡି) ଭାଙ୍ଗି ଗଲେ ମୋତେ ଖରାପ ଲାଗିବ । ଦଳଟା ଥାଉ । ସେମାନେ ବି ଦୀର୍ଘ ଜୀବୀ ହୁଅନ୍ତୁ । ଆଉ ଅପମାନିତ ହୁଅନ୍ତୁ । ଏହା ମୁଁ ଚାହୁଁଛି । ମୁଁ ମୋ ଶତ୍ରୁକୁ ମାରି ଦେବାକୁ କେବେ ଚାହେଁନି । ଶତ୍ରୁ ଦୀର୍ଘାୟୁ ହୁଅନ୍ତୁ । ଶତ୍ରୁ ନଥିଲେ ଜୀବନଟା ଭଲ ଲାଗେନି । ମିତ୍ରର ଯେତିକି ଆବଶ୍ୟକତା ଅଛି ଶତ୍ରୁର ବି ସେତିକି ଆବଶ୍ୟକତା ଅଛି । ଯିଏ ଆସିବାକୁ ଚାହିଁବେ, ସେମାନଙ୍କୁ ସ୍ୱାଗତ କରିବୁ । ବିଜେପି ଚାହୁଁନି ବିଜେଡିକୁ ଶୂନ କରିବାକୁ । ହୁଇସିଲ ଫୁଙ୍କିଲେ ବିଜେଡି ଗୁଣ୍ଡ ହୋଇଯିବ । ଗୋଟିଏ ଲୋକ ରହିବେନି । କେବଳ ନବୀନ ପଟ୍ଟନାୟକ ଓ ପାଣ୍ଡିଆନ ଥିବେ । ହୁଏତ ନବୀନ ପଟ୍ଟନାୟକ ବି ପଳେଇ ଆସିପାରନ୍ତି ।

## ୪ କୋଟି ଟଙ୍କାର ଭାଟ୍ ...

ମଧ୍ୟରେ ୨କୋଟି ୮୦ଲକ୍ଷ ୯ହଜାର ୭୧୭ଟଙ୍କାର ଭ୍ୟାଟ୍ ସଂକ୍ରାନ୍ତ ଜାଲ ଦସ୍ତାବିଜ ମେସର୍ସ ଜିଇଆଣ୍ଡଟିଡି ଇଣ୍ଡିଆ ଲିଃ(ଏବେ ମେସର୍ସ ଜିଇ ଭେରୋନା) ପକ୍ଷରୁ ଦାଖଲ କରିଥିଲେ । ଭିଜିଲାନ୍ସ ଏନେଇ ଗତ ଦୁଇଦିନ ତଳେ ଡିସେମ୍ବର ୧୦ତାରିଖରେ ଏକ ମାମଲା ରୁଜୁ କରି ଏହି ସରକାରୀ ଅର୍ଥ ତୋଷାରପାତ ଅଭିଯୋଗରେ ଅବିନାଶଙ୍କ ସମେତ ସାତ୍ୟକୀ ଓ ଦୀପ୍ତିକାନ୍ତଙ୍କୁ ଗିରଫ କରିଥିବାବେଳେ ଏହି ମାମଲାରେ ଅନ୍ୟ କେଉଁ ବ୍ୟକ୍ତିମାନେ ସମ୍ପୃକ୍ତ ଅଛନ୍ତି ତା'ର ଖୋଳତାଡ଼ କରୁଛି । ଏହି ୩ଜଣଙ୍କୁ ଗିରଫ କରିଆଜି ଭୁବନେଶ୍ୱରସ୍ଥିତ ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟଚାଲାଣ କରାଯାଇଥିଲା । ଅବିନାଶ ଏବେ ଜୟପୁରରେ ସହାୟକ ବାଣିଜ୍ୟକର ଅଧିକାରୀ ଭାବେ କାର୍ଯ୍ୟ କରୁଛନ୍ତି ।

## ଚେସ୍ ଜଗତରେ ଇତିହାସ...

ନିର୍ଣ୍ଣାୟକ ମ୍ୟାଚର ୧୪ଶ ବାଜିରେ ସେ ଚୀନ୍‌ର ଡିଫେଣ୍ଡିଂ ଚାମ୍ପିୟନ୍ ଡିଙ୍ଗ୍ ଲିରେନଙ୍କୁ ପରାସ୍ତ କରିଛନ୍ତି । ଏହା ସହିତ ବିଶ୍ୱନାଥନ ଆନନ୍ଦଙ୍କ ପରେ ଦ୍ୱିତୀୟ ଭାରତୀୟ ଭାବେ ଚେସରେ ବିଶ୍ୱ ଚାମ୍ପିୟନ ହୋଇଛନ୍ତି ଗୁକେଶ । ଗୁରୁବାର ଖେଳାଯାଇଥିବା ଫାଇନାଲ୍ ମ୍ୟାଚ୍‌ରେ ଭାରତୀୟ ଗ୍ରାଣ୍ଡମାଷ୍ଟର ଡି ଗୁକେଶ ଏବଂ ତଙ୍କ ପ୍ରତିଦ୍ୱନ୍ଦ୍ୱୀ ଚୀନର ଡିଙ୍ଗ୍ ଲିରେନଙ୍କ ମଧ୍ୟରେ କଡ଼ା ଟକ୍କର ଦେଖିବାକୁ ମିଳିଥିଲା । ୧୩ଶ ବାଜି ପର୍ଯ୍ୟନ୍ତ ଉଭୟଙ୍କ ପଏଣ୍ଟ ୬.୫ ସହ ମ୍ୟାଚ୍ ଡ୍ର ଥିଲା । ହେଲେ ୧୪ଶ ବାଜି ମଧ ଡ୍ର ଆଡକୁ ଯାଉଥିବା ଡିଙ୍ଗ୍ ନିଜର ୫୩ତମ ମୁଭରେ ଭୁଲ୍ କରିଥିଲେ । ଯାହାର ଫାଇଦା ଉଠାଇବାରେ ସଫଳ ହୋଇଥିଲେ ଗୁକେଶ । ସଫଳ ରଣନୀତି ଏବଂ ପ୍ରତିଦ୍ୱନ୍ଦ୍ୱୀଙ୍କ ଉପରେ ଚାପ ପକାଇବାରେ ସଫଳ ହୋଇ ୭.୫- ୬.୫ ପଏଣ୍ଟ ସହ ଏହି ମ୍ୟାଚକୁ ଜିତି ନେଇଥିଲେ ଗୁକେଶ । ମ୍ୟାଚ୍ ଜିତିବା ପରେ ଏହାକୁ ତାଙ୍କ ଜୀବନର ସବୁଠାରୁ ଶ୍ରେଷ୍ଠ ଦିନ ବୋଲି କହିଛନ୍ତି ଗ୍ରାଣ୍ଡମାଷ୍ଟର ଡି ଗୁକେଶ । ଏହି ଅବିଶ୍ୱସନୀୟ ସଫଳତା ହାସଲ କରିବାରେ ଗୁକେଶ ଦ୍ୱିତୀୟ ଭାରତୀୟ ହୋଇଛନ୍ତି । ଏହାପୂର୍ବରୁ ଭାରତର କିମ୍ବଦନ୍ତୀ ଚେସ୍ ଖେଳାଳି ତଥା ଗ୍ରାଣ୍ଡମାଷ୍ଟର ବିଶ୍ୱନାଥନ ଆନନ୍ଦ ଏହି ବିଶିଷ୍ଟ ତାଲିକାର ଅଂଶ ଭାବରେ ଏକମାତ୍ର ଭାରତୀୟ ଥିଲେ । ଆନନ୍ଦ ୫ ଥର ବିଶ୍ୱ ଚେସ୍ ଚାମ୍ପିୟନସିପର ସମ୍ମାନଜନକ ଟାଇଟଲ୍ ଜିତିଛନ୍ତି । ସେ ୨୦୦୦, ୨୦୦୭, ୨୦୦୮, ୨୦୧୦ ଓ ୨୦୧୨ରେ ଚେସରେ ବିଶ୍ୱ ବିଜୟୀ ହୋଇଥିଲେ । ସେପଟେ ବିଶ୍ୱ ଚେସ୍ ଚାମ୍ପିୟନ ବନିବା ପରେ ଗୁକେଶ ଭାରତକୁ ଗର୍ବିତ କରିଛନ୍ତି ବୋଲି ପ୍ରକାଶ କରିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ । ଗୁକେଶଙ୍କ ସଫଳତାକୁ ଐତିହାସିକ ଓ ଉଦାହରଣଯୋଗ୍ୟ ବୋଲି ସୋସିଆଲ ମିଡିଆରେ ପ୍ରକାଶ କରିଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି । ତାଙ୍କୁ ଅଭିନନ୍ଦନ ଜଣାଇବା ସହିତ ତାଙ୍କ ସଫଳତା ଅଗଣିତ ଯୁବ ପ୍ରତିଭାଙ୍କୁ ପ୍ରେରଣା ଯୋଗାଇବ ବୋଲି ଲେଖିଛନ୍ତି ମୋଦି । ସେହିଭଳି ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ତଥା କେନ୍ଦ୍ରାପଡ଼ା ସାଂସଦ ବୈଜୟନ୍ତ ପଣ୍ଡା ମଧ ଗୁକେଶଙ୍କୁ ଅଭିନନ୍ଦନ ଜଣାଇବା ସହିତ ଏହା ଭାରତୀୟ ଚେସ୍ ପାଇଁ ଐତିହାସିକ ମାଇଲଖୁଣ୍ଟ ବୋଲି ପ୍ରକାଶ କରିଛନ୍ତି ।

## ମହିଳାଙ୍କୁ ପ୍ରତି...

ବର୍ତ୍ତମାନ ଏହା କାର୍ଯ୍ୟକାରୀ ହୋଇଛି । ଏହା ମହିଳାଙ୍କ ପ୍ରତି ଆମର ଅନୁଗ୍ରହ ନୁହେଁ । ମହିଳାମାନେ ନିଜ ପରିବାର ଚଳାନ୍ତି । ପିଲାମାନଙ୍କୁ ସଂସ୍କାର ଦିଅନ୍ତି ଓ ପାଳି ପୋଷି ବଡ଼ କରନ୍ତି ଏବଂ ସେହି ପିଲାମାନେ ହିଁ ଆମର ଭବିଷ୍ୟତ । ଏପରି ସ୍ଥିତିରେ, ଯଦି ଆମେ ମହିଳାମାନଙ୍କୁ କିଛି ସାହାଯ୍ୟ କରିପାରିବା, ତେବେ ଏହା ଆମର ସୌଭାଗ୍ୟ । କେଜ୍ରିୱାଲ ଆହୁରି କହିଛନ୍ତି ଯେ ମୁଁ ଜାଣେ କେଉଁଠାରେ ଟଙ୍କା ସଞ୍ଚୟ କରାଯିବ ଓ କେଉଁଠାରେ ବିନିଯୋଗ କରାଯିବ । ମୁଁ କହିଥିଲି ଯେ ପ୍ରତି ମାସରେ ୧୦୦୦ ଟଙ୍କା ଦେବୁ, ଆଉ ଆଜି ଆମେ ଏହାକୁ ଆରମ୍ଭ କରିଛୁ । ଆଜି ଦିଲ୍ଲୀ ସରକାର ଏହି ଯୋଜନା ଆରମ୍ଭ କରିଛନ୍ତି ଏବଂ ଆଗାମୀ ୧୦-୧୫ ଦିନ ମଧ୍ୟରେ ନିର୍ବାଚନ ବିଜ୍ଞପ୍ତି ପ୍ରକାଶ ପାଇବ । ଏହି କାରଣରୁ ନିର୍ବାଚନ ପୂର୍ବରୁ ଟଙ୍କା ପଠାଯାଇପାରିବ ନାହିଁ । ତେବେ ମହିଳାମାନେ କହିଲେ ଯେ ବିଭିନ୍ନ ସାମଗ୍ରୀର ଦରଦାମ ବୃଦ୍ଧି ପାଉଛି ଏବଂ ୧୦୦୦ ଟଙ୍କା ଯଥେଷ୍ଟ ହେବ ନାହିଁ । ତେଣୁ ଆଜି ମୁଁ ଘୋଷଣା କରୁଛି ଯେ ଆସନ୍ତାକାଲି ଠାରୁ ଯେଉଁ ପଞ୍ଜୀକରଣ ଆରମ୍ଭ ହେବ ଏହା ୧୦୦୦ ନୁହେଁ, ବରଂ ୨୧୦୦ ଟଙ୍କା ପାଇଁ ହେବ ।

## ଧାର୍ମିକ ପୂଜାସ୍ଥଳୀରେ ସର୍ଭେ ଉପରେ ...

ପକ୍ଷ ଜାଣିବାକୁ ଚାହୁଁଛନ୍ତି । ତେଣୁ କେନ୍ଦ୍ର ସରକାର ଚାରି ସପ୍ତାହ ମଧ୍ୟରେ ଏ ସମ୍ପର୍କରେ ନିଜର ମତାମତ ଦେବା ଉଚିତ୍ । ଉଲ୍ଲେଖଯୋଗ୍ୟ, ନିକଟରେ ଉତ୍ତରପ୍ରଦେଶର ସମ୍ଭଲରେ ଏକ ଭୟଙ୍କର ହିଂସା ଘଟିଥିଲା । ସ୍ଥାନୀୟ ଅଦାଲତ ଏଠାରେ ଥିବା ଜମା ମସଜିଦରେ ସର୍ଭେ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସର୍ଭେ କରିବାକୁ ଯେତେବେଳେ ପ୍ରଶାସନର ଅଧିକାରୀମାନେ ପହଞ୍ଚିଥିଲେ, ସେତେବେଳେ କୌଣସି ଗୁଜବକୁ ନେଇ ହିଂସା ଘଟିଥିଲା । ଏହି ଭୟଙ୍କର ହିଂସାରେ ୪ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ଅନେକ ଆହକ ହୋଇଥିଲେ । ଏହାପରେ ପୂଜାସ୍ଥଳୀ ଆଇନକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଥିଲା ।

## ବିପୁଲ ରିଅଲ ଇଷ୍ଟେଟ୍ ...

ପୂର୍ବରୁ ବିଲ୍‌ଡରଙ୍କୁ ସୋ କଜ୍ ନୋଟିସ୍ ହୋଇଛି । ଭୁବନେଶ୍ୱର ଇଉଗ ନିକଟରେ ଏକ ରିଅଲ ଇଷ୍ଟେଟ ସଂସ୍ଥା ମାଲିକଙ୍କୁ ସୋ'କଜ୍ ନୋଟିସ ପଠାଇବା ପରେ ଖୋଲୁଛି ବିଲ୍‌ଡରଙ୍କ ମନମାନିର ଗୁମର । ବିପୁଲ ଲିମିଟେଡ୍ ନାମକ ରିଅଲ ଇଷ୍ଟେଟ୍ ସଂସ୍ଥାର ଗଉଙ୍କୁ ଦିଆଯାଇଥିବା ଏହି ନୋଟିସରେ କୁହାଯାଇଛି, ୨୦୨୩ ମସିହାର ସାର୍ଟିଫିକେଟ୍ କେସ୍ ନମ୍ବର-୬ର ୮୭ ଲକ୍ଷ ୯୪ ହଜାର ୫୫୧ ଟଙ୍କା ଦାଖଲରେ ସଂସ୍ଥା ବିଫଳ ହୋଇଛି । ତେଣୁ କାହିଁକି ତୁମ ବିରୋଧରେ ଗିରଫ ପାଇଁ ୱାରେଣ୍ଟ ଜାରି ହେବନି ? ଡିସେମ୍ବର ୩୧ ସୁଦ୍ଧା ଜବାବ ଦାଖଲ କର । ଖାଲି ଏଇ ଗୋଟିଏ ନୁହେଁ, ଓରେରାର ଆଦେଶ ପରେ ଆହୁରି ୧୮ ଜଣ ବାସଗୃହ କ୍ରେତାଙ୍କ ୧୪ କୋଟି ୧୮ ଲକ୍ଷ ଟଙ୍କା କ୍ଷତିପୂରଣ ଦେଇନି ବିପୁଲ୍ ଲିମିଟେଡ୍ । ଓପିଡିଆର ଆଇନ ଅନୁସାରେ, ଓରେରା ରାୟ ପରେ ଏଡିଏମ୍, ରିଅଲ ଇଷ୍ଟେଟ୍ ସଂସ୍ଥାଠାରୁ ଏହି କ୍ଷତିପୂରଣ ରାଶି ଅସୁଲ କରିବା କଥା । ହେଲେ ଆଶ୍ଚର୍ଯ୍ୟର କଥା, କେବଳ ଭୁବନେଶ୍ୱର ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ଏଭଳି ଶତାଧିକ ମାମଲାରେ ଅର୍ଥ ଅନାଦେୟ ହୋଇ ପଡ଼ିରହିଛି । କିନ୍ତୁ ଅନ୍ୟ ଏକ ମାମଲାରେ ସୁପ୍ରିମକୋର୍ଟରେ ପିଟିସନ ଦାଖଲ ପରେ ଆକ୍ସନ ମୋଡ୍‌କୁ ଆସିଛନ୍ତି ଭୁବନେଶ୍ୱର ଏଡିଏମ୍ । ରିଅଲ ଇଷ୍ଟେଟ କର୍ମୀଙ୍କ କହିବା କଥା, ଗତ କିଛି ବର୍ଷ ହେଲା ଓରେରା ରାୟକୁ ବିଲ୍‌ଡରମାନେ ଅନୁପାଳନ କରୁନଥିବା ଦେଖାଯାଉଛି ।

## ଶ୍ରୀମନ୍ଦିରରେ ଓମଫେଡ୍ ଘିଅ ପ୍ରବେଶ...

ଦାବି ଉଠୁଥିଲା ବେଳେ ବିକଳ୍ପ ଭାବେ ଶ୍ରୀମନ୍ଦିର ପାଇଁ ସ୍ୱତନ୍ତ୍ର ଗୋଶାଳା କଥା ମଧ ଉଠିଲାଣି । ପୂର୍ବରୁ ଯେଉଁ କୁଡୁଆ ୧୦୦ ଟଙ୍କାରେ ମିଳୁଥିଲା, ତାହା ଏବେ ୨୦୦ ଟଙ୍କା, ୫୦ ଟଙ୍କାରେ ମିଳୁଥିବା ଡାଲମା କୁଡୁଆ ୧୦୦ରୁ ୧୨୦ ଟଙ୍କା ପଡ଼ିଲାଣି । ଏହାର ଅର୍ଥ ପ୍ରସାଦ ଦର ଡବଲରୁ ଅଧିକ ହେଲାଣି । ବଡ଼ ବଡ଼ିଆଙ୍କ କଥା ଅଲଗା, ସାଧାରଣ ପରିବାରରୁ ୮-୧୦ ଜଣିଆ ସଦସ୍ୟ ଯଦି ଭଲରେ ଟିକେ ଅବଢ଼ା ଖାଇବାକୁ ଇଚ୍ଛା କରନ୍ତି, ଏଥିପାଇଁ ପ୍ରାୟ ଅଢ଼େଇ ହଜାରରୁ ୩ ହଜାର ଟଙ୍କା ପଡିଯାଉଛି । ମହାପ୍ରସାଦ ପରି ଶୁଖିଲି ଭୋଗ ଦର ମଧ ଆକାଶ ଛୁଆଁ ହେଲାଣି । ୫ ଟଙ୍କାର ଖଜା ୧୫ ଟଙ୍କା, ୧୫ ଟଙ୍କାର ପିଠା ୩୦ ଟଙ୍କା ଡେଇଁ ଗଲାଣି । ଓମଫେଡ୍ ଘିଅରେ ପ୍ରସ୍ତୁତ ହେବା ପରଠୁ ମହାପ୍ରସାଦ, ପିଠା ଓ ଖଜା ଦରରେ ଆଉ ଯେମିତି ହାତ ମାରି ହେଉନି । କାରଣ ମହାସୁଆର ନିଯୋଗର କହିବା କଥା, ପୂର୍ବରୁ ଯେଉଁ ଘିଅରେ ମହାପ୍ରସାଦ ପ୍ରସ୍ତୁତ ହେଉଥିଲା ତା'ର ଦାମ କିଲୋ ପିଛା ଦେଢଶହ ଟଙ୍କା ଥିଲା । ଏବେ ଓମଫେଡ୍ ଘିଅ କିଲୋ ପିଛା ୬ ଶହରୁ ଅଧିକ ଟଙ୍କାରେ କିଣିବାକୁ ପଡୁଛି । ସେଇଥିପାଇଁ ଏମିତି ସ୍ଥିତି ସୃଷ୍ଟି ହୋଇଛି । ଶ୍ରୀମନ୍ଦିରକୁ ସ୍ୱତନ୍ତ୍ର ଦରରେ ଓମଫେଡ୍ ଘିଅ ଯୋଗାଣ ପାଇଁ ପରିଚାଳନା ନିର୍ଦ୍ଦେଶକଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଚିଠି ଲେଖିଛନ୍ତି । ହେଲେ ଏପର୍ଯ୍ୟନ୍ତ ରିହାତି ଦରରେ ଘିଅ ମିଳିନାହିଁ । ଏହାବାଦ ଦର ନିୟନ୍ତ୍ରଣ ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଗୋଶାଳା କରାଯାଇ ଦୁଗ୍ଧ, ଘିଅ ଓ ଦହି ପ୍ରସ୍ତୁତ କରାଯିବା ଏକ ଭଲ ବିକଳ୍ପ ହୁଅନ୍ତା ବୋଲି ମତ ରଖିଛନ୍ତି ମହାସୁଆର ନିଯୋଗ ସଂପାଦକ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟରେ ସାଇବର ସୁରକ୍ଷା ଆଲୋଚନାଚକ୍ର

ବାରିପଦା, ୧୨/୧୨ (ନି.ପ୍ର): ମହାରାଜପୁରସ୍ଥିତ ମୟୂରଭଞ୍ଜ କଲେଜ ଅଫ ଆକାଉଣ୍ଟେନ୍ସି ଆଣ୍ଡ ମ୍ୟାନେଜମେଣ୍ଟ ରେ ସାଇବର୍ ସୁରକ୍ଷା ଶୀର୍ଷକ ଏକ ଦିବସୀୟ ଆଲୋଚନା ଚକ୍ର ମହାବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାରାଜା ଶ୍ରୀ ରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟ କମ୍ପ୍ୟୁଟର ସାଇନ୍ସ ବିଭାଗ ର ଆସିଷ୍ଟାଣ୍ଟ ପ୍ରଫେସର ଡ଼. ଶାନ୍ତିସ୍ୱରୂପ ବସା ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଇବର ସୁରକ୍ଷା ଉପରେ ବିଶେଷ ଭାବରେ ଆଲୋଚନା କରିବା ସହିତ ଛାତ୍ର ଛାତ୍ରୀ ମାନେ କିପରି ସାଇବର ଠକାମୀରୁ ନିଜକୁ ରକ୍ଷା କରିବେ ସେ ବିଷୟ ରେ ଛାତ୍ର ଛାତ୍ରୀ ମାନଙ୍କ ସହିତ ପ୍ରଶ୍ନୋତ୍ତୋର ମାଧ୍ୟମରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା ପର୍ଯ୍ୟାଲୋଚନ କରିଥିଲେ। ମହାବିଦ୍ୟାଳୟ ର ଅଧ୍ୟକ୍ଷ ପ୍ରଦୀପ କୁମାର ନାୟକ ଛାତ୍ର ଛାତ୍ରୀ ମାନଙ୍କୁ ବିଭିନ୍ନ ପ୍ରକାର ଉଦାହରଣ ମାଧ୍ୟମରେ ସାଇବର ଅପରାଧ ବିଷୟ ରେ ବ୍ୟବହାରିକ ଜ୍ଞାନ ପ୍ରଦାନ କରିବା ସହିତ ଠକାମୀ ଠାରୁ ନିଜକୁ ଦୂରେଇ ରହିବା ନିମନ୍ତେ ପରାମର୍ଶ ଦେଇଥିଲେ। ଛାତ୍ର ରିତେଶ ପ୍ରଧାନ ପି ପି ଟି ପ୍ରେଜେଣ୍ଟେସନ ମାଧ୍ୟମରେ ନିଜର ମତ ପୋଷଣ କରିଥିଲେ। ଅଧ୍ୟାପକ ଡ଼. ଠାକୁରା ଚରଣ ମାର୍ଣ୍ଡି, ରଞ୍ଜିତ ମାର୍ଣ୍ଡି, ଶ୍ରୀରାମ ଟୁଡୁ, ପ୍ରିତମ ମହାନ୍ତ, ଅଭିଜିତ ପଟ୍ଟନାୟକ, ଅଧ୍ୟାପିକା ପ୍ରତିଭା ଦାସ, ତୃପ୍ତି ଦାସ, ଲକ୍ଷ୍ମୀ ଟାପେୟାର, ପୂଜା ଶତପଥି, ସସ୍ମିତା ସି, କବିତା ସାହୁ, ସଂଯୁକ୍ତା ମହାନ୍ତ, ଅଙ୍କିତା ସିଂ, କସ୍ତୁରବା ମହାନ୍ତ, ସୁଶ୍ରୀ ନାୟକ, କିରଣ ବାଲା ବାସ୍କେ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ନିଜର ମତାମତ ରଖିଥିଲେ। ଅଧ୍ୟାପିକା ସୁଜାତା ପାଲ ସ୍ୱାଗତ ସମ୍ଭାଷଣ ଏବଂ ଅତିଥି ପରିଚୟ ଦେଇଥିବା ବେଳେ ଅଧ୍ୟାପକ ସତ୍ୟ ନାରାୟଣ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।

# ପାରାଦ୍ୱୀପରେ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହ ଉଦ୍‌ଘାଟିତ : ଭାଗ ନେଲେ ଆଠ ଗୋଟି ବୃହତ ବନ୍ଦର




ପାରାଦ୍ୱୀପ, ୧୨/୧୨ (ନି.ପ୍ର): ପାରାଦ୍ୱୀପ ବନ୍ଦର ଏବଂ ବୃହତ୍ ବନ୍ଦର କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୂଲ୍ୟରେ ୨୪ତମ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହ ୧୨ ତାରିଖ ଦିନ ବନ୍ଦର ନଗରୀ ପାରାଦ୍ୱୀପର ବାଣୀପୀଠ ଜୟଦେବ ସଦନ ଠାରେ ମହା ଆଡ଼ମ୍ବରରେ ଉଦ୍ଘାଟିତ ହୋଇଯାଇଛି । ଉଦ୍ଘାଟନୀ ସମାରୋହକୁ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଉଦ୍ଘାଟନ କରି ବିଭିନ୍ନ ବନ୍ଦରରୁ ଆସିଥିବା କଳାକାର ମାନଙ୍କର ମାର୍ଚ୍ଚପାଷ୍ଟରେ ଅଭିବାଦନ ଗ୍ରହଣ କରିବା ସଙ୍ଗେ ସଙ୍ଗେ ଆସନ୍ତା ୪ଦିନ ଧରି ଆୟୋଜିତ ହେଉଥିବା ଏହି ସମାରୋହର ସଫଳତା କାମନା କରିଥିଲେ । ସେ କହିଥିଲେ କି ଏହି ସମାରୋହ ମାଧ୍ୟମରେ ବିଭିନ୍ନ ବନ୍ଦରରୁ ଆସିଥିବା କର୍ମଚାରୀ ମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ହେବା ସଙ୍ଗେ ସଙ୍ଗେ ନିଜ ନିଜ ରାଜ୍ୟର ଭାଷା ଓ ସଂସ୍କୃତିର ଝଲକ ପ୍ରସ୍ତୁତ କରିବାର ସୁଯୋଗ ମିଳିବ । ଏହି ଅବସରରେ ଗୋପବନ୍ଧୁ କ୍ରୀଡ଼ା ସଂସଦର ସଭାପତି ତଥା ବନ୍ଦର ଅର୍ଥ ପରାମର୍ଶଦାତା ଡି ଏନ୍ ସୋନ୍ଧିଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍ଘାଟନୀ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଡକ୍ଟର ଦୁର୍ଗା ପ୍ରସାଦ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ । ବନ୍ଦରର ଡି ସି କ୍ୟାପଟେନ ଅଲେଖ ସାହୁ, ଟ୍ରାଫିକ ପରାମର୍ଶଦାତା ଆଶିଷ ବୋଷ, ଉପ ମୁଖ୍ୟ ଅର୍ଥ ପରାମର୍ଶଦାତା ଆର ଏନ୍ ମିଶ୍ର ପ୍ରମୁଖ ମଞ୍ଚରେ ଉପସ୍ଥିତ ଥିଲେ । ଉଦ୍ଘାଟନି ସମାରୋହକୁ ସଂସଦର ସଚିବ ରଞ୍ଜନ ରଶ୍ମି ବେଉରା ପରିଚାଳନା କରିଥିବା ବେଳେ ରବି ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ । ଏହି ସମାରୋହରେ ଆୟୋଜକ ପାରାଦ୍ୱୀପ ବନ୍ଦର ଛଡ଼ା କଲିକତା, ମୁମ୍ବାଇ, ଚେନ୍ନାଇ, କୋଚିନ, ଭି ଓ ଚିଦାମ୍ବରନାର, ଦିନଦୟାଲ, ଜବାହର ଲାଲ ନେହେରୁ ବନ୍ଦର ଅଂଶ ଗ୍ରହଣ କରୁଛନ୍ତି ଏବଂ ଏହା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ତଥା ବନ୍ଦରର ଅନ୍ତେବାସୀ ୪ ଦିନ ଧରି ବିଭିନ୍ନ ଭାଷାରେ ନାଟକ ଓ ସଙ୍ଗୀତ ଉପଭୋଗ କରିବାର ସୁଯୋଗ ପାଇବେ । ଉଦ୍ଘାଟନୀ ସନ୍ଧ୍ୟାରେ ଦିନ ଦୟାଲ ବନ୍ଦରର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ ।

## ଗଛକୁ ଧକ୍କା ଦେଲା ବାଇକ: ବାଇକ ଆରୋହୀ ମୃତ

ବସ୍ତା, ୧୨/୧୨ (ନି.ପ୍ର): ଭାରସାମ୍ୟ ହରାଇ ରାସ୍ତା ପାର୍ଶ୍ୱ ଗଛକୁ ଧକ୍କା ଦେଲା ବାଇକ,ଘଟଣା ସ୍ଥଳରେ ବାଇକ ଆରୋହୀଙ୍କ ମୃତ୍ୟୁ, ସୂଚନା ଅନୁଯାୟୀ ବସ୍ତା ଥାନା ଧୂଳି ଉଡା ଗ୍ରାମର ବିନୟ ଜେନା ନାମକ ଜଣେ ଯୁବକ ବାଇକ ଯୋଗେ ଗତକାଲି ସନ୍ଧ୍ୟାରେ କୌଣସି କାମପାଇଁ ଦରଡା ଅଭିମୁଖେ ଯାଉଥିବା ସମୟରେ ଭାରସାମ୍ୟ ହରାଇ ଗୋ ଡିଖାଳ ଦରଡା ରାସ୍ତାର ବାଇଗଣଡିହା ଛକ ନିକଟରେ ରାସ୍ତା ପାର୍ଶ୍ୱରେ ଥିବା ଗଛକୁ ଧକ୍କା ଦେଇ ରାସ୍ତା ପାର୍ଶ୍ୱ ଘାସ ବୁଦାକୁ ଖସି ପଡ଼ିଥିଲେ, ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା,ତେବେ ଗତକାଲି ବିଳମ୍ବିତ ରାତି ପର୍ଯ୍ୟନ୍ତ ବିନୟ ଘରକୁ ନଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରି ଥିଲେ,ଆଜି ଦିନ ୨ ଟା ସମୟରେ ରାସ୍ତା ପାର୍ଶ୍ୱ ଘାସ ବୁଦା ରେ ବିନୟ ପଡି ଥିବାର ଜଣେ ସ୍ଥାନୀୟ ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ, ପୋଲିସ ଘଟଣା ସ୍ଥଳରେ ପହଁଚି ମୃତ ଶରି ରକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଘଟଣାର ତଦନ୍ତ କରୁଛନ୍ତି।

# ବନ୍ଦର ବିସ୍ଥାପିତଙ୍କ ଜନଶୁଣାଣି ପାଇଁ ପ୍ରଶାସନିକ ତତ୍ପରତା

ବାଲିଆପାଳ ୧୨/୧୨(ନି ପ୍ର ) ବହୁ ବାଦ ବିବାଦ ସତ୍ତ୍ୱେ ଜିଲ୍ଲା ପ୍ରଶାସନ ତରଫରୁ ଆସନ୍ତା ୧୭ ତାରିଖ ଦିନ ଡଗରା ମକର ମେଳା ପଡିଆରେ ଜନ ଶୁଣାଣି ଶିବିର ଅନୁଷ୍ଠିତ ହେବାକୁ ଯାଉଛି । ଏଥି ପାଇଁ ପ୍ରଶାସନ ତରଫରୁ ଆଇନ ଶୃଙ୍ଖଳା ଦୃଷ୍ଟିରୁ ଆଗୁଆ ପଦକ୍ଷେପ ଆରମ୍ଭ ହୋଇ ଯାଇଛି । ସୋମବାରରୁ ଦୁଇ ପ୍ଲାଟୁନ ଫୋର୍ସ ଏବେଠୁ ଘଟଣା ସ୍ଥଳରେ ମୁତୟନ କରାଯାଇଛି । ସ୍ଥାନୀୟ ବିଡ଼ିଓ, ତହସିଲଦାର, ଥାନାଧିକାରୀ ପ୍ରମୁଖ ଶିବିର ସ୍ଥଳକୁ ଯାଇ ସର ଜମିନ ସର୍ଭେ କରୁଛନ୍ତି।ଏମାନେ ଏନେଇ ସ୍ଥାନୀୟ ଲୋକଙ୍କୁ ଭେଟି ସେମାନଙ୍କ ସମସ୍ୟା ସମ୍ପର୍କରେ ପଚାରି ବୁଝୁଛନ୍ତି । ବିଗତ ଘଟଣାର ଯେପରି ପୁନରାବୃତ୍ତି ନ ହୁଏ ସେଥିପାଇଁ ପ୍ରଶାସନ କଡା ନଜର ରଖିଛି । ଇତି ମଧ୍ୟରେ ବନ୍ଦର ସପକ୍ଷ ବାଦୀ ଚୌମୁଖ, ଡଗରା, ବେତଗଡ଼ିଆ, ନୂଆଗାଁ ର ଲୋକ ମାନେ ଏକାଠି ହୋଇ ବନ୍ଦର ସପକ୍ଷରେ ଥିବା କଥା ପ୍ରଶାସନକୁ ଜଣାଇ ସାରିଛନ୍ତି । ଜନ ଶୁଣାଣି ଶିବିରକୁ ସଫଳ କରିବା ପାଇଁ ସେମାନେ ସମସ୍ତ ସହଯୋଗ କରିବେ ବୋଲି ଜଣାଇଛନ୍ତି । ଅନ୍ୟ ପକ୍ଷରେ ଚୌମୁଖ ଭିଟା ମାଟି ସୁରକ୍ଷା କମିଟି କୌଣସି ପରିସ୍ଥିତି ରେ ବି ଜନ ଶୁଣାଣି ଶିବିର କରାଇ ଦେବ ନାହିଁ ବୋଲି ପ୍ରଶାସନକୁ ଚେତାବନୀ ଦେଇଛି । ତେବେ ଏହାକୁ କେନ୍ଦ୍ର କରି ରକ୍ତାକ୍ତ ସଂଘର୍ଷ ଯେ ନ ଘଟିବ ଏ କଥାକୁ ଏଡା ଯାଇ ନ ପାରେ ।ସୂଚନା ଥାଉ କି ଚୌମୁଖ ପଞ୍ଚାୟତର ସୁବର୍ଣ୍ଣ ରେଖା ମୁହାଁଣ ଠାରେ ଚିନ୍ନାଇ ର କ୍ରିଏଟିଭ ପୋର୍ଟ ଓ ଟାଟା କମ୍ପାନୀ ବନ୍ଦର କରିବା ନେଇ ଦୀର୍ଘ ଦିନରୁ ସରକାର ଙ୍କ ସହିତ ଚୁକ୍ତି କରି ସାରିଛନ୍ତି ।

## ବିଶିଷ୍ଟ ସୋଆ ବୈଜ୍ଞାନିକଙ୍କୁ ସିଏନ୍‌ଆର୍ ରାଓ ବକ୍ତୃତା ସମ୍ମାନ

ଭୁବନେଶ୍ୱର , ୧୨/୧୨ (ନି.ପ୍ର): ବିଶିଷ୍ଟ ଗବେଷକ ତଥା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ସେଂଟର ଫର୍ ନାନୋ ସାଇନ୍ସ ଆଣ୍ଡ ନାନୋ ଟେକ୍ନୋଲୋଜିର ନିର୍ଦ୍ଦେଶକ ପ୍ରଫେସର କୁଳମଣି ପରିଡ଼ାଙ୍କୁ ସି.ଏନ୍.ଆର୍ ରାଓ ବକ୍ତୃତା ସମ୍ମାନରେ ସମ୍ମାନିତ କରାଯାଇଛି । ନିକଟରେ ଇନ୍ଦୋର ଠାରେ ସମାପ୍ତ ହୋଇଥିବା ମ୍ୟାଟେରିଆଲ୍ସ ରିସର୍ଚ୍ଚ ସୋସାଇଟି ଅଫ୍ ଇଣ୍ଡିଆ (ଏମ୍‌ଆର୍‌ଏସ୍‌ଆଇ)ର ୩୫ ତମ ବାର୍ଷିକ ସାଧାରଣ ଅଧିବେଶନ ଓ ୬ଷ୍ଠ ଇଣ୍ଡିଆନ୍ ମ୍ୟାଟେରିଆଲ୍ସ କନ୍‌କ୍ଲେଭ୍‌ରେ ପ୍ରଫେସର ପରିଡ଼ାଙ୍କୁ ଏହି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ମ୍ୟାଟେରିଆଲ୍ସ ସାଇନ୍‌ସ କ୍ଷେତ୍ରରେ ମହତ୍ୱପୂର୍ଣ୍ଣ ଅବଦାନ ନିମନ୍ତେ ଏମ୍‌ଆରଏସ୍‌ଆଇ ପକ୍ଷରୁ ପ୍ରଫେସର ପରିଡ଼ାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି ।

## ଯୁବକଙ୍କ ଅକସ୍ମାତ୍ ମୃତ୍ୟୁ

ବେତନଟୀ , ୧୨/୧୨ (ନିଁ.ପ୍ରି): କୋଚିଲା ଖୁଣ୍ଟା ଗ୍ରାମ ପଞ୍ଚାୟତ ଅଞ୍ଚଳର ପାଇକପଡା ଗ୍ରାମ ର ଶ୍ରୀ ବଳରାମ ଟୁଡୁ ଙ୍କ ଏକ ମାତ୍ର ପୁତ୍ର ଶ୍ରୀ ଭିମ୍ବକ୍ଷର୍ ଟୁଡୁ ବାବା ଛୁଆ ବୟସ ୩୮ ଏବ ଏ ଅଞ୍ଚଳର କଂଗ୍ରେସ ନେତା ଶ୍ରୀ ଶଙ୍କର ଟୁଡୁ ଙ୍କ ପୁତ୍ରକ୍ଷ ଙ୍କର ବ୍ରେନ ହମ୍ରେଜ ରେ କଟକ ବଡ ଡାକ୍ତରଖାନାରେ ଆଜି ସକାଳେ ମୃତ୍ୟୁ ହେଇ ଯାଇଛି। ଗତ ୯ ତାରିକ ଦିନ ତାଙ୍କର ଦେହ ଖରାପ ହେଇଥିଲା ଏଁବ ସଙ୍ଗେ ସଙ୍କେ ତାଙ୍କୁ କଟକ ମେଡିକାଲ କୁ ଘର ଲୋକ ନେଇ ଆଡମିସନ କରିଥିଲେ। ମୃତ୍ୟୁ ଶଯ୍ୟାରେ ତାଙ୍କର ବଡ଼ ଯୁଔାଇ ଶ୍ରୀ ବିଦ୍ୟାଧର ସରେନ୍, ଅଧିଖକ୍ ନବୋଦୟ ବିଦ୍ୟାଳୟ ଏବଂ ସାନ ଜୁଔାଇ ରକ୍ସ, ଦୁଃଖିଶ୍ୟମ ହାଁସଦା ସହିତ ଜାରି ଝିଅ ବନ୍ଧୁ ବାନ୍ଧବ ଉପସ୍ଥିତି ଥିଲେ। ମୃତ୍ୟ ଭିମ୍ବକ୍ଷର୍ ରଙ୍କ ଗତ ବର୍ଷ ବାହା ଘର ହେଇଥିଲା ଏବଂ ତାଙ୍କର ଗୋଟେ ବର୍ଷ ର ପୁଅ ଟି ଅଛି। ବାବା ଛୁଆ ଙ୍କର ମୃତ୍ୟୁ ଏ ଅଞ୍ଚଳରେ ଦୁଃଖର ଛାୟା ଖେଳି ଯାଇଛି।

# ବସ୍ତା ସ୍ୱାସ୍ଥ୍ୟ କେନ୍ଦ୍ରରେ ଡାକ୍ତରଙ୍କ ରୋଗୀ ପ୍ରତି ଦୁର୍ବ୍ୟବହାର ପ୍ରତିବାଦରେ ଦେବସେନା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ

ବସ୍ତା, ୧୨/୧୨ (ନି.ପ୍ର): ବାଲେଶ୍ୱରଜିଲ୍ଲା ବସ୍ତା ସ୍ୱାସ୍ଥ୍ୟ କେନ୍ଦ୍ରରେ ରୋଗୀ ମାନଙ୍କୁ ଚିକିତ୍ସାରେ ଅବହେଳା ଏବଂ ରୋଗୀ ମାନଙ୍କ ପ୍ରତି ଡାକ୍ତର ସିର୍ଦ୍ଧାନ୍ତ ଶେଖର ଜେନାଙ୍କ ଦୁବ୍ୟବହାର ଓ ସିକୁଟି ଡାକି ରୋଗୀ ଙ୍କୁ ତଡି ଦେବା ଘଟଣା ବସ୍ତା ଅଞ୍ଚଳ ବାସୀଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇବା ସହିତ ଗୁରୁବାର ବାଲେଶ୍ୱର ଜିଲ୍ଲା ଦେବସେନା ପକ୍ଷରୁ ବାହାର୍ଦା ଡାକବଙ୍ଗଳା ପରିସରରେ ଏକ ସାମ୍ବାଦିକ ସମ୍ମିଳନ ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ଆଇଟି ସେଲ ଅଧ୍ୟକ୍ଷ ସତ୍ୟରଞ୍ଜନ (ବାବୁ)ପାଣି ଙ୍କ ସଭାପତିତ୍ୱରେ ଏହି ସମ୍ମିଳନି ଅନୁଷ୍ଠିତ ହୋଇଥିଲା ।ଦେବସେନା ଜିଲ୍ଲା ସଭାପତି ଶଙ୍କର କୁମାର ଜେନା ଗତ ୬ତାରିଖରେ ଅସୁସ୍ଥ ହୋଇ ବସ୍ତା ମେଡିକାଲରେ ପହଞ୍ଚିଥିଲେ । ନିଜର ଦେହ ଅସୁସ୍ଥ କଥା ଡାକ୍ତରଙ୍କୁ କହିବା ପରେ ଡାକ୍ତର ବାବୁ କୌଣସି ପରିକ୍ଷା ନକରି ତାଙ୍କୁ ଏପେଣ୍ଡି ସାଇଡ ହୋଇଛି ବୋଲି କହି ବାଲେଶ୍ୱରକୁ ସ୍ଥାନାନ୍ତରିତ କରିବାକୁ ପରାମୋସ୍ୱ ଦେଇଥିଲେ ।ତେବେ ଶ୍ରୀଜେନା ଅମ୍ଳ ହୋଇଥିବା କହିବା ପରେ ଡାକ୍ତର ଉତକ୍ଷିପ୍ତ ହୋଇ ଗାଳି ଫଜିତ କରିବା ସହିତ ସିକୁଟିଡାକି ବାହାର କରିବାକୁ ତାଗିଦ କରିଥିଲେ ।ଏନେଇ ଶ୍ରୀଜେନା ବସ୍ତା ସ୍ୱାସ୍ଥ୍ୟ କେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡାକ୍ତର ଦେବବ୍ରତ ଜେନାଙ୍କୁ ଅବଗତ କରିବାପରେ କୌଣସି ସମାଧାନ ନହେବାରୁ ଶ୍ରୀଜେନା ବାଧ୍ୟହୋଇ ବସ୍ତା ଥାନାରେ ଅଭିଯୋଗ କରିବା ସହିତ ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁମଧ୍ୟ ଅବଗତ କରିଛନ୍ତି ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶକରିଛନ୍ତି । ତେବେ ଡାକ୍ତର ଖାନାରେ ମଳ ମୂତ୍ର ଓ ରକ୍ତ ନମୂନାର ପରିକ୍ଷା ହେବାରେ ଅନିୟମିତତା ଦେଖା ଦେଇଥିବାବେଳେ ବିଭିନ୍ନ ବିଭାଗର ଡାକ୍ତର ନାହାନ୍ତି ।ପୁଣି ରୋଗୀ ମାନଙ୍କୁ ଚିକିତ୍ସାରେ ଅବହେଳା. ରାତ୍ରୀରେ ରୋଗୀ ମାନଙ୍କୁ ଖାଦ୍ୟ ଦେବାରେ ବ୍ୟତିକ୍ରମ ।କରାଯାଉଛି ।ଜଦି କୌଣସି ରୋଗୀ ପ୍ରତିବାଦ କରୁଛି ତେବେଭାରପ୍ରାପ୍ତ ଡାକ୍ତର ଦେବବ୍ରତଜେନା କେତେଜଣ ଅସାମାଜିକ ବ୍ୟକ୍ତିଙ୍କୁ ରଖି ରୋଗୀ ମାନଙ୍କୁ ଧମକ ଦେବାରେ ପଛାଉନାହିଁନ୍ତି । ଏହି ସବୁ ମୌଳିକ ସମସ୍ୟାର ସମାଧାନପାଇଁ ଦେବସେନା ପକ୍ଷରୁ ବସ୍ତା ଡାକ୍ତରଖାନା ରେ ଡାକ୍ତର ଙ୍କୁ ଅନ୍ୟତ୍ର ବଦଳି କରିବାପାଇଁ ଦାବି କରିଛନ୍ତି । ଏହି ସମ୍ମିଳନୀରେ ଜିଲ୍ଲା ସଭାପତି ଶଙ୍କରଜେନା. ସ୍ୱାସ୍ଥ୍ୟମନ୍ତ୍ରୀ ଓ ଓଡିଶାର ମୁଖ୍ୟମନ୍ତ୍ରୀ ଙ୍କୁ ପୋଷ୍ଟାଲ ମାଧ୍ୟମରେ ଅଭିଯୋଗପତ୍ର ପ୍ରେରିତ କରିଛନ୍ତି । .ଦେବସେନା ବସ୍ତାର ପରାମୋଶ୍ୱ ଦାତା କୁମୁଦ ରଞ୍ଜନଗିରି.ବ୍ଲକ ସଭାପତି ଅନ୍ତର୍ଯ୍ୟାମି ରାଉଲ.ସେବାପ୍ରକୋଷ୍ଠ ଅଧକ୍ଷା ଝରଣା ସାମଲ.ଗୋସୁରକ୍ଷା ଅଧ୍ୟକ୍ଷ ମନୋଜ ସାମଲ. ମହେଶ୍ୱରପଣ୍ଡା. ସୁଦାମଚରଣ ଗାଣ. ଉମେଶଚନ୍ଦ୍ର ବେହେରା. ଅଶୋକ ମିଶ୍ର. ବାପିଦାସ. ସିଦ୍ଧେଶ୍ୱର ମହାପାତ୍ର ପଞ୍ଚାୟତ ମହା ସଚିବ କାଳିପଦ ଆଗୁଆଳ ପ୍ରମୂଖ ଉପସ୍ଥିତ ଥିଲେ ।ତେବେ ଏହି ସମସ୍ୟା ସମାଧାନ ନହେଲେ ଆଗାମି ଦିନରେ ଦେବସେନା ପକ୍ଷରୁ ଆନ୍ଦୋଳନର ପନ୍ଥା ଅବଲମ୍ବନ କରିବେ ବୋଲି ପ୍ରକାଶ କରିଛନ୍ତି ।

# ରୂପସା ନୀଳମଣି ମହାବିଦ୍ୟାଳୟର ବିକାଶ ପାଇଁ ଅନୁଦାନ ପ୍ରଦାନ ନିମନ୍ତେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କୁ ଭେଟିଲେ ସଦର ବିଧାୟକ ମାନସ କୁମାର ଦତ୍ତ



ବାଲେଶ୍ୱର, ୧୨/୧୨ (ନି.ପ୍ର): ବାଲେଶ୍ୱର ସଦର ନିର୍ବାଚନମଣ୍ଡଳୀର ରୁପସା ସ୍ଥିତ ନୀଳମଣି ମହାବିଦ୍ୟାଳୟ ଗ୍ରାମାଂଚଳର ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ନିମିତ୍ତ ଏକ ପୁରାତନ ଶିକ୍ଷାନୁଷ୍ଠାନ । ମାତ୍ର ଆବଶ୍ୟକୀୟ ଭିତ୍ତିଭୂମୀ ଅଭାବ ଯୋଗୁଁ ମହାବିଦ୍ୟାଳୟରେ ଶିକ୍ଷାଦାନ ନେଇ ସମ୍ପ୍ରତି ବିଭିନ୍ନ ସମସ୍ୟା ଉପୁଜୁଛି । ନୀଳମଣି ମହାବିଦ୍ୟାଳୟର ଭିତ୍ତିଭୂମୀର ବିକାଶ ପାଇଁ ଆର୍ଥିକ ଅନୁଦାନ ପ୍ରଦାନ ନିମନ୍ତେ ସଦର ବିଧାୟକ ମାନସ କୁମାର ଦତ୍ତ ରାଜ୍ୟ ଉଚ୍ଚଶିକ୍ଷା ବିଭଗ ମନ୍ତ୍ରୀ ସୂରଜ ସୂର୍ଯ୍ୟବଂଶୀଙ୍କୁ ନିବେଦନ କରିବା ସହ ଏକ ଦାବିପତ୍ର ଦେଇଛନ୍ତି । ଗୁଣାତ୍ମକ ଶିକ୍ଷାଦାନ ପାଇଁ ଏକ ବହୁମୁଖୀ ଗୃହ, ଛାତ୍ରୀମାନଙ୍କ ପାଇଁ କମନ ରୁମ, ଛାତ୍ରମାନଙ୍କ ପାଇଁ ଛାତ୍ରାବାସ ପ୍ରଭୃତିର ଆବଶ୍ୟକତା ରହିଛି । ଉତ୍କୃଷ୍ଟ ଶିକ୍ଷାଦାନ ନେଇ ନୀଳମଣି ମହାବିଦ୍ୟାଳୟର ପ୍ରସିଦ୍ଧି ଥିବା ବେଳେ ଗ୍ରାମଂଚଳର ବହୁ ଦୁର ଦୁରାନ୍ତରୁ ଛାତ୍ରଛାତ୍ରୀ ଏଠାରେ ଶିକ୍ଷା ଗ୍ରହଣ କରନ୍ତି । ବସ ବା ଟ୍ରେନର ଯୋଗେ ଛାତ୍ରଛାତ୍ରୀମାନେ ମହାବିଦ୍ୟାଳୟକୁ ଆସୁଥିବା ବେଳେ ଛାତ୍ରାବାସ ନିର୍ମାଣ ସେମାନଙ୍କ ପାଇଁ ଉପାଦେୟ ସାବ୍ୟସ୍ତ ହେବ ବୋଲି ବିଧାୟକ ଶ୍ରୀ ଦତ୍ତ ମନ୍ତ୍ରୀଙ୍କୁ ଅବଗତ କରିଛନ୍ତି । ଏହା ସହିତ ମହାବିଦ୍ୟାଳୟ ପାଇଁ ଏକ ଖେଳ ପଡିଆର ଆବଶ୍ୟକତା ଥିବା ବେଳେ ଏହାକୁ ଅଗ୍ରାଧିକାର ଭାବେ ପୁରଣ ପାଇଁ ସେ ଦାବି କରିଛନ୍ତି । ଏକ ଉତ୍ତମ ଶୈକ୍ଷିକ ପରିବେଶ ସୃଷ୍ଟି ପାଇଁ ନୀଳମଣି ମହାବିଦ୍ୟାଳୟରେ ଆବଶ୍ୟକୀୟ ଭିତ୍ତିଭୂମୀ ବିକାଶରେ ଶିକ୍ଷାବିଭାଗର ଅନୁଦାନ ପ୍ରଦାନ ନିମନ୍ତେ ବିଧାୟକ ଶ୍ରୀ ଦତ୍ତ ନିବେଦନ କରିଛନ୍ତି ।

# ବାପା ପରେ ମାଆ ଚାଲିଗଲେ ଆରପାରିକୁ: ବେସାହାରା ହୋଇଗଲେ ୫ ସନ୍ତାନ




କପ୍ତିପଦା, ୧୨/୧୨ (ନି.ପ୍ର): ଦୁଇ ବର୍ଷ ପୂର୍ବରୁ ବାପା କୃପା ସିଂଙ୍କର ମୃତ୍ୟୁ ହୋଇଯାଇଥିଲା । ୫ଜଣ ଛୋଟ ଛୋଟ ଶିଶୁ ସନ୍ତାନଙ୍କୁ ଧରି ବହୁ କଷ୍ଟରେ ମାଆ ମୁଚୁଲୁ ସିଂ ପରିବାର ଚଳାଇ ଆସୁଥିବାବେଳେ ଗତ ଅକ୍ଟୋବର ମାସରେ ମାଆ ମୁଚୁଲୁଙ୍କର ମଧ୍ୟ ଅଜଣା ରୋଗରେ ଦେହାନ୍ତ ହୋଇଯାଇଛି । ବର୍ତ୍ତମାନ ଅତ୍ୟନ୍ତ ଅସହାୟଭାବେ କାଳାତିପାତ କରୁଛନ୍ତି ୫ଜଣ କୁନି କୁନି ଶିଶୁ । ଏଭଳି ଘଟଣା ଦେଖିବାକୁ ମିଳିଛି କପ୍ତିପଦା ବ୍ଲକ ରାଣୀପୋଖରୀ ପଞ୍ଚାୟତର ପ୍ରଧାନସାହିରେ । ସ୍ୱର୍ଗତ କୃପାଙ୍କର ବଡ ଶିଶୁକନ୍ୟା ଜେମା ସିଂ(୧୦), ପିଣ୍ଟୁ ସିଂ(୮), ରାନ୍ଧାୟ ସିଂ(୬), ବୁଦ୍ଧାନ ସିଂ(୪) ଓ ବାହାଦୂର ସିଂ(୨) । ଏହି ବେସାହାରା ଶିଶୁଙ୍କ ଭବିଷ୍ୟତ କଣ ତାହାକୁ ନେଇ ଗ୍ରାମବାସୀମାନେ ଚିନ୍ତାପ୍ରକଟ କରିଛନ୍ତି । ପାଠପଢା ତ ଦୂରର କଥା ଦୁଇଓଳି ଖାଇବାକୁ ଖାଦ୍ୟ ଏମାନଙ୍କର ଭାଗ୍ୟରେ ଜୁଟୁନାହିଁ । ଦୁଃଖର କଥା ଏମାନଙ୍କର ନାମ ରାସନ କାର୍ଡରେ ନାହିଁ । ଫଳରେ ସରକାରୀ ଚାଉଳ ଏମାନଙ୍କର ଭାଗ୍ୟରେ ନାହିଁ । ଅସହାୟ ଅବସ୍ଥାରେ ଥିବା ଏହି ୫ଜଣ ଶିଶୁଙ୍କୁ ପାଖ ପଡୋଶୀ ଖାଇବାକୁ ଦେଉଥିଲେ । ସେ ମଧ୍ୟ ଏବେ ହାତ ଛାଡି ଦେଇଛନ୍ତି । ଫଳରେ ଗାଁ ବିଦ୍ୟାଳୟରେ ପଞ୍ଚମ ଶ୍ରେଣୀରେ ନାମ୍ ଲେଖାଇଥିବା କନ୍ୟା ଜେମା ସାନ ଭାଇମାନଙ୍କର ପେଟକୁ ମୁଠାଏ ଦାନା ଦେବା ପାଇଁ ପାଠପଢା ଛାଡି ପରଘରେ ବାସନ ମାଜିବା ସହିତ ଛେଳି ଚରାଇ ସେଥିରୁ ଯାହା ଆଣେ ପରିବାର ଚଳାଏ । ମାତ୍ର ଦୁଇଓଳି ଦାନା ଏମାନଙ୍କର ଭାଗରେ ଜୁଟୁନାହିଁ । ସରକାର ଏହି ଅସହାୟ ୫ଜଣ ଶିଶୁଙ୍କ ଦାୟିତ୍ୱ ନେବାକୁ ଗ୍ରାମବାସୀମାନେ ଅନୁରୋଧ କରିଛନ୍ତି ।

## ୮ମ ଇଲାଇଟ ପୁରୁଷ ଓ ମହିଳା ବୋକ୍ସିଂ ପ୍ରତିଯୋଗିତା ପାଇଁ ଚୟନ

ବାରିପଦା , ୧୨/୧୨ (ନି.ପ୍ର): ଓଡିଶା ଅମାଚିଓର ବୋକ୍ସିଂ ଏସୋସିଏସନ ଆନୁକୂଲ୍ୟରେ ରାଉରକେଲା ଠାରେ ଅନୁଷ୍ଠିତ ହେବାକୁ ଥିବା ୮ମ ଇଲାଇଟ ପୁରୁଷ ଓ ମହିଳା ରାଜ୍ୟ ଚୟନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ମୟୂରଭଞ୍ଜ ଜିଲ୍ଲା ଜିଲ୍ଲାରୁ ଖେଳାଳି ଚୟନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି ଓ ଇଚ୍ଛୁକ ଖେଳାଳି ମାନେ ୧୩ ତାରିଖ ସୁଦ୍ଧା ବାରିପଦା ଷ୍ଟାଡିୟମ ଅଫିସରେ ନିଜ ନିଜର ଡିଜିଟାଲ ଜନ୍ମ ପ୍ରମାଣ ପତ୍ର ସହ ନାମ ପଞ୍ଜିକରଣ କରିପାରିବେ ବୋଲି ସାଧାରଣ ସମ୍ପାଦକ ବିଜୟ କୁମାର ଦାସଙ୍କ ସୂତ୍ରରୁ ପ୍ରକାଶ ଓ ଉଭୟ ପୁରୁଷ ଓ ମହିଳା ବୋକ୍ସରଙ୍କ ଜନ୍ମ ଜାନୁୟାରୀ ୧ ତାରିଖ ୧୯୮୪ ଓ ଡିସେମ୍ବର ୨୦୦୫ ମଧ୍ୟରେ ହୋଇଥିବା ଆବଶ୍ୟକ ବୋଲି ବୋକ୍ସିଂ ସହ ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି ଜଣାଇଛନ୍ତି ।

# ଜିଲ୍ଲାସ୍ତରୀୟ କ୍ରୀଡା ପ୍ରତିଯୋଗିତାରେ ନିତ୍ୟାନନ୍ଦ ସରସ୍ୱତୀ ଶିଶୁ ମନ୍ଦିରର ସଫଳତା



ଲଙ୍ଗଳେଶ୍ୱର , ୧୨/୧୨ (ନି.ପ୍ର): ଭାରତୀୟ ଶିକ୍ଷା ବିକାଶ ସଂସ୍ଥାନ ଆନୁକୂଲ୍ୟରେ ମଙ୍ଗଳବାର ଜଳେଶ୍ୱର ବ୍ଲକ ଶିଖରପୁର ପଡିଆରେ ଜିଲ୍ଲା ସ୍ତରୀୟ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବାଲିଆପାଳ ବ୍ଲକ ନୂଆଗାଁ ସ୍ଥିତ ନିତ୍ୟାନନ୍ଦ ସରସ୍ୱତୀ ଶିଶୁମନ୍ଦିରର ଛାତ୍ରଛାତ୍ରୀମାନେ ଅନ୍ୟମାନଙ୍କ ଠାରୁ ଅଧିକ ସଫଳତା ପାଇଛନ୍ତି।କୃଷ୍ଣ ଶଙ୍କର ବାଗ, ସ୍ମୃତି ରଞ୍ଜନ ମାଝୀ,ବିକାଶ ଅଣ୍ଡିଆ, ମଧୁସ୍ମିତା ରାଣା,ଲାବଣ୍ୟା ମହାନ୍ତି,ଦେବାଶିଷ ମହାପାତ୍ର, ଆଦ୍ୟାଶ୍ୟା ବିଶ୍ୱାଳ,ଦୀପାଳି ମଣ୍ଡଳ ପ୍ରମୁଖ ପ୍ରଥମ ସ୍ଥାନ ଅଧିକାର କରି ଗୌରବ ଅର୍ଜନ କରିଛନ୍ତି। ଅବସରପ୍ରାପ୍ତ ଖେଳ ଶିକ୍ଷକ ଅଦ୍ୱୈତ କୁମାର ପାଢ଼ୀଙ୍କ ତତ୍ତ୍ୱାବଧାନରେ ଶିଶୁମନ୍ଦିରର ଗୁରୁଜୀ ସାଇ ବିକାଶ ବେହେରା,ଗୁରୁମା ସରସ୍ୱତୀ ମାଝୀ ପ୍ରମୁଖ ଛାତ୍ରଛାତ୍ରୀମାନଙ୍କୁ ଖେଳ ତାଲିମ ପ୍ରଦାନ କରିଥିଲେ।ଲମ୍ବ ଡିଆଁ, ଉଚ୍ଚ ଡିଆଁ,ପେଣ୍ଟୁ ଫିଙ୍ଗା, ଯେଭିଲିନ ଫିଙ୍ଗା,ମ୍ୟୁଜିକ ଚେୟାର, ଗୋଳା ଫିଙ୍ଗା, ଥାଳିଆ ଫିଙ୍ଗା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଶିଶୁମନ୍ଦିରର ସଭାପତି ପ୍ରମଥ କୁମାର ଜେନା, ପ୍ରଧାନ ଆଚାର୍ଯ୍ୟ ପ୍ରଭାକର ବେହେରା ପ୍ରମୁଖ ପିଲାମାନଙ୍କୁ ଉତ୍ସାହିତ କରିଥିଲେ। ସମ୍ପାଦକ ରଞ୍ଜନ କୁମାର ବେହେରା କ୍ରୀଡା ଦ୍ୱାରା ଶାରୀରିକ ସୁସ୍ଥତା ସଦା ବଜାଇ ରହିଥାଏ ବୋଲି କହିଥିଲେ।

# ପିଲାଙ୍କ ମୁଖରେ ହସ ଫୁଟାଇବାରେ ରହିଛି ନିଆରା ଆନନ୍ଦ : ଶ୍ରୀବିଦ୍ୟା ଟ୍ରଷ୍ଟ

ଉଦଳା , ୧୨/୧୨ (ନି.ପ୍ର): ଶ୍ରୀବିଦ୍ୟା ମେମୋରିଆଲ ଟ୍ରଷ୍ଟ ତରଫରୁ ବର୍ଷ ତମାମ ବିଭିନ୍ନ ପ୍ରକାର କାର୍ଯ୍ୟକ୍ରମ ଜାରି ରହିଛି । ବୃକ୍ଷ ରୋପଣ, ରକ୍ତଦାନ ସହିତ ଅଙ୍ଗଦାନ ପାଇଁ ସଚେତନତାର ବାର୍ତ୍ତା ବାଂଟିବା ଟ୍ରଷ୍ଟର ମୁଖ୍ୟ କାର୍ଯ୍ୟକ୍ରମ ହୋଇଥିବା ବେଳେ ଅନାଥ, ଗରିବ ଓ ଛୋଟ ପିଲାଙ୍କ ମୁଖରେ ହସ ଫୁଟାଇବା ସହିତ ସେମାନଙ୍କ ଗହଣରେ ସମୟ ବିତାଇବା ଏହିଭଳି ଏକ କାମ ମଧ୍ୟ ହାତକୁ ନିଆଯାଇଛି । ଏଥିପାଇଁ ନିକଟରେ ମଧୁପୁର ସ୍ଥିତ ଅଙ୍ଗନୱାଡ଼ିକେନ୍ଦ୍ର ଠାରେ ଟ୍ରଷ୍ଟ ତରଫରୁ ପିଲାଙ୍କୁ ନୂତନ ପୋଷାକ ଓ ମିଷ୍ଟାନ ବଂଟନ ର ପର୍ବ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ଟ୍ରଷ୍ଟର ପ୍ରତିଷ୍ଠାତା ଦୁଳମଣି ପୁହାଣ ଓ ସୁଭଦ୍ରା ରାଉତ ନିଜେ ଉପସ୍ଥିତ ଥିଲେ । ପିଲାଙ୍କ ସହିତ ସମୟ ବିତାଇବା ଓ ତାଙ୍କର ଖୁସିରେ ଖୁସି ହେବାରେ ଏକ ନିଆରା ଆନନ୍ଦ ମାନସପଟରେ ଭରି ଯାଇଥାଏ ବୋଲି ସେମାନେ କହିଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida